# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, December 14/2023 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 21 | ମୂଲ୍ୟ₹୭/-





# ସଂସଦ ସୁରକ୍ଷା: ବିନା ନିଯୁକ୍ତିରେ ୧୦ ବର୍ଷ

**ଭାରତୀୟ ପାର୍ଲାମେଣ୍ଟକୁ ଗଣତନ୍ତ୍ରର ମନ୍ଦିର ଆଖ୍ୟା ଦିଆଯାଇଛି। ସାରା ଦେଶର ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଏଠାରେ ନିଜ ନିଜ ଅଞ୍ଚଳର ସମସ୍ୟା ଓ ଜାତୀୟ ପ୍ରସଙ୍ଗ ଉଠାଇଥାଆନ୍ତି। ୨୦୦୧ରେ ପୁରୁଣା ପାର୍ଲାମେଣ୍ଟ ଉପରେ ପାକିସ୍ତାନୀ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେହି ପାର୍ଲାମେଣ୍ଟ ହାଉସ୍ ଏବେ ଇତିହାସ ପାଲଟିଯାଇଥିବାବେଳେ ୨୦୨୩ ମେ' ୨୮ରେ ଉଦ୍‌ଘାଟିତ ନୂଆ ସଂସଦ ଭବନରେ ବୁଧବାର ଅନୁପ୍ରବେଶକାରୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ପୂର୍ବ ଆକ୍ରମଣର ୨୨ ବର୍ଷ ପରେ ବି ଲୋକେ କାଣ୍ଡ ଭିଆଇବାକୁ ଦୁଃସାହସ କରୁଛନ୍ତି। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂସଦର ସୁରକ୍ଷା ପାଇଁ କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯିବା ଏହାର ଅନ୍ୟତମ କାରଣ ହୋଇପାରେ।**


ପାର୍ଲାମେଣ୍ଟ ଆକ୍ରମଣର ୨୨ ବର୍ଷ ପୂର୍ତ୍ତି ଅବସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଅଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।

- ଇଣ୍ଡିଆ ବ୍ଲକ୍‌ର ବୈଠକ ଆଜି
- ଶାହାଙ୍କୁ ବିବୃତି ମାଗିଲେ ବିରୋଧୀ

ନୂଆଦିଲ୍ଲୀ, ୧୩।୧୨

ପାର୍ଲାମେଣ୍ଟ ସୁରକ୍ଷାରେ ବୁଧବାର ଦେଖାଦେଇଥିବା ବଡ଼ ଧରଣର ତ୍ରୁଟିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ଏନେଇ ଗୁରୁବାର ସକାଳେ ଏକ ବୈଠକ କରାଯିବ। ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ବିରୋଧୀ ନେତାମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକରେ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟର ସୁରକ୍ଷାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ୨ ଅଭିଯୁକ୍ତ ଡି. ମନୋରଞ୍ଜନ ଓ ସାଗର ଶର୍ମାଙ୍କୁ ଲୋକ ସଭା ଭିଜିଟର୍ସ ଗ୍ୟାଲେରିରେ ବସିବା ଲାଗି ୪୫ ମିନିଟ୍ ପାଇଁ ଅନୁମତି ମିଳିଥିଲା। କିନ୍ତୁ ଦୁହେଁ ସେଠାରେ ପ୍ରାୟ ୨ ଘଣ୍ଟା ଧରି ରହିଥିଲେ, ଯାହାକି ନିୟମର ଉଲ୍ଲଂଘନ। ସଂସଦର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ଭିଜିଟର୍ସ ଗ୍ୟାଲେରିରୁ ଦର୍ଶକମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। କିନ୍ତୁ ବୁଧବାର ସିକ୍ୟୁରିଟି ଷ୍ଟାଫ୍‌ଙ୍କ ଉପସ୍ଥିତି ନଗଣ୍ୟ ଥିଲା। ସ୍ପେଶାଲ ଡାଇରେକ୍ଟର (ସିକ୍ୟୁରିଟି)ଙ୍କଠୁ ନେଇ ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୨ ପର୍ଯ୍ୟନ୍ତ ପ୍ରାୟ ୩୦୧ ଜଣ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ୧୭୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଅବଶିଷ୍ଟ ୧୨୫ ପଦବୀ ଖାଲି ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଲି ପଡ଼ିଥିବା ପଦବୀ ମଧ୍ୟରୁ ସର୍ବାଧିକ ହେଉଛି ଏଣ୍ଟ୍ରି-ଲେଭେଲ ପୋଷ୍ଟ। ମଞ୍ଜୁର ହୋଇଥିବା ୭୨ ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୨ କର୍ମଚାରୀଙ୍କ ସ୍ଥାନରେ କେବଳ ୯ ଜଣଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୧ ପଦରେ ୬୯ ଜଣଙ୍କୁ ନିଯୁକ୍ତି ମିଳିବା ସ୍ଥାନରେ ରହିଛନ୍ତି ମାତ୍ର ୨୪ ଜଣ। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାହାକୁ ନିଯୁକ୍ତି ଦିଆଯାଇ ନ ଥିବା ସୂତ୍ରରୁ ଜଣାପଡ଼ିଛି। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୨୨ ବର୍ଷ ପୂର୍ତ୍ତି ଅବସରରେ ଘଟିଥିବା ଏହି କାଣ୍ଡ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ କଡ଼ା ବନ୍ଦୋବସ୍ତ କରାଯିବ ବୋଲି ସର୍ବଦଳୀୟ ବୈଠକରେ ବାଚସ୍ପତି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ପାର୍ଲାମେଣ୍ଟ ହାଉସ୍ ପରିସରରେ ଭିଜିଟର୍ସଙ୍କ ପ୍ରବେଶକୁ ବନ୍ଦ କରିଦିଆଯାଇଛି।

ଟିଏମ୍‌ସି ନେତା ସୁଦୀପ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଗୁରୁବାର ସକାଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ବୈଠକ କରିବେ। ସଂସଦ ସୁରକ୍ଷାରେ ତ୍ରୁଟିକୁ ନେଇ ଉକ୍ତ ବୈଠକରେ ଆଲୋଚନା ହେବ। ସେମାନେ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରିବା ନେଇ ଚିନ୍ତା କରୁଛନ୍ତି। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଏପରି ଘଟି ନ ଥାଆନ୍ତା। ଏଥପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ବିବୃତି ରଖନ୍ତୁ ବୋଲି କଂଗ୍ରେସ କହିଛି। ଅନ୍ୟ ଦଳଗୁଡ଼ିକର ସଦସ୍ୟମାନେ ମଧ୍ୟ ଶାହାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

### ଗିରଫ

ଡି. ମନୋରଞ୍ଜନ (ମହୀଶୂର, କର୍ନାଟକ)
ସାଗର ଶର୍ମା (ଲକ୍ଷ୍ନୌ, ଉତ୍ତର ପ୍ରଦେଶ)
ନୀଲମ ଦେବୀ (ହିସାର, ହରିୟାଣା)
ଅମୋଲ ସିନ୍ଧେ (ଲାତୁର, ମହାରାଷ୍ଟ୍ର)

## ନଡ଼ାପୋଡ଼ି ବନ୍ଦକର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୧୨ (ପି.ଟି.)



ଦିଲ୍ଲୀ-ଏନ୍‌ସିଆର୍‌ରେ ବଢ଼ୁଥିବା ବାୟୁ ପ୍ରଦୂଷଣକୁ ନେଇ ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଦୂଷଣ ରୋକିବା ପାଇଁ ନଡ଼ାମୂଳି ପୋଡ଼ିବା ବନ୍ଦ କରାଯିବା ଜରୁରୀ। ପ୍ରତି ଶୀତଋତୁରେ ଲୋକେ ଯେପରି ସମାନ ଅସୁବିଧା ନ ଭୋଗିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ସମସ୍ୟାର ବିଚାରବିଭାଗୀୟ ନିରୀକ୍ଷଣର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୂଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଏ ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି କରି କହିଛନ୍ତି, ଚାଷଜମିର ନିଆଁ ଏବେ ବି ଉଦ୍‌ବେଗର ବିଷୟ। ଏହାକୁ ରୋକିବା ପାଇଁ ପଞ୍ଜାବ ଓ ହରିୟାଣାର ସରକାରମାନେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ।

## ବିଷ୍ଣୁ, ମୋହନ ଶପଥ ନେଲେ


ବିଷ୍ଣୁ ଦେଓ ସାଏ


ମୋହନ ଯାଦବ

ରାୟପୁର/ ଭୋପାଲ, ୧୩।୧୨ (ପି.ଟି.)

ଛତିଶଗଡ଼ ଭାଜପା ବିଧାୟକ ଦଳ ନେତା ବିଷ୍ଣୁ ଦେଓ ସାଏ ବୁଧବାର ରାଜ୍ୟର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ରାୟପୁରରେ କୁନ୍‌କୁରି ବିଧାୟକ ବିଷ୍ଣୁଙ୍କୁ ରାଜ୍ୟର ୪ର୍ଥ ମୁଖ୍ୟମନ୍ତ୍ରୀ ଏବଂ ଭାଜପା ମୁଖ୍ୟ ଅରୁଣ ସାଓ ଓ ବିଧାୟକ ବିଜୟ ଶର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ରୂପେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେହିପରି ଭୋପାଳର ଲାଲ ପରେଡ୍ ଗ୍ରାଉଣ୍ଡରେ ଉଜ୍ଜୟିନୀ ଦକ୍ଷିଣ ଏମ୍‌ଏଲ୍‌ଏ ତଥା ଭାଜପା ବିଧାୟକ ଦଳ ନେତା ମୋହନ ଯାଦବ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ରୂପେ ରାଜ୍ୟପାଳ ମଙ୍ଗୁଭାଇ ପଟେଲ ଶପଥ ପାଠ କରାଇଛନ୍ତି। ତାଙ୍କ ସହ ମହଲଗଡ଼ ବିଧାୟକ ଜଗଦୀଶ ଦେବଡ଼ା ଓ ରେୱା ବିଧାୟକ ରାଜେନ୍ଦ୍ର ଶୁକ୍ଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ ଓ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ।




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ | Bhubaneswar, Thursday, December 14/2023 | ପୃଷ୍ଠା-୧

# ଭାଜପା ଏମ୍‌ପିଙ୍କ ପାସ୍‌ରେ ପଶିଲେ

**ନୂଆଦିଲ୍ଲୀ, ୧୩।୧୨**

ବୁଧବାର ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ବର୍ଷପୂର୍ତ୍ତି ଦିନ ନବନିର୍ମିତ ସଂସଦ ଭବନର ସୁରକ୍ଷାରେ ବଡ଼ଧରଣର ବିଭ୍ରାଟ ପରିଲକ୍ଷିତ ହୋଇଛି। ମହୀଶୂରର ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ପାସ୍‌ରେ ଲୋକ ସଭାକୁ ପ୍ରବେଶ କରି ୨ ଜଣ ବିକ୍ଷୋଭକାରୀ ଆତଙ୍କ ଖେଳାଇଥିଲେ। ଲୋକ ସଭାର ଶୂନ୍ୟକାଳରେ ପବ୍ଲିକ୍ ଗ୍ୟାଲେରିରୁ ଉଭୟେ ହଠାତ୍ ଚାମ୍ବରକୁ ଡେଇଁ ଧାଇଁବାରେ ଲାଗିଲେ। ସେମାନେ କ୍ୟାନିଷ୍ଟର (ଡବା)ରୁ ହଳଦିଆ ଗ୍ୟାସ୍ ଛାଡ଼ିଥିଲେ। ଏଥିସହ ଚିତ୍କାର କରି ସ୍ଲୋଗାନ ଦେଇଥିଲେ 'ଏକଛତ୍ରବାଦ ଚଳିବ ନାହିଁ'। ଏମ୍‌ପିମାନେ ଉଭୟଙ୍କୁ କାବୁ କରିବା ପରେ ସୁରକ୍ଷା କର୍ମୀଙ୍କୁ ଜିମା ଦେଇଥିଲେ। ସମାନ ସମୟରେ ପାର୍ଲାମେଣ୍ଟ ପରିସର ବାହାରେ ଜଣେ ମହିଳା ଓ ଅନ୍ୟ ଜଣେ ଯୁବକ ଅନୁରୂପ ସ୍ଲୋଗାନ ଦେଇ ଗ୍ୟାସ୍ ଛାଡ଼ିଥିଲେ। ପୋଲିସ ୪ ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି। ବାଚସ୍ପତି ଓମ୍ ବିର୍ଲା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏମ୍‌ପିମାନଙ୍କୁ ନେଇ ଜରୁରୀ ବୈଠକ କରିଛନ୍ତି।

୨ ବିକ୍ଷୋଭକାରୀ ଲୋକ ସଭାର ଡେସ୍କଗୁଡ଼ିକ ଉପରେ ଡେଇଁ 'ତାନାଶାହି ନେହିଁ ଚଲେଗା', 'ଭାରତ ମାତା କୀ ଜୟ' ଏବଂ 'ଜୟ ଭୀମ ଜୟ ଭାରତ' ସ୍ଲୋଗାନ ଉଠିଥିବାବେଳେ ଆର୍‌ଏଲପି ସଦସ୍ୟ ହନୁମାନ ପ୍ରସାଦ ବେନିୱାଲ ଏବଂ ଅନ୍ୟ ଏମ୍‌ପିମାନେ ଉଭୟଙ୍କୁ ନିସ୍ତୁକ ମାଡ଼ ମାରୁଥିବାବେଳର ଦୃଶ୍ୟ ଦେଖିବାକୁ ମିଳିଥିଲା। ଜେଡିୟୁ ସଦସ୍ୟ ରାମପ୍ରୀତ ମଣ୍ଡଳ କହିଥିଲେ, ବିକ୍ଷୋଭକାରୀ ଦ୍ୱୟ ନିଜ ଜୋତାରେ କ୍ୟାନିଷ୍ଟର ଆଣିଥିଲେ। ସେଥିରୁ ଦୁହେଁ ଲୋକ ସଭା ଚାମ୍ବରରେ ହଳଦିଆ ରଙ୍ଗର ଗ୍ୟାସ୍ ଛାଡ଼ିଥିଲେ। ଟିଏମ୍‌ସି ସଦସ୍ୟ ସୁଦୀପ ବନ୍ଦ୍ୟୋପାଧ୍ୟାୟ ଲୋକ ସଭାର ସୁରକ୍ଷାରେ ଏତେ ବଡ଼ ବିଭ୍ରାଟ କିପରି ହେଲା ବୋଲି ପ୍ରଶ୍ନ କରିଥିଲେ। କଂଗ୍ରେସର କାର୍ତ୍ତି ଚିଦାମ୍ବରମ୍ ଏହା ବିଷାକ୍ତ ଗ୍ୟାସ୍ ହୋଇଥାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିବାବେଳେ ଡିଏମ୍‌କେ ସଦସ୍ୟ ଡିଏନ୍‌ଭି ସେନ୍ଥିଲ କୁମାର 'ସୁରକ୍ଷା ସହ ସାଲିସ କରାଯାଇଛି' ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀଙ୍କ ମତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବଡ଼ ବଡ଼ ଭାଷଣ ଦେଉଛନ୍ତି। କିନ୍ତୁ ପାର୍ଲାମେଣ୍ଟ ଭିତରେ ସୁରକ୍ଷା ବଜାୟ ରଖିପାରୁ ନାହାନ୍ତି। ତେଣୁ ସେ ଇସ୍ତଫା ଦେବା ଜରୁରୀ।

୨୦୦୧ ଡିସେମ୍ବର ୧୩ରେ ପାର୍ଲାମେଣ୍ଟରେ ପାକିସ୍ତାନର ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଥିଲା ଏହାର ୨୨ତମ ବର୍ଷ ପୂର୍ତ୍ତି। ଏଥିସକାଶେ ଆତଙ୍କବାଦୀଙ୍କ ସହ ଲଢ଼ି ପ୍ରାଣବଳି ଦେଇଥିବା ପାର୍ଲାମେଣ୍ଟ ସୁରକ୍ଷା ସେବା, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଦିଲ୍ଲୀ ପୋଲିସର କର୍ମଚାରୀମାନଙ୍କୁ ବାଚସ୍ପତି ଓ ଏମ୍‌ପିମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଲୋକ ସଭାରେ ଶୀତ ଅଧିବେଶନର ଅଷ୍ଟମ ଦିନ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ☞ପୃଷ୍ଠା-୨



୨ ବିକ୍ଷୋଭକାରୀ ବୁଧବାର ଲୋକ ସଭାରେ ପଶି କ୍ୟାନ୍‌ରୁ ଛାଡ଼ିଥିବା ହଳଦିଆ ଧୂଆଁ।

## ଗୁରୁଗ୍ରାମର ଭଡ଼ାଘରୁ ହୋଇଥିଲା ଯୋଜନା

୨ ବିକ୍ଷୋଭକାରୀଙ୍କ ମଧ୍ୟରୁ ଡି. ମନୋରଞ୍ଜନ ମହୀଶୂର ଲୋକ ସଭା ନିର୍ବାଚନମଣ୍ଡଳୀର ବାସିନ୍ଦା। ସାଗର ଶର୍ମା ମନୋରଞ୍ଜନଙ୍କ ବନ୍ଧୁ ବୋଲି ଜଣାପଡ଼ିଛି। ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ଅନୁରୋଧ କ୍ରମେ ବୁଧବାର ୩ଟି ପାସ୍ ଜାରି କରାଯାଇଥିଲା। ଅନ୍ୟ ଜଣେ ମହିଳା ମଧ୍ୟ ଲୋକ ସଭାକୁ ଆସିଥିଲେ। ତେବେ ନିଜ ପିଲାକୁ ସାଙ୍ଗରେ ନେଇ ଆସିଥିବା ମହିଳାଙ୍କ ପାସ୍‌ରେ ତାଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା। ଫଳରେ ସେ ଫେରିଯାଇଥିଲେ। ମନୋରଞ୍ଜନ ଏହି ପାସ୍ ପାଇବା ପାଇଁ ପ୍ରତାପଙ୍କ ଅଫିସରେ ୩ ମାସ ଧରି ଉଦ୍ୟମ କରିଆସୁଥିଲେ। ଏହି ଯୋଜନାବଦ୍ଧ କାଣ୍ଡରେ ମୋଟ ୬ ଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇଥିଲେ। ବିକ୍ଷୋଭକାରୀମାନେ ପରସ୍ପରକୁ ୪ ବର୍ଷ ହେଲା ଜାଣିଛନ୍ତି। ଏମାନେ ସମସ୍ତେ କିଛି ବର୍ଷ ହେଲା ଗୁରୁଗ୍ରାମର ଏକ ଭଡ଼ାଘରେ ରହୁଥିଲେ। ସେଠାରୁ ଏହି କାଣ୍ଡ ପାଇଁ ଯୋଜନା ହୋଇଥିବା ଦିଲ୍ଲୀ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସାଗର ସୋସିଆଲ ମିଡିଆରେ ନିଜ ଶେଷ ପୋଷ୍ଟରେ ଲେଖିଥିଲେ, 'ଜିତିବା ହାରିବା ବଡ଼ କଥା ନୁହେଁ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଦ୍ୟମ ଜାରି ରଖିବା।' ସେମାନେ କାହା ନିର୍ଦ୍ଦେଶରେ ଏହି କାଣ୍ଡ ଭିଆଇଛନ୍ତି ତାହା ଜାଣିବା ପାଇଁ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତନାଘନା ଚଳାଇଛନ୍ତି।

## ପୁଟିନ୍ ସହଯୋଗୀଙ୍କ ରହସ୍ୟଜନକ ମୃତ୍ୟୁ



ଆନ୍ନା ସରେଭା

**ମସ୍କୋ, ୧୩।୧୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରିୟ ଖବରକାଗଜର ଡେପୁଟି ଏଡିଟର-ଇନ୍ ଚିଫ୍ ଆନ୍ନା ସରେଭାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ୩୫ ବର୍ଷୀୟା ଆନ୍ନାଙ୍କ ମୃତଦେହ ମସ୍କୋର ବୋଲ୍‌ଶୋୟ ଟିଶିନ୍‌ସ୍କି ଲେନ୍ ବାସଭବନରେ ଠାବ ହୋଇଛି। ଆନ୍ନା 'କୋମ୍‌ସୋମୋଲ୍‌ସ୍କାୟା ପ୍ରଭ୍‌ଡା'ର ୱେବ୍‌ସାଇଟ୍ କଣ୍ଟେଣ୍ଟ ଦାୟିତ୍ୱରେ ଥିଲେ ଏବଂ ୟୁକ୍ରେନ୍ ବିରୋଧରେ ପୁଟିନ୍‌ଙ୍କ ଯୁଦ୍ଧ ଉପରେ ଲେଖୁଥିଲେ। 'କୋମ୍‌ସୋମୋଲ୍‌ସ୍କାୟା ପ୍ରଭ୍‌ଡା' ରୁଷିଆର ଏକ ବହୁଳ ପ୍ରସାରିତ ଖବରକାଗଜ ହୋଇଥିବାବେଳେ ଏହାର ୱେବ୍‌ସାଇଟ୍‌ର ୮୩.୯ ନିୟୁତ ପାଠକ ରହିଛନ୍ତି। ପୁଟିନ୍ ଏହି ଖବରକାଗଜକୁ ନିଜର ପ୍ରିୟ ବୋଲି କହୁଥିବା ୟୁରୋପୀୟ କମିଶନର ଏକ ଦସ୍ତାବିଜରେ ଉଲ୍ଲେଖ ରହିଛି। ଖବରକାଗଜର ମୁଖ୍ୟ ସମ୍ପାଦକ ଭ୍ଲାଡିମିର ସୁଙ୍ଗୋରକିନ୍ (୬୮)ଙ୍କ ମୃତ୍ୟୁର ପ୍ରାୟ ବର୍ଷେ ☞ପୃଷ୍ଠା-୨

## ଫେବୃୟାରୀ ୨୦ରୁ ମାଟ୍ରିକ୍ ପରୀକ୍ଷା

**ପରୀକ୍ଷା ପରିଚାଳନାରେ ବ୍ୟବହାର ହେବ ଏଆଇ**

**କଟକ, ୧୩।୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚଳିତ ମାଟ୍ରିକ୍ ପରୀକ୍ଷା ୨୦୨୪ ଫେବୃୟାରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୋଟ୍ ୫ ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରୀଛାତ୍ର ଏଥିପାଇଁ ଫର୍ମପୂରଣ କରିଛନ୍ତି। ୨୯୯୧ କେନ୍ଦ୍ରରେ ପରୀକ୍ଷା ହେବ। ପ୍ରଶ୍ନପତ୍ର ରଖିବା ନିମନ୍ତେ ୩୧୩ ନୋଡାଲ ସେଣ୍ଟର କରାଯିବ। ପରୀକ୍ଷା ସୁପରିଚାଳନା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପରୀକ୍ଷା ପ୍ରଥମ ଦିନ ୨୦ ତାରିଖରେ ମାତୃଭାଷା, ୨୩ରେ ଇଂଲିଶ, ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ୪ ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଏକାକୀ ବୃଦ୍ଧ**

## ରେଳ ପ୍ଲାଟ୍‌ଫର୍ମରେ ଭୁଶୁଡ଼ିଲା ପାଣିଟାଙ୍କି, ୩ ମୃତ

**କୋଲକାତା, ୧୩।୧୨ (ପି.ଟି.)**

ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳଷ୍ଟେଶନରେ ସଂଯୁକ୍ତ ହୋଇ ରହିଥିବା ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମ ଉପରେ ବୁଧବାର ଏକ ବୃହତ୍ ଓଭରହେଡ୍ ପାଣିଟାଙ୍କି ଭୁଶୁଡ଼ିପଡ଼ିବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଘଟଣା ପରେ ଆହତମାନଙ୍କୁ ବର୍ଦ୍ଧମାନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କୁ ମଧ୍ୟରୁ ୨ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୋନାରାମ ଟୁଡୁ, କାନ୍ତି ବାହାଦୁର ଏବଂ ମଫିଜା ଖାତୁନ। ଘଟଣାର କିଛି ସମୟରେ ଏକ ପାସେଞ୍ଜର ଟ୍ରେନ୍ ୨ ନମ୍ବର ପ୍ଲାଟ୍‌ଫର୍ମକୁ ଆସିବାକୁ ଥିବାରୁ ତୁରନ୍ତ ତାହାକୁ ଅନ୍ୟ ପ୍ଲାଟଫର୍ମକୁ ଦିଗ ପରିବର୍ତ୍ତନ କରାଯାଇଥିଲା। ଘଟଣାକୁ ନେଇ ରେଲୱେ ପକ୍ଷରୁ ୩ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହ ୧, ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି।

ମୃତାହତଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯାତ୍ରୀ। ସେମାନେ ଟ୍ରେନକୁ ଅପେକ୍ଷା କରି ପ୍ଲାଟ୍‌ଫର୍ମ ଶେଡ୍ ତଳେ ବସି ରହିଥିବାବେଳେ ଏହି ଅଘଟଣ ଘଟିଛି। ସାମାନ୍ୟ ଆହତଙ୍କୁ ଚିକିତ୍ସା କରାଯାଇ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ପୂର୍ବ ବର୍ଦ୍ଧମାନ ଜିଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ରେଲୱେ ପକ୍ଷରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଏବଂ ସମାନ୍ୟ ଆହତଙ୍କ ନିମନ୍ତେ ୫ ହଜାର ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରାଯାଇଛି। ପଶ୍ଚିମବଙ୍ଗ ପୋଲିସର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଘଟଣାକୁ ନେଇ ଏକ ଏଫ୍‌ଆଇଆର୍ ରୁଜୁ ହେବା ସହ ଯଥାଶୀଘ୍ର ତଦନ୍ତ କରାଯିବ। ପୋଲିସ ଅଫିସରମାନେ ବର୍ଦ୍ଧମାନ ହସ୍ପିଟାଲରେ ଆହତମାନଙ୍କ ବୟାନ ରେକର୍ଡ କରୁଥିବା ସେ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଏଚ୍.କେ. ଦ୍ୱିବେଦୀ ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସହଯୋଗ ଓ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଜଣେ ପୋଲିସ ଅଧିକାରୀ କହିଛନ୍ତି, ପାଣିଟାଙ୍କିଟି ମେଟାଲ ସିଟ୍‌ରେ ତିଆରି ହୋଇଛି। ଏହାର ଠିକ୍ ଭାବେ ରକ୍ଷଣାବେକ୍ଷଣା ହେବା କଥା। ଏଠାରେ ସେଫ୍ଟି ଅଡିଟ୍ ହୋଇଛି କି ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଯଦି ଏହି ଟାଙ୍କି କଂକ୍ରିଟ୍‌ରେ ତିଆରି ହୋଇଥାନ୍ତା ତା'ହେଲେ ଅଧିକ କ୍ଷତି ଘଟିଥାନ୍ତା ବୋଲି ସେ କହିଛନ୍ତି। ସୂଚନାଥାଉ କି ୨୦୨୦ ଜାନୁୟାରୀରେ ଏହି ଷ୍ଟେଶନର ପୁରୁଣା ବିଲ୍ଡିଂର କଂକ୍ରିଟ୍ ଷ୍ଟ୍ରକଚର ଭୁଶୁଡ଼ିବାରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

## ରାଜ୍ୟରେ ଅନ୍‌ଲାଇନରେ ଚାଲୁଛି ଡ୍ରଗ୍ସ କାରବାର

**ସ୍ୱିଗି ପରି ଫୁଡ୍ ଡେଲିଭରି ସଂସ୍ଥାକୁ ବ୍ୟବହାର କରାଯାଉଛି**

**ଭୁବନେଶ୍ୱର, ୧୩।୧୨ (ଅସମାପିକା ସାହୁ)**

ଓଡ଼ିଶାରେ ଅନ୍‌ଲାଇନରେ ଡ୍ରଗ୍ସ କାରବାର ଚାଲୁଛି। ସ୍ୱିଗି ପରି ଫୁଡ୍ ଡେଲିଭରି ସଂସ୍ଥାକୁ ଡ୍ରଗ୍ସ ମଗାଇବାରେ ବ୍ୟବହାର କରାଯାଉଛି। ସେମାନେ ଯୋଗାଉଥିବା ପ୍ୟାକେଟରେ କ'ଣ ଅଛି, ତାହା ପଚାରିବାର ଅଧିକାର ସ୍ୱିଗିର ନାହିଁ। ପୂର୍ବରୁ କେବଳ ସହରରେ ଡ୍ରଗ୍ସ ମିଳୁଥିଲା। ହେଲେ ତାହା ଏବେ ଉପାନ୍ତକୁ ବ୍ୟାପିଗଲାଣି ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏ ନେଇ ନିଶାମୁକ୍ତ ଭାରତ ଅଭିଯାନ ରାଜ୍ୟ କମିଟିର ପ୍ରଥମ ରାଜ୍ୟସ୍ତରୀୟ ବୈଠକରେ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ କମିଶନର କହିଛନ୍ତି, ପୂର୍ବରୁ କେବଳ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ର ଡ୍ରଗ୍ସ ନେଉଥିଲେ। ଏବେ ତାହା ସବୁ କଲେଜକୁ ବ୍ୟାପିଲାଣି। ତେବେ ଏନ୍‌ଫୋର୍ସମେଣ୍ଟ ବଢ଼ିଥିବାରୁ ପ୍ରତିବର୍ଷ ସିଜର ବଢୁଛି। ଭାରତକୁ ନିଶାମୁକ୍ତ କରିବା ପାଇଁ କମିଟିକୁ ଯୁବପିଢ଼ିଙ୍କ ସମେତ ସ୍କୁଲ କଲେଜ ଯାଇ ପିଲାମାନଙ୍କୁ ସଚେତନ କରିବାକୁ ପଡ଼ିବ ବୋଲି ପୋଲିସ କମିଶନର ପ୍ରକାଶ କରିଛନ୍ତି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ଏହି ରାଜ୍ୟ କମିଟି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଅଧ୍ୟକ୍ଷତା କରିଥିଲେ। ପୋଲିସ କମିଶନର ପ୍ରିୟଦର୍ଶୀ ବୈଠକରେ ଯୋଗଦେଇ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ନିଶାସେବନରୁ ବିରତ ରହିବାକୁ ବ୍ୟାପକ ହସ୍ତକ୍ଷେପର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ ଓଡ଼ିଶାରେ ନିଶାଦ୍ରବ୍ୟ ଜବତ ମାମଲାର ବିବରଣୀ ଉପସ୍ଥାପନା କ୍ରମେ ନିଶାଦ୍ରବ୍ୟ ସେବନକୁ ପ୍ରତିହତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରମୁଖ ଶାସନ ସଚିବ ସେଠୀ ବ୍ୟାପକ ସଚେତନତା ନିମନ୍ତେ ସୋସିଆଲ ମିଡିଆ ଅଭିଯାନକୁ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନରେ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ର ଓ ଯୁବଗୋଷ୍ଠୀ, ଯୁବନେତୃତ୍ୱ, କ୍ରୀଡ଼ାବିତ୍ ଓ ନାଗରିକ ସମାଜର ସହଯୋଗ ଅପରିହାର୍ଯ୍ୟ ବୋଲି ସଚିବ ଉଲ୍ଲେଖ କରିଥିଲେ।

ଉଚ୍ଚଶିକ୍ଷା, ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅବକାରୀ, ପୋଲିସ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ, ରାମକୃଷ୍ଣ ମିଶନର କର୍ମକର୍ତ୍ତା, ଆଇନ୍‌ଜୀବୀ ଏବଂ ସାମାଜିକକର୍ମୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲାରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଚଳିତବର୍ଷ ତାହା ୩୦ଟି ଜିଲାକୁ ସମ୍ପ୍ରସାରିତ ହୋଇଛି। ୧୦ଟି ଜିଲାରେ ସଚେତନତା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"କଂଗ୍ରେସ ଅମଳରେ ରାଜସ୍ଥାନରେ ମହିଳା ଓ ଦଳିତମାନେ ସର୍ବାଧିକ ଆକ୍ରମଣର ଶିକାର ହୋଇଥିଲେ। ରାଜ୍ୟର ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ଭାଜପା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ। –ପ୍ରେମଚନ୍ଦ ବୈରୱା, ରାଜସ୍ଥାନର ଭାବି ଉପମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ବାଜିଲା ମହୁରୀ ବାଜିଲା**
**ବାଜିଲା ଯୋଡ଼ି ମହୁରୀ**
**ଗୋରୀ ହାତ ପାନ ବଡ଼ ସୁଆଦ**
**ମନରୁ ଯିବ କି ଭୁଲି ?**

ଯାହା ସହ ଯାହା ମନ ଥରେ ମିଶିଯାଏ ସେ ତା' ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା'ରି ମୁହଁ ଦେଖାଯିବା ସହ ତା'ରି କଥା ଭାବିହେଉଥାଏ। ପ୍ରେମିକା ସ୍ମୃତିରେ ଅଧିର ହୋଇପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡାରି ପାଣି ଟାଣ ଯାଉଛି ବୋହି**
**ନିଘୋଡ଼ ନିଦରେ ପଡୁଛି ଶୋଇ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ବସି ରହୁଥିବାର ଦେଖିବାକୁ ମିଳିଥାଏ। ବିପଦକୁ ହେୟ ମନେକରିବା ସହ ନିଜ ଭିତରେ ନିଜେ ମସ୍‌ଗୁଲ ହୋଇ ସମୟ ନଷ୍ଟ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ବିପଦ ବେଳେ ଖାମଖିଆଲ ଭାବ ଦେଖାଉଥିବା ଏପରି ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କାର୍ -ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

**ସୁନ୍ଦରଗଡ଼/ ଲେଫ୍ରିପଡା, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି/ ଦେଶ ରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଏମ୍‌ସିଏଲ ରାସ୍ତାର ବରହାଖାଇ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଏବଂ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ଦ୍ର ମହାନ୍ଦିଆ ଓ ରିକାଶ ନାଏକ। ସେମାନେ ଉଜ୍ଜଳପୁର ଟିପିଡବ୍ଲ୍ୟୁର କର୍ମଚାରୀ ବୋଲି ଜଣାପଡିଛି। କ୍ଷତିପୂରଣ ଦାବି, ହମ୍ପସ ଓ ସୁରକ୍ଷାକର୍ମୀ ମୁତୟନ ପାଇଁ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି। ବିଧାୟିକା କୁସୁମ ଟେଟେ ଓ ଟାଙ୍ଗରପାଲି ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖବର ଲେଖା ହେବା ସୁଦ୍ଧା (ରାତି ୮ଟା) ଆନ୍ଦୋଳନ ଜାରି ରହିଛି।

# ୨୦୦ କୁଇଣ୍ଟାଲ ଚାଉଳ ଗାଏବ

- ୩ ମାସ ହେଲା ହିତାଧିକାରୀଙ୍କୁ ମିଳିନି
- ରିପୋର୍ଟ ମାଗିଲେ ବିଡିଓ

**ହାଟଡ଼ିହୀ, ୧୩।୧୨ (ଶୁଭକାନ୍ତ ନାୟକ)**


କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ୬ ପଞ୍ଚାୟତରେ ଗତ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୩ ମାସର ଚାଉଳ ହିତାଧିକାରୀଙ୍କୁ ଅଦ୍ୟାବଧି ମିଳିନାହିଁ। ହିତାଧିକାରୀଙ୍କ ପାଇଁ ଆସିଥିବା ପ୍ରାୟ ୨୦୦ କୁଇଣ୍ଟାଲ ଚାଉଳ ହେରଫେର ହୋଇଥିବା ଜଣାପଡ଼ିଛି। ଏ ବାବଦରେ ଅଭିଯୋଗ ପରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ତନାଘନା ଆରମ୍ଭ କରିଛନ୍ତି। ବିଡିଓଙ୍କ ସୂଚନା ଅନୁଯାୟୀ, ବ୍ଲକ୍ ଅଧୀନ ୩୧ ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଚାଉଳ ଉଠାଣ ହୋଇଥିଲା। ମାତ୍ର ୬ ପଞ୍ଚାୟତର ହିତାଧିକାରୀଙ୍କୁ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସର ଚାଉଳ ବଣ୍ଟନ ହୋଇନି। ମାତ୍ର ଆସନ୍ତା ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ଆଲଟମେଣ୍ଟ ରେକର୍ଡରେ ଦସ୍ତଖତ କରାଇବାକୁ ଯୋଗାଣ ଅଧିକାରୀ ଆସିଥିଲେ। କିନ୍ତୁ ସେ ତାଙ୍କୁ ଦସ୍ତଖତ କରିବାକୁ ମନା କରିଥିଲେ। ଏଥିସହ ସବୁ ପଞ୍ଚାୟତରୁ ଗତ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସର ଏନ୍‌ଓସି ଆଣିବା ପରେ ଦସ୍ତଖତ କରିବେ ବୋଲି କହିଥିଲେ। ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ହୋଇଥିବା ରିପୋର୍ଟ ଓ ଚାଉଳ ବଣ୍ଟନ କରି ନ ଥିବା ଖିଲାପକାରୀଙ୍କ ରିପୋର୍ଟ ଦେବାକୁ କହିଛନ୍ତି। ଏଥିରୁ ବ୍ୟତିକ୍ରମ ଘଟିଲେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ବିଡିଓ ଚେତାବନୀ ଦେଇଛନ୍ତି। ଏ ନେଇ ଯୋଗାଣ ଅଧିକାରୀ ସନ୍ଦୀପ ପରିଜାଙ୍କ ମୋବାଇଲ (ନଂ. ୯୫୫୬୮୧୫୦୧୯)କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

# ପାରାଦୀପରେ କାଉ ମଡ଼କ

**୨ ଦିନରେ ୨୫ କାଉ ମୃତ**

**ପାରାଦୀପ, ୧୩।୧୨ (ଶରତ ରାଉତ)**

ପାରାଦୀପର ବିଭିନ୍ନ ସ୍ଥାନରେ ୨ ଦିନରେ ୨୫ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ବିଶେଷକରି ନେହେରୁ ବଙ୍ଗଳା ନୂଆବଜାର ଅଞ୍ଚଳରେ ମଙ୍ଗଳବାର, ବୁଧବାର ଅଧିକ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପ୍ରାଣୀଧନ ଚିକିତ୍ସକ ଡା. ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏବେ ଶୀତ ପଡ଼ିବାରୁ କାଉ ମରି ଥାଇପାରନ୍ତି। ସେହିପରି ବାର୍ଡଫ୍ଲୁ ଭଳି ଲକ୍ଷଣ ଦେଖାଯାଇନାହିଁ। ତଥାପି ବିଭାଗ ପକ୍ଷରୁ ମୃତ କାଉଙ୍କ ସାମ୍ପୁଲ ସଂଗ୍ରହ କରି ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି।




ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ତୀରନ୍ଦାଜ, ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ଏଚ୍‌ପିସି

**ଭୁବନେଶ୍ୱର, ୧୩।୧୨ (ଅନିଲ ଦାସ)**

ତୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ଭୁବନେଶ୍ୱରରେ ଟାଟା ଷ୍ଟିଲ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ସ୍ଥାପନ କରିବ। ଏ ନେଇ ବୁଧବାର ନବୀନ ନିବାସଠାରେ ରାଜ୍ୟ ସରକାର ଏବଂ ଟାଟା ଷ୍ଟିଲ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଏବଂ କର୍ପୋରେଟ୍ ସର୍ଭିସେସ୍ ଟାଟା ଷ୍ଟିଲ ଲିମିଟେଡ୍ ଓ ଟାଟା ଷ୍ଟିଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ଅଧ୍ୟକ୍ଷ ଚାଣକ୍ୟ ଚୌଧାରୀ ଉକ୍ତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତରେ ତୀରନ୍ଦାଜ ହେଉଛି ଏକ ପୁରାତନ ପାରମ୍ପରିକ ଖେଳ। ଏହାକୁ ଆମେ ଟାଟା ଷ୍ଟିଲ ସହଭାଗିତାରେ ପ୍ରୋତ୍ସାହିତ କରିବୁ। ରାଜ୍ୟର ଆଦିବାସୀ ପିଲାମାନଙ୍କ ମଧ୍ୟରେ ତୀରନ୍ଦାଜର ବହୁ ପ୍ରତିଭା ଅଛନ୍ତି। ଏହି ସେଣ୍ଟର ବହୁ ଚାମ୍ପିୟନ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଟାଟା ଷ୍ଟିଲ ସହିତ ସହଭାଗିତାରେ ଏହି ପ୍ରଚେଷ୍ଟା କରାଯାଉଥିବାରୁ ଖୁସି ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଟାଟା ଷ୍ଟିଲ ପକ୍ଷରୁ ସ୍ଥାପନ କରାଯାଇଥିବା ହକି ହାଇ ପରଫରମାନ୍ସ ସେଣ୍ଟର ଉଦାହରଣ ସୃଷ୍ଟି କରିବା ସହ ଉତ୍ସାହପ୍ରଦ ସଫଳତା ହାସଲ ଦିଗରେ ସହାୟତା କରିଛି। ଦେଶ ଓ ରାଜ୍ୟରେ ତୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ କ୍ଷେତ୍ରରେ ବୃହତ୍ ସୁଯୋଗ ରହିଛି। ଏଚ୍‌ପିସି ସ୍ଥାପନ ଦ୍ୱାରା ଉକ୍ତ ବିଭାଗରେ ଖେଳାଳିମାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଆମେ ଅବଦାନ ରଖିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



- **ଟାଟା ଷ୍ଟିଲ, କ୍ରୀଡ଼ା ବିଭାଗ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର**
- **ପୁରାତନ ପାରମ୍ପରିକ କ୍ରୀଡ଼ାକୁ ମିଳିବ ପ୍ରୋତ୍ସାହନ: ମୁଖ୍ୟମନ୍ତ୍ରୀ**

ଏହି ସେଣ୍ଟରରେ ତୀରନ୍ଦାଜ, ସ୍ପୋର୍ଟ କ୍ଲାଇମ୍ବିଂ ସହିତ ଅଲିମ୍ପିକ୍ସ ଖେଳ ବିଷୟରେ ତାଲିମ ପ୍ରଦାନ କରାଯିବ। କ୍ରୀଡ଼ାବିତ୍‌ମାନଙ୍କୁ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ତାଲିମ ଦେବା ପାଇଁ ଭୁବନେଶ୍ୱରଠାରେ ଓଡ଼ିଶା ଟାଟା ତୀରନ୍ଦାଜ ଏକାଡେମୀ ଏବଂ ଓଡ଼ିଶା ଟାଟା ଷ୍ଟିଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନ ସ୍ପୋର୍ଟ ଏକାଡେମୀ ସ୍ଥାପନ ହେବ। ଏଥିସହିତ ଉଭୟ ଏକାଡେମୀରେ ତୀରନ୍ଦାଜ ପାଇଁ ଆଞ୍ଚଳିକ ବିକାଶ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହି ଏଚ୍‌ପିସିରେ ଥିବା ବିଶେଷଜ୍ଞମାନଙ୍କ ଦ୍ୱାରା ଦକ୍ଷ ପ୍ରତିଭାଗୁଡ଼ିକୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ଉତ୍ତମ ଭିତ୍ତିଭୂମି ଓ ତାଲିମ ସୁବିଧା ଯୋଗାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବେ। ଏହା ଆଶାୟୀ ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କର ଆକାଂକ୍ଷା ପୂରଣ କରିବା ଦିଗରେ ଏକ ହବ୍ ଭଳି କାମ କରିବ। କ୍ରୀଡ଼ାବିତ୍‌ମାନେ ନିଜ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଜରିଆରେ ଏଥିରେ ଜିମନାସିୟମ, ସୁଇମିଂପୁଲ ଏବଂ କଳିଙ୍ଗ ଷ୍ଟାଡିୟମରେ ଥିବା ଦେଶର ବୃହତ୍ ସାଇନ୍ସ ସେଣ୍ଟରର ମଧ୍ୟ ଉପଯୋଗ କରିପାରିବେ।

ଏହା ପୂର୍ବରୁ ହକି, ଫୁଟବଲ, ସୁଇମିଂ, ଆଥ୍‌ଲେଟିକ୍ସ, ଜିମ୍‌ନାଷ୍ଟିକ୍ସ, ସ୍ପୋର୍ଟ ସାଇନ୍ସ, ସୁଟିଂ, ୱେଟ୍‌ଲିଫ୍ଟିଂ ଭଳି ଅନେକ କ୍ରୀଡ଼ା ପାଇଁ କଳିଙ୍ଗ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଏଚ୍‌ପିସି ସ୍ଥାପନ କରାଯାଇଛି। ଏବେ ତୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ମଧ୍ୟ ସୁବିଧା ହୋଇପାରିବ।

# ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ ମାସଯାକ ପାଳନ କର

**ସବୁ ଜିଲାପାଳଙ୍କୁ ଚିଠି ଲେଖିଲେ ପରିବହନ ସଚିବ**

**ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)**

'ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ' ଚଳିତ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ଆରମ୍ଭ ସପ୍ତାହରେ ପାଳନ କରାଯାଇଥିବା 'ଶୂନ୍ୟ ମୃତ୍ୟୁ ସପ୍ତାହ କାର୍ଯ୍ୟକ୍ରମ' ଏକ ପ୍ରକାର ସଫଳ ହୋଇଛି। ଏହିସପ୍ତାହ ମଧ୍ୟରେ ଦୁର୍ଘଟଣା ହାର ଏବଂ ଏଥିଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ କମିଛି। ତେଣୁ ଏହି କାର୍ଯ୍ୟକ୍ରମ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚଲାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ସବୁ ଜିଲାପାଳ, ଏସ୍‌ପି, ଡେପୁଟି କମିଶନର (ପୋଲିସ), ସିଡିଏମ୍ (ଏନ୍‌ଏଚ୍‌ଏଆଇ) ଏବଂ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଢ଼ୀ ବୁଧବାର ଉପରୋକ୍ତ ସମସ୍ତ ଅଧିକାରୀଙ୍କୁ ଚିଠି ଲେଖି କହିଛନ୍ତି, ଗତ ସପ୍ତାହରେ ଟ୍ରାଫିକ ନିୟମ କଡ଼ାକଡ଼ି କରିବା ଏବଂ ରାତ୍ରିକାଳୀନ ପାଟ୍ରୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। ଡିସେମ୍ବର ମାସର ପାଣିପାଗ ଏବଂ ପିକ୍‌ନିକ୍ ଋତୁ ଯୋଗୁ ଅଧିକ ଗହଳି ଓ ବିପଦ ରହିଥାଏ। ଏହି ଦୃଷ୍ଟିରୁ ଚଳିତ ମାସଯାକ ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଦୁର୍ଘଟଣା ମୃତ୍ୟୁ ହ୍ରାସ ପାଇପାରିବ। ତେଣୁ ପାଟ୍ରୋଲିଂ ଜାରି ରଖିବା ଦରକାର।

## ପ୍ରଥମ ପୃଷ୍ଠାରୁ...

### ଭାଜପା ଏମ୍‌ପିଙ୍କ ...

ଶୂନ୍ୟକାଳ ଚାଲିଥିବାବେଳେ ଅପରାହ୍ଣ ୧ଟାରେ ଉପରୋକ୍ତ ଅଭାବନୀୟ ଘଟଣା ଘଟିଗଲା। ସେତେବେଳେ ଲୋକ ସଭାରେ ଅଧ୍ୟକ୍ଷତା କରୁଥିବା ଭାଜପା ସଦସ୍ୟ ରାଜେନ୍ଦ୍ର ଅଗ୍ରୱାଲ ଗୃହକାର୍ଯ୍ୟକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଗୃହକାର୍ଯ୍ୟ ପୁନଃ ଆରମ୍ଭ ହେବା ପରେ ବାଚସ୍ପତି ବିର୍ଲା କହିଥିଲେ, ସମ୍ପୂର୍ଣ୍ଣ ଘଟଣାକ୍ରମର ପୁଙ୍ଖାନୁପୁଙ୍ଖ ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ଏହା ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିକ୍ଷୋଭକାରୀଙ୍କୁ କାବୁ କରିଥିବା ସଦସ୍ୟ, ସୁରକ୍ଷା କର୍ମୀ ଓ ଚାମ୍ବର ଷ୍ଟାଫ୍‌ଙ୍କୁ ସେ ପ୍ରଶଂସା କରିଥିଲେ।

ଲୋକ ସଭାରେ ଏପରି କାଣ୍ଡ ଭିଆଇଥିବା ୨ ବିକ୍ଷୋଭକାରୀଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେମାନେ ହେଲେ ସାଗର ଶର୍ମା ଏବଂ ଡି. ମନୋରଞ୍ଜନ। ସାଗର ମହୀଶୂର ଏମ୍‌ପି ପ୍ରତାପ ସିମ୍‌ହାଙ୍କ ଅତିଥି ରୂପେ ଭିଜିଟର୍ସ ଗ୍ୟାଲେରିକୁ ଆସିଥିଲେ। ସଂସଦ ବାହାରେ ସ୍ଲୋଗାନ ଦେଇଥିବା ନୀଲମ (୪୨) ଓ ଆମୋଲ ସିନ୍ଧେ (୨୫)ଙ୍କୁ ମଧ୍ୟ ଟ୍ରାନ୍ସପୋର୍ଟ ଭବନ ସମ୍ମୁଖରୁ ଗିରଫ କରାଯାଇଛି। ଡିସେମ୍ବର ୧୩ରେ ପାର୍ଲାମେଣ୍ଟ ଉପରେ ଆକ୍ରମଣ କରାଯିବ ବୋଲି ଆମେରିକାରେ ଥିବା ଖଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁନ୍ ପୂର୍ବରୁ ଏକ ଭିଡିଓରେ ଧମକ ଦେଇଥିଲେ। ତେବେ ପନ୍ନୁନଙ୍କ ସହ ସଦ୍ୟ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ପର୍କ ଅଛି କି ନାହିଁ ତାହା ଜଣାପଡ଼ିନାହିଁ।

### ରାଜ୍ୟରେ ଅନ୍‌ଲାଇନରେ ...

ଆୟୋଜନ ସମେତ ପ୍ରାୟ ୫ଶହ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ଦିଆଯାଇଛି। ନିଶାମୁକ୍ତି ଅଭିଯାନରେ ପ୍ରଭାବୀ ଓ ଦକ୍ଷ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଥିବାବେଳେ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

### ପୁଟିନ୍ ସହଯୋଗୀଙ୍କ ...

ପରେ ପୁଟିନ୍‌ଙ୍କ ଆଉ ଜଣେ ସହଯୋଗୀଙ୍କ ମୃତ୍ୟୁ ଅନେକ ପ୍ରଶ୍ନ ଛିଡ଼ା କରାଇଛି। କାରଣ ଆନ୍ନାଙ୍କ ମୃତଦେହରେ କୌଣସି କ୍ଷତଚିହ୍ନ ନାହିଁ। କେହି ତାଙ୍କ ଆପାର୍ଟମେଣ୍ଟକୁ ଅନୁପ୍ରବେଶ କରିଥିବାର ପ୍ରମାଣ ମଧ୍ୟ ମିଳିନାହିଁ।

### ଫେବୃୟାରୀ ୨୦ରୁ ...

ପରୀକ୍ଷା ସରିବା ପରେ ମାର୍ଚ୍ଚ ୧୫ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରାଯିବ। ୧୨ ଦିନ ମଧ୍ୟରେ ଖାତା ଦେଖା ଶେଷ କରାଯିବ ବୋଲି ବୁଧବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଛାତ୍ରୀଛାତ୍ର ମଧ୍ୟ ପରୀକ୍ଷା ଦେବେ। ରାଜ୍ୟ ମୁକ୍ତ ବିଦ୍ୟାଳୟର ୬୮୩୧ ଜଣ ପରୀକ୍ଷାର୍ଥୀ ୫୫ଟି ସେଣ୍ଟରରେ ପରୀକ୍ଷା ଦେବେ। ମଧ୍ୟମା ପରୀକ୍ଷା ପାଇଁ ୩୦୩୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୧୦୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଜିଲା ଶିକ୍ଷା ଅଧିକାରୀ (ଡିଇଓ), ବୋର୍ଡ ଏବଂ ନୋଡାଲ ଅଫିସର ପରୀକ୍ଷା ପରିଚାଳନା ତଦାରଖ କରିବେ। ଏଥର ପ୍ରଥମଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରାଯିବ। ସମ୍ବେଦନଶୀଳ କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଲଗାଯିବ। ଏଥିସହ ୱେବ୍ ଟେଲିକାଷ୍ଟିଂ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖାଯିବ। ବୋର୍ଡ କାର୍ଯ୍ୟାଳୟରେ କମାଣ୍ଡ ସେଣ୍ଟର ରହିବ। କ୍ୟାମେରା ଲାଗିଥିବା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଗତିବିଧି ଉପରେ ବୋର୍ଡ କଡା ନଜର ରଖିବ। ଜାନୁୟାରୀ ୧୫ରୁ ୩୧ ତାରିଖ ମଧ୍ୟରେ ନିଜ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଭୋକେଶନାଲ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଓସେପା ଏହି ପରୀକ୍ଷା ପରିଚାଳନା କରିବ। ଫର୍ମପୂରଣ ସମୟରେ ଛାତ୍ରୀଛାତ୍ରଙ୍କ ଫଟୋ କିମ୍ବା ଅନ୍ୟ କୌଣସି ତ୍ରୁଟି ଥିଲେ ନଭେମ୍ବର ୧୪ରୁ ୨୧ ତାରିଖ ମଧ୍ୟରେ ସଂଶୋଧନ କରିହେବ। ସ୍କୁଲର ପ୍ରଧାନ ଶିକ୍ଷକମାନେ ପରୀକ୍ଷାର୍ଥୀଙ୍କ ଅସଲ ପ୍ରମାଣପତ୍ର ନେଇ ବୋର୍ଡ କାର୍ଯ୍ୟାଳୟକୁ ଆସି ତ୍ରୁଟି ସଂଶୋଧନ କରିପାରିବେ। ଏହାପରେ ସଂଶୋଧନ ପାଇଁ ଆଉ ସୁଯୋଗ ମିଳିବ ନାହିଁ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୋର୍ଡ ସମ୍ପାଦକ ସୁମିତା ସରକାର ଉପସ୍ଥିତ ଥିଲେ।

#### ମାର୍ଚ୍ଚ ୬ରୁ ନବମ ବାର୍ଷିକ ପରୀକ୍ଷା

୨୦୨୪ ମାର୍ଚ୍ଚ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ହେବ। ଏଥର ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ପ୍ରିଣ୍ଟ କରି ସ୍କୁଲକୁ ପଠାଯିବ ନାହିଁ। ପରୀକ୍ଷାର ୨ ଘଣ୍ଟା ପୂର୍ବରୁ ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ପଠାଯିବ। ଏହାକୁ ଡାଉନ୍‌ଲୋଡ୍ କରି ପ୍ରିଣ୍ଟ କରାଯାଇ ପିଲାଙ୍କୁ ଦିଆଯିବ। ପୂର୍ବରୁ ଯେଉଁ ପଦ୍ଧତିରେ ପ୍ରଶ୍ନପତ୍ର ଦିଆଯାଉଥିଲା ସେ ନେଇ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏହାକୁ ରୋକିବା ପାଇଁ ନୂତନ ବ୍ୟବସ୍ଥା କରାଯାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଶ୍ନପତ୍ର ଉପଲବ୍ଧ ହେବ। ସ୍କୁଲ ନିଜ ଆଇଡି ଲଗ୍ ଇନ୍ କରି ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରିବ ବୋଲି ଉପସଭାପତି ମହାନ୍ତି ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ଅପରାହ୍ଣରେ ପାଇବେ। ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବା ସମ୍ଭବ ହୋଇପାରେ।

**ବୃଷ** ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ** ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହି ସମ୍ପର୍କହାନି ଘଟାଇପାରନ୍ତି। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** ବିଭିନ୍ନ ଯୋଜନା କରିବେ ସିନା କାର୍ଯ୍ୟତଃ ପାଦେ ମାତ୍ର ଆଗକୁ ଯାଇ ପାରିବେ ନାହିଁ। ଏଣେ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ ରାସ୍ତା ଖୋଜି ପାଇ ପାରିବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିପାରନ୍ତି ମାତ୍ର ଫଳ ପାଇବେ ଓଲଟା। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା** ଆଜି ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** ବିଭିନ୍ନ ପ୍ରକାରର ଚିନ୍ତା ଓ କଳ୍ପନା କରି କେବଳ ଭାବି ଭାବି ସମୟ କଟାଇବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ନିଜର କାମଗୁଡିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନକରି ସଫଳ ହେବେ। ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ପଡ଼ୋଶୀଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱର ସଫଳତାରେ ଆନନ୍ଦ ଅନୁଭବ କରିବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଆପଣଙ୍କ ଉଦ୍ଦେଶ୍ୟରେ ବନ୍ଧୁଙ୍କ ଚୁପ୍‌ଚାପ୍ କଥା ମନରେ ଛନକା ସୃଷ୍ଟିକରିବ।

**ମକର** ଆଜି ସକାଳୁ କୌଣସି ବ୍ୟକ୍ତିଠାରୁ କିଛି ଖବର ପାଇ ବିଚଳିତବୋଧ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟା କରି ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। ପାରିବାରିକ ଅଶାନ୍ତି ଲାଗିରହିବା କାରଣରୁ ମନ ଅସ୍ଥିର ରହିବ।

**ମୀନ** କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ।

ଆଜି ମାର୍ଗଶିର ଶୁକ୍ଳ ଦ୍ୱିତୀୟା ମାଣବସା ଗୁରୁବାର ତୃତୀୟ ପାଳି, ଡିସେମ୍ବର ୧୪ ତାରିଖ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ। ସକାଳ ଘ.୦୯।୪୬ ଗତେ ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୬ ଗତେ ଘ.୦୭।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୨ ଗତେ ଘ.୦୨।୨୩ ମଧ୍ୟେ ରାହୁ କାଳ।

# ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡ

## ଧରିତ୍ରୀରେ ପ୍ରକାଶିତ ସ୍ତମ୍ଭ 'ଝିଅ କେବଳ ଝିଅ ନୁହେଁ' ପାଇଁ ପୁରସ୍କାର

ଭୁବନେଶ୍ୱର,୧୩।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ଲିଙ୍ଗଗତ ବୈଷମ୍ୟ ଆଧାରିତ ସ୍ତମ୍ଭ ରଚନା ପାଇଁ ସ୍ତମ୍ଭକାର ତଥା ଗବେଷକ ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଅନ୍ତର୍ଜାତୀୟ ସମ୍ମାନ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡରେ ସମ୍ମାନିତ କରାଯାଇଛି। ମୁମ୍ବାଇର ଟାଟା ଥିଏଟର ହଲ୍‌ଠାରେ ମଙ୍ଗଳବାର ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ବଲିଉଡ ଅଭିନେତ୍ରୀ ରଶିକା ଦୁଗଲ ଯୋଗଦେଇ ଡ. ସାହୁଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଦୈନିକ ଖବରକାଗଜ 'ଧରିତ୍ରୀ'ର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଡ. ସାହୁଙ୍କ ଲିଖିତ 'ଝିଅ କେବଳ ଝିଅ ନୁହେଁ' ପାଇଁ ସେ ଏହି ଆୱାର୍ଡ ପାଇଛନ୍ତି। ପୁନଃ ଥଇଥାନ ଯୋଜନା କ୍ରମରେ ସରକାରୀ ଚାକିରିରେ ନିଯୁକ୍ତି ପାଇବାରେ ଭାରତୀୟ ପରିବାରରେ ଥିବା ଏକମାତ୍ର ବିବାହିତ କନ୍ୟା ସନ୍ତାନମାନେ ସମ୍ମୁଖୀନ ହେଉଥିବା



ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡ ପ୍ରଦାନ କରାଯାଉଛି।

ସମସ୍ୟାକୁ ନେଇ ଧରିତ୍ରୀରେ ୨୦୨୨ ନଭେମ୍ବର ୨୧ରେ ପ୍ରକାଶିତ ଏହି ସ୍ତମ୍ଭ ଜୁରିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହାକୁ ପ୍ରଥମେ ଜାତୀୟ ପୁରସ୍କାର ଲାଗି ଚୟନ କରାଯାଇଥିଲା। ପରେ ଏହାର ଗୁରୁତ୍ୱ ଥିବାରୁ ଏହାକୁ ପୁନଶ୍ଚ ଜୁରିମାନେ ଅନ୍ତର୍ଜାତୀୟ ସମ୍ମାନ ଲାଗି ଚୟନ କରିଥିଲେ।

ରାୟଗଡ଼ାସ୍ଥିତ ବିଲେସୁ ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକ ଭାବେ କାର୍ଯ୍ୟରତ ଦ୍ୱିତୀଚନ୍ଦ୍ର ପ୍ରବୃତ୍ତିରେ ଜଣେ ଲେଖକ। ସ୍ତମ୍ଭ ଲେଖା ପାଇଁ ସେ ଅନ୍ତର୍ଜାତୀୟ ସମ୍ମାନ ପାଇବା ପରେ ତାଙ୍କର ପାଠିକାପାଠକ, ଶୁଭେଚ୍ଛୁଙ୍କୁ ଏହି ସମ୍ମାନ ସମର୍ପିତ ବୋଲି ଡ. ସାହୁ କହିବା ସହ ଧରିତ୍ରୀର ସମ୍ପାଦକ ତଥା ସମ୍ପାଦନାମଣ୍ଡଳୀ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପିପୁଲ୍‌ସ ଫାଷ୍ଟ ଏବଂ ୟୁଏନ୍‌ଏଫ୍‌ପିଏ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ମାଟି ଅତଡ଼ା ଖସି ମହିଳା ମୃତ

ଉମରକୋଟ, ୧୩।୧୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କାରାଗାଁ ପଞ୍ଚାୟତ ଲୋହରାଗୁଡ଼ା ଗ୍ରାମ ନିକଟରେ ରଙ୍ଗ ମାଟି ଖୋଳିବାବେଳେ ମାଟି ଅତଡ଼ା ଖସିପଡ଼ିବାରୁ ଜଣେ ମହିଳାଙ୍କର ମାଟି ତଳେ ଚାପିହୋଇ ମୃତ୍ୟୁ ହୋଇଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ କାଳିଆଗୁଡ଼ା ଗ୍ରାମର ସୋରାଦୁ ଭତ୍ରା।

ସୂଚନାନୁଯାୟୀ ଆଗକୁ ଆଦିବାସୀଙ୍କ ଦିଆଲି ପର୍ବ ରହିଛି। ଘର ଲିପିବା ନିମନ୍ତେ ରଙ୍ଗମାଟି ଆଣିବାକୁ ଚାତିବେଡ଼ା ପଞ୍ଚାୟତ ମନୁଗୁଡ଼ାର ୭ଜଣ ଓ ରତାଖଣ୍ଡିଗୁଡ଼ା ପଞ୍ଚାୟତ କାଳିଆଗୁଡ଼ାର ୬ଜଣ ମହିଳା ବୁଧବାର ଅପରାହ୍ନରେ କାରାଗାଁ ପଞ୍ଚାୟତ ଲୋହରାଗୁଡ଼ା ପାଖରେ ଥିବା ଏକ ରଙ୍ଗମାଟି ପାହାଡ଼କୁ ଯାଇଥିଲେ। ସେଠାରୁ ମାଟି ଆଣିବାବେଳେ ହଠାତ୍ ମାଟି ଅତଡ଼ା ଖସିପଡ଼ିଥିଲା। ମାଟି ତଳେ ଚାପିହୋଇ ସୋରାଦୁଙ୍କ ମୃତ୍ୟୁ ହୋଇଥିବାବେଳେ ମନୁଗୁଡ଼ା ଗ୍ରାମର ତୁଳାବତୀ ଗୌଡ଼ ଗୁରୁତର ଅଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତକରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମୃତକଙ୍କ ସ୍ୱାମୀ ରଘୁ ଭତ୍ରା ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଦେବ ପୁରୀ ପୌର ପରିଷଦ

## ୪ବର୍ଷର ଶିଶୁଙ୍କୁ କୁକୁର କାମୁଡ଼ି ମାରିବା ଘଟଣା

ପୁରୀ,୧୩।୧୨(ଅଜିତ୍ ମହାନ୍ତି)

୨୦୧୬ ଡିସେମ୍ବର ୧ରେ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ବୁଲା କୁକୁରଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ସାଢ଼େ ୪ବର୍ଷର ଶିଶୁ ପୁତ୍ରଙ୍କ ପରିବାରକୁ ନ୍ୟାୟ ମିଳିଛି। ଘଟଣା ଘଟିବାର ଦୀର୍ଘ ୭ ବର୍ଷ ପରେ ମୃତ୍ୟୁବରଣ କରିଥିବା ଶିଶୁର ପରିବାରଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ହାଇକୋର୍ଟ ପୁରୀ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ହୃଦାନନ୍ଦ ରାଉତ ଓ ତାଙ୍କ ସ୍ତ୍ରୀ ରହି ମୂଲ ଲାଗି ପରିବାର ଭରଣ ପୋଷଣ କରୁଥିଲେ। ୨୦୧୬ ଡିସେମ୍ବର ୧ରେ ତାଙ୍କ ସାଢେ ୪ବର୍ଷର ପୁଅ ଘର ନିକଟସ୍ଥ ପଡିଆଠାରେ ଖେଳୁଥିବାବେଳେ ହଠାତ୍ ତାଙ୍କ ଉପରକୁ କିଛି ବୁଲା କୁକୁର ଆକ୍ରମଣ କରିବା ସହ ଝୁଣି ପକାଇଥିଲେ। ଗୁରୁତର ଅବସ୍ଥାରେ ତାକୁ ପୁରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁରୀ ପୌରସଂସ୍ଥା କିଛି ଅର୍ଥ ଦେଇ ନିଜ କାମ ସାରିଦେଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଅର ମୃତ୍ୟୁ ପରେ ହୃଦାନନ୍ଦ ଓ ତାଙ୍କ ସ୍ତ୍ରୀ ପୁରୀ ଛାଡ଼ି ତାଙ୍କ ଗାଁକୁ ଫେରିଯାଇଥିଲେ। ଅପରପକ୍ଷରେ ଏପରି ଘଟଣା ସମ୍ପର୍କରେ ଜଣେ ଆଇନଜୀବୀ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଖଲ କରିଥିଲେ। ଏହାର ବିଚାର କରି ଦୀର୍ଘ ୭ ବର୍ଷ ପରେ ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି। ମୃତ ଶିଶୁ ପୁତ୍ରର ମା'ବାପାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ପୁରୀ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ଆସିବା ପରେ ମୃତ ଶିଶୁର ସମ୍ପର୍କୀୟ ମାଉସୀ କାଞ୍ଚନ ସ୍ୱାଇଁ କହିଛନ୍ତି, ଘଟଣା ଦିନ ଶିଶୁ ପୁତ୍ର ଏକାକୀ ଖେଳୁଥିବା ସମୟରେ ୪ ରୁ ୫ ଟି କୁକୁର ତାକୁ ବେଢ଼ିଯାଇ କାମୁଡ଼ି ଝୁଣି ପକାଇଥିଲେ। କୁକୁରଙ୍କ କବଳରୁ ପିଲାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ପିଲାକୁ ମୃତ ବୋଲି ଘୋଷଣା କରିଥିଲେ। ତେବେ ଉଚ୍ଚ ଅଦାଲତ କ୍ଷତିପୂରଣ ପାଇଁ ୧୦ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପିଲାଟି ବଞ୍ଚିଥାନ୍ତା ତେବେ ମା'ବାପାଙ୍କୁ ପୋଷିଥାନ୍ତା। ଆଗକୁ ଯେପରି ଏପରି ଘଟଣା ନ ଘଟିବ ସେଥିପାଇଁ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି। ଅପରପକ୍ଷରେ ମୃତ ଶିଶୁ ପୁତ୍ର ପରିବାରକୁ ପୁରୀ ପୌରସଂସ୍ଥା ୧୦ଲକ୍ଷ ଟଙ୍କା ଦେବା ନିର୍ଦ୍ଦେଶ ସମ୍ପର୍କରେ ପୁରୀ ପୌରସଂସ୍ଥା ନିର୍ବାହି ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ ମୋଟର ଭେଇକିଲ ଆକ୍ଟର ନିୟମ ଅନୁଯାୟୀ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ଯାହା ଶୁଣିବାକୁ ମିଳୁଛି ହାଇକୋର୍ଟ ମୃତ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏପର୍ଯ୍ୟନ୍ତ ଅର୍ଡର କପି ହସ୍ତଗତ ହୋଇନାହିଁ। ଅର୍ଡର କପି ମିଳିବା ପରେ ପରବର୍ତ୍ତୀ କ'ଣ ପଦକ୍ଷେପ ନିଆଯିବ ଓ କୋର୍ଟଙ୍କ ନିର୍ଦ୍ଦେଶ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରାଯିବ ବୋଲି ସ୍ୱାଇଁ କହିଛନ୍ତି।

# ପରକୀୟା ପ୍ରୀତିକୁ ନେଇ ହତ୍ୟା କରିଥିଲେ ମହିଳା

## ଯୁବ ବିଜେଡି ଉପସଭାପତି ସଞ୍ଜିତଙ୍କ ମୃତ୍ୟୁ ଘଟଣା

ଫୁଲବାଣୀ,୧୩।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଯୁବ ବିଜେଡି ଉପସଭାପତି ସଞ୍ଜିତ ମଲ୍ଲିକ(୩୨)ଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ପରକୀୟା ପ୍ରୀତି, ବ୍ଲାକମେଲିଂ, ଅର୍ଥ କାରବାରକୁ ନେଇ ସଞ୍ଜିତଙ୍କୁ ହତ୍ୟା କରାଯାଇଛି। ଏହି କାଣ୍ଡ ଭିଆଇଥିବା ଜଣେ ମହିଳାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ କାନକାଡି ଗ୍ରାମର ସୌଦାମିନୀ ମଲ୍ଲିକ(୪୨)। ନିଶାସକ୍ତ ଥିବା ସଞ୍ଜିତ ଶୋଇ ପଡ଼ିବା ପରେ ସୌଦାମିନୀ ତକିଆରେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ବୁଧବାର ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି।

ସଞ୍ଜିତଙ୍କ ସହ ପ୍ରାୟ ୨ ବର୍ଷ ହେବ ସୌଦାମିନୀଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ତାହା କ୍ରମେ ଦୈହିକ ସମ୍ପର୍କର ସ୍ଥାନ ନେଇଥିଲା। ସୌଦାମିନୀ କିଛି ଦିନ ହେବ ଏଥିରୁ ନିବୃତ୍ତ ହେବାକୁ ଚାହୁଁଥିଲେ। ହେଲେ ସଞ୍ଜିତ ତାଙ୍କୁ ବ୍ଲାକମେଲିଂ କରି ବାରମ୍ବାର ପାଖକୁ ଡାକୁଥିଲେ। ସେହିପରି ଗ୍ରୁପରୁ ଲୋନ କରି ସୌଦାମିନୀ ୪ ହଜାର ଟଙ୍କା ତାଙ୍କୁ ଦେଇଥିଲେ। ହେଲେ ସଞ୍ଜିତ ଏହାକୁ ଫେରାଉ ନ ଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଗତ ୩୦ ତାରିଖ ରାତିରେ ସଞ୍ଜିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଶୋଇବାକୁ ଆସି ସୌଦାମିନୀଙ୍କୁ ଫୋନରେ ଡାକିଥିଲେ। ସେଠାରେ ପ୍ରାୟ ରାତି ସାଢ଼େ ୧୦ଟାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ଅତ୍ୟଧିକ ନିଶାସକ୍ତ ଥିବା ସଞ୍ଜିତ ଶୋଇଯିବା ପରେ ତକିଆରେ ସୌଦାମିନୀ ତାଙ୍କ ମୁହଁକୁ ଚାପି ହତ୍ୟା କରିଥିଲେ। ଫୋନ କଲ୍ ବିଷୟରେ କିଏ ଜାଣିବ ଭାବି ଫୋନକୁ ନେଇ ଘର ପାଖରେ ମାଟି ତଳେ ପୋତି ଦେଇଥିଲେ। କଲ୍ ରେକର୍ଡ ଯାଞ୍ଚ ଏବଂ ତଦନ୍ତ ବେଳେ ସୌଦାମିନୀଙ୍କୁ ଘରୁ ଆଣି ପଚରାଉଚରା କରିବାରୁ ସେ ସମସ୍ତ କଥା ମାନିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ଏବଂ ପେଟରେ ଅତ୍ୟଧିକ ମଦ ଥିବା ରିପୋର୍ଟ ଆସିଛି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସଦର ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ସଞ୍ଜିତଙ୍କ ମୃତଦେହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ଏବଂ ବାପା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ.୧୯୭/୨୩ରେ ମାମଲା ରୁଜୁ ହୋଇଥିଲା।

# ବିଜ୍ଞାନମେଳାକୁ ଆସି ଦୟାନଦୀରେ ହଣ୍ଡା ମାଜିଲେ ଛାତ୍ର

କଣାସ,୧୩।୧୨
(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଅଧୀନ ଦୟାବିହାରସ୍ଥିତ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ରାତିରେ ଖାଇପିଇ ସାରିବା ପରେ କେତେକ ଶିକ୍ଷକ ଛାତ୍ରଙ୍କୁ ନେଇ ନିକଟ ଦୟାନଦୀରେ ହଣ୍ଡା ମାଜିଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟର


ଛାତ୍ରମାନେ ରାତିରେ ହଣ୍ଡା ମାଜୁଛନ୍ତି।

ପ୍ରଧାନଶିକ୍ଷକ ବିଜୟ ଜେନାଙ୍କୁ ପଚାରିବାରେ, ସେ କାହାକୁ ହଣ୍ଡା ମାଜିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। କେହି ଶିକ୍ଷକ ଦଶମ ଶ୍ରେଣୀ ଛାତ୍ରଙ୍କୁ ନେଇ ହଣ୍ଡା ମାଜିଛନ୍ତି, ସେଥିପାଇଁ ସେ ଦୁଃଖିତ ବୋଲି କହିଛନ୍ତି।

ପ୍ରତାପ କେଶରୀ ଦେବ
ମନ୍ତ୍ରୀ
ଶିଳ୍ପ, ଅତିକ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ,
ଶକ୍ତି, ଓଡିଶା
ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେମାନ୍ୟବର ଶକ୍ତିମନ୍ତ୍ରୀ ଙ୍କ ବାର୍ତ୍ତା



ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ସମୟରେ ବିଦ୍ୟୁତ୍ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଉଛି । ଆଧୁନିକ ଯୁଗର ନିଆଁ, ପାଣି, ପବନ ପରି ବିଦ୍ୟୁତ୍ ମନୁଷ୍ୟର ଏକ ଆବଶ୍ୟକତା ଭାବେ ଉଭା ହୋଇଛି । ସୀମିତ ପ୍ରାକୃତିକ ସମ୍ବଳକୁ ଦୃଷ୍ଟିରେ ରଖି ଶକ୍ତି ଚାହିଦା ଏବଂ ଏହାର ଅଭିବୃଦ୍ଧିକୁ ପୂରଣ କରିବା ପାଇଁ ସମସ୍ତ ବିକଳ୍ପ ଅନୁସରଣ କରିବା ଅପରିହାର୍ଯ୍ୟ ହୋଇପଡିଛି । ଏହି ସମସ୍ୟାର ପ୍ରମୁଖ ବିକଳ୍ପ ହେଉଛି "ଶକ୍ତି ସଂରକ୍ଷଣ" । ଶକ୍ତି ସଂରକ୍ଷଣର ଗୁରୁତ୍ୱ ଏବଂ ଶକ୍ତି ସଂରକ୍ଷଣ ନିମନ୍ତେ ଅଧିକ ଜନ ସଚେତନତା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି । ଜୀବନଶୈଳୀରେ ଆମେ ଛୋଟ ଛୋଟ ପରିବର୍ତ୍ତନ ଆଣି ବହୁ ପରିମାଣରେ ଶକ୍ତି ସଂରକ୍ଷଣ କରିପାରିବା

- ଘରେ ଯଥାସମ୍ଭବ ସୂର୍ଯ୍ୟାଲୋକ ଏବଂ ଖୋଲା ପବନର ବ୍ୟବହାର କରିବା, ଆବଶ୍ୟକ ନଥିଲେ ଲାଇଟ୍, ଏସି, ଫ୍ୟାନ, ଟିଭି ଓ କମ୍ପ୍ୟୁଟର ବନ୍ଦ ରଖିବା ।
- ପାରମ୍ପରିକ ବିଦ୍ୟୁତ୍ ପଙ୍ଖା ବଦଳରେ ବି.ଏଲ୍.ଡି.ସି. ପଙ୍ଖା ବ୍ୟବହାର କରିବା, ବିଦ୍ୟୁତ୍ ଶକ୍ତି ସଞ୍ଚୟ ଏବଂ ଅର୍ଥ ସଞ୍ଚୟ କରିବା ।
- ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହ ନିର୍ମାଣ ସଂହିତା-୨୦୨୨ ଅନୁଯାୟୀ ବ୍ୟାବସାୟିକ କୋଠା ନିର୍ମାଣକରିବା ।
- କୃଷି କ୍ଷେତ୍ରରେ ଉଚ୍ଚ ଦକ୍ଷତାସମ୍ପନ୍ନ ସୌର ଶକ୍ତି ଚାଳିତ ପମ୍ପସେଟ୍ ଏବଂ ବି.ଇ.ଇ. ତାରକା ଚିହ୍ନିତ ବିଦ୍ୟୁତ୍ ମୋଟର/ ପମ୍ପ ବ୍ୟବହାର କରିବା ।
- ପେଟ୍ରୋଲ୍ ଓ ଡିଜେଲ ଚାଳିତ ଯାନବାହନ ପରିବର୍ତ୍ତେ ବିଦ୍ୟୁତ୍ ଚାଳିତଯାନର ବ୍ୟବହାର କରିବା ।

ଶକ୍ତି ଦକ୍ଷ ଉପକରଣ ବ୍ୟବହାର ସହ ଶକ୍ତି ଅପଚୟକୁ ରୋକିବା ଦ୍ୱାରା ଶକ୍ତି ସଂରକ୍ଷଣ ଅଭିଯାନକୁ ସଫଳ କରାଯାଇପାରିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଶକ୍ତି ସଂରକ୍ଷଣ ଅଭିଯାନକୁ ଫଳଦାୟୀ କରିବାପାଇଁ ଶକ୍ତି ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କ ସହଯୋଗ କାମନା କରୁଛି।

(ପ୍ରତାପ କେଶରୀ ଦେବ)
ଶକ୍ତିମନ୍ତ୍ରୀ


OIPR-04025/13/0029/2324



ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ–ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। –ଶ୍ରୀଅରବିନ୍ଦ



# ଏକାକୀ ବୁଦ୍ଧ



ଦେବଦତ୍ତ ପଟ୍ଟନାୟକ

ବୌଦ୍ଧ ଧର୍ମର ଆଧ୍ୟାତ୍ମିକ ପୃଷ୍ଠଭୂମିକୁ ଲକ୍ଷ୍ୟ କଲେ ସେଥିରୁ ଅନେକ କିଛି ଜାଣିବାକୁ ମିଳେ। ଏହି ଧର୍ମରେ ପାସେକା ବୁଦ୍ଧର ଧାରଣା ରହିଛି। ପାସେକା–ବୁଦ୍ଧ ସଂସ୍କୃତ ଶବ୍ଦ 'ପ୍ରତ୍ୟେକ ବୁଦ୍ଧ'ରୁ ଆସିଛି। ପ୍ରତ୍ୟେକ ବୁଦ୍ଧ କହିଲେ ଜଣ(ଏକ)କୁ ବୁଝାଏ, ଅର୍ଥାତ୍ ଏକାକୀ ବୁଦ୍ଧ (ବିନା ଗୁରୁ ଓ କୌଣସି ଅଧ୍ୟାତ୍ମ ଅନୁଷ୍ଠାନର ସାହାଯ୍ୟ ନ ନେଇ ନିଜ ସାଧନା ବଳରେ ଏକାକୀ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି), ଯେଉଁମାନେ ବିଭିନ୍ନ ବୌଦ୍ଧଧର୍ମ ମଧ୍ୟରେ ସୃଷ୍ଟି ହୁଅନ୍ତି। ଯେତେବେଳେ କୌଣସି ଗୁରୁ କିମ୍ବା ସନ୍ନ୍ୟାସ ଧର୍ମ ଅଭ୍ୟାସ ପାଇଁ କୌଣସି ଅଧ୍ୟାତ୍ମ ଅନୁଷ୍ଠାନ ନ ଥାଏ, ସେହି ସମୟରେ ସେମାନଙ୍କର ଉତ୍‌ଥାନ ହୋଇଥାଏ। ଉଲ୍ଲେଖନୀୟ, ସେମାନଙ୍କର କୌଣସି ଗୁରୁ କିମ୍ବା ଆଧ୍ୟାତ୍ମିକ ଶିକ୍ଷକ ନ ଥା'ନ୍ତି ଏବଂ ସେମାନେ କେବେବି ଗୁରୁ ହେବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ଏକାକୀ ତଥା ବୈରାଗ୍ୟ ଜୀବନଯାପନ କରନ୍ତି, ତଥାପି ସେମାନଙ୍କ ଉପସ୍ଥିତି ଲୋକଙ୍କୁ ପ୍ରେରଣା ଦେଇଥାଏ। ସେମାନେ କଦାପି ଗୁରୁକୁଳ ପ୍ରତିଷ୍ଠାନର ଅଂଶ ହୁଅନ୍ତିନି ଏବଂ କୌଣସି ଶିକ୍ଷାନୁଷ୍ଠାନର ଅଂଶ ହେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି।

କେବଳ ବୌଦ୍ଧଧର୍ମ ନୁହେଁ, ହିନ୍ଦୁ ପରମ୍ପରାରେ ମଧ୍ୟ ଏପରି ବିଚାର ଦେଖିବାକୁ ମିଳେ। ଏହାର ଏକ ଉଦାହରଣ ହେଉଛନ୍ତି ଦତ୍ତାତ୍ରେୟ। ଅତ୍ରି ଏବଂ ଅନସୂୟାଙ୍କ ପୁତ୍ର ଥିଲେ ଦତ୍ତାତ୍ରେୟ। ତାଙ୍କର କୌଣସି ଗୁରୁ ନ ଥିଲେ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। କୁହାଯାଏ, ପ୍ରକୃତି ହିଁ ସବୁଠୁ ଭଲ ଗୁରୁ ଓ ଦତ୍ତାତ୍ରେୟ ଏହାର ମହତ୍ତ୍ୱକୁ ପ୍ରତିପାଦିତ କରିଛନ୍ତି। ସେ ନିଜେ ପ୍ରକୃତିରୁ ଶିଖିଛନ୍ତି ଏବଂ ତାଙ୍କ ଚାରିପାଖରେ ଶିଷ୍ୟ ପାଇବାକୁ ମଧ୍ୟ ଚେଷ୍ଟା କରିନାହାନ୍ତି।

ହିମାଚଳପ୍ରଦେଶ ପାହାଡ଼ରେ ବାବା ବାଲକ୍ ନାଥଙ୍କୁ ପୂଜା କରାଯାଏ। ସେ ଜଣେ ଶିଶୁ ସାଧୁ ଭାବରେ ପୂଜନୀୟ। କିନ୍ତୁ ସେ ନାଥ ଯୋଗୀ ପଥ (ଯେଉଁଥିରେ ସନ୍ନ୍ୟାସୀମାନଙ୍କର କାନଫୋଡ଼ା ବିଧି ରହିଥାଏ) ସହିତ ଜଡ଼ିତ ହେବାକୁ ଚାହିଁନାହାନ୍ତି। ବାଲକ୍ ନାଥ ଜଣେ ଦିବ୍ୟ ବା ଅନନ୍ତ ଶକ୍ତିଙ୍କ ସନ୍ତାନ ଭାବରେ ଦୃଶ୍ୟମାନ ହୋଇଛନ୍ତି। ତାଙ୍କୁ ଏକ ମୟୂର



ଉପରେ ବସିଥିବା ଦେଖାଯାଏ। ସେ ସମସ୍ତ ସିଦ୍ଧ ଶକ୍ତି ପାଇଛନ୍ତି ବୋଲି ବର୍ଣ୍ଣନା ରହିଛି। କିନ୍ତୁ ଅନ୍ୟ ସିଦ୍ଧ ଯୋଗୀଙ୍କ ସହିତ ସେ କେବେବି ତାଲିକାଭୁକ୍ତ ହୋଇନାହାନ୍ତି।

ତଥାପି, ପାସେକା ବୁଦ୍ଧଙ୍କ ସମ୍ପର୍କରେ ଅନେକ କାହାଣୀ ଉଲ୍ଲେଖ କରାଯାଇଛି। ଏଥିରେ ପାସେକା ବୁଦ୍ଧଙ୍କୁ ଜଣେ ଅଲୌକିକ ତଥା ଦିବ୍ୟଜ୍ଞାନ ପ୍ରାପ୍ତ ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି। ଏହାର ଉଦାହରଣ ବୌଦ୍ଧ ଧର୍ମଗ୍ରନ୍ଥ ସୂତ୍ତ ନିପାତରେ ଦେଖିବାକୁ ମିଳେ। ଏଥିରୁ ଆମେ ବ୍ରହ୍ମଦତ୍ତ ନାମକ ଜଣେ ରାଜାଙ୍କ ବିଷୟରେ ଶୁଣିଥାଉ, ଯାହାଙ୍କୁ ସାତଜଣ ପାସେକା ବୁଦ୍ଧ ସାକ୍ଷାତ୍ କରିଥିଲେ। ସେମାନେ କିଏ ବୋଲି ରାଜା ବ୍ରହ୍ମଦତ୍ତ ପଚାରିଥିଲେ। ସେହି ସାତଜଣ ବୁଦ୍ଧ ଉତ୍ତର ଦେଇଥିଲେ, ସେମାନେ ବହୁତ ଜ୍ଞାନୀ। ଏହା ଶୁଣିବା ପରେ ରାଜା ସେମାନଙ୍କୁ ଜ୍ଞାନ ମାଗିଥିଲେ ଏବଂ ସେମାନେ ପ୍ରତ୍ୟେକ ତାଙ୍କୁ କେବଳ ଗୋଟିଏ ପଦ କହିଥିଲେ। ପ୍ରଥମ ଜଣକ ରାଜାଙ୍କୁ କହିଛନ୍ତି ଯେ, ଖୁସି ହେବା ପାଇଁ ଆବେଗକୁ ନଷ୍ଟ କରିବାକୁ ପଡ଼ିବ। ଦ୍ୱିତୀୟ ଜଣକ କହିଛନ୍ତି ଯେ, ଖୁସି ହେବା ପାଇଁ ଘୃଣାକୁ ନଷ୍ଟ କରିବାକୁ ପଡ଼ିବ। ଅବଶିଷ୍ଟ ପାଞ୍ଚଜଣ ପାସେକା ବୁଦ୍ଧ କହିଛନ୍ତି, ଖୁସି ହେବା ପାଇଁ ମୋହ ନଷ୍ଟ କରିବାକୁ, ପରିବର୍ତ୍ତନକୁ ଗ୍ରହଣ କରିବାକୁ, ଆଗକୁ ବଢ଼ିବାକୁ, ଆଲିଙ୍ଗନ ଏବଂ ଲୋଭ ଛାଡ଼ିବାକୁ ପଡ଼ିବ। ସେମାନଙ୍କ କଥା ଶୁଣିବା ପରେ ରାଜା ଟିକିଏ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସେ ସାତଜଣଙ୍କଠାରୁ କେବଳ ସାତ ଧାଡ଼ି ଶୁଣିଛନ୍ତି। କିନ୍ତୁ ସେ ଯେତେବେଳେ ସାତ ପାସେକା ବୁଦ୍ଧଙ୍କ ସାତ ଧାଡ଼ି କଥା ଉପରେ ଧ୍ୟାନ କରିଛନ୍ତି, ସେତେବେଳେ ସେ ନିଜେ ଜ୍ଞାନ ପ୍ରାପ୍ତ ହୋଇଛନ୍ତି ଓ ଏକାକୀ ବୁଦ୍ଧ ପାଲଟି ଯାଇଛନ୍ତି। କାରଣ ସେ ଜଗତର ଅସଲ ସ୍ୱରୂପକୁ ଦେଖିପାରିଛନ୍ତି।

ବୌଦ୍ଧଧର୍ମର ତାଳପତ୍ର ଜାତକରେ ଜଣେ ଯୁବ ରାଜକୁମାର ତଥା ବୋଧିସତ୍ତ୍ୱଙ୍କ କାହାଣୀ ରହିଛି। ସେ ୫୦୦ ଏକାକୀ ବୁଦ୍ଧଙ୍କ ଏକ ଦଳକୁ ପଚାରିଛନ୍ତି ଯେ, ତାଙ୍କର ସବୁଦିନ ପାଇଁ ରାଜା ହେବାର ସମ୍ଭାବନା ଅଛି କି ନାହିଁ। ତାଙ୍କର ବହୁ ସଂଖ୍ୟକ ଭାଇ ଥିବାରୁ ସେହି ବୁଦ୍ଧମାନଙ୍କୁ ସେ ଏଭଳି ପ୍ରଶ୍ନ କରିଛନ୍ତି। ଜଙ୍ଗଲରେ ଅନ୍ୟ ଏକ ରାଜ୍ୟ ଖୋଜିବାକୁ ସେମାନେ ରାଜକୁମାରଙ୍କୁ ପରାମର୍ଶ ଦେଇଛନ୍ତି। କିନ୍ତୁ ସେମାନେ ସତର୍କ କରିଦେଇଛନ୍ତି ଯେ, ଏହି ଜଙ୍ଗଲ ଯକ୍ଷୀରେ ପରିପୂର୍ଣ୍ଣ , ଯେଉଁମାନେ ସେହି ଜଙ୍ଗଲ ଦେଇ ଯାଉଥିବା ପୁରୁଷମାନଙ୍କୁ ସେମାନଙ୍କ ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଆକର୍ଷିତ କରି ଫସାଇଦିଅନ୍ତି। ସେମାନେ ପୁରୁଷମାନଙ୍କୁ ଏକ ଶଯ୍ୟା ଯୋଗାଇବେ। ସେମାନେ ଅତର, ଖାଦ୍ୟ, ସୌନ୍ଦର୍ଯ୍ୟ ଯୋଗାଇବା ସହ ଗୀତ ଗାଇବେ ଏବଂ ପରେ ବନ୍ଦୀ ଭାବେ ରଖି ସେମାନଙ୍କୁ ନଷ୍ଟ କରିବେ। ରାଜକୁମାର ସେମାନଙ୍କଠାରୁ ଏହା ଶୁଣିବା ପରେ ୫ଜଣ ସାଥୀଙ୍କ ସହିତ ସେହି ଜଙ୍ଗଲ ଦେଇ ଯାଇଛନ୍ତି ଓ ସେମାନେ ପ୍ରତ୍ୟେକ ଏହି ଇନ୍ଦ୍ରିୟାସକ୍ତ ପ୍ରଲୋଭନରେ ପଡ଼ିଛନ୍ତି। କେବଳ ବୋଧିସତ୍ତ୍ୱ ଜଙ୍ଗଲ ଅତିକ୍ରମ କରି ଜୀବନ୍ତ ପହଞ୍ଚିଛନ୍ତି ଆରପାଖରେ ଓ ସେଠାରେ ଏକ ନୂତନ ରାଜ୍ୟ ପାଇଛନ୍ତି। ଲୋଭର ସାଗର ପାର ହେବାର ଏହା ଏକ ସ୍ପଷ୍ଟ ପ୍ରତୀକ।

ଶେଷରେ, ଭଗବତ ପୁରାଣରେ ଦତ୍ତାତ୍ରେୟଙ୍କ କାହାଣୀ ପରି ଅନ୍ୟ ଏକ କାହାଣୀର ବର୍ଣ୍ଣନା ଦେଖିବାକୁ ମିଳେ। ବାର୍ଦ୍ଧକ୍ୟ, ରୋଗ, ମୃତ୍ୟୁ ଓ ବୈରାଗ୍ୟର ବାସ୍ତବ ଅନୁଭବ କିଭଳି ଜଣେ ବୋଧିସତ୍ତ୍ୱଙ୍କୁ କେବଳ ଏକାକୀ ବୁଦ୍ଧରେ ପରିଣତ କରେ ତାହା ସେଥିରେ ଉଲ୍ଲେଖ କରାଯାଇଛି। ଗୋଟିଏ କପୋତକୁ ଛଞ୍ଚାଣ କିପରି ଧରି ହତ୍ୟା କରିଛି ତାହା ସେ ଦେଖିଛନ୍ତି ଏବଂ ସେଥିରେ ସେ ତାଙ୍କର ଲାଳସାକୁ ଜୟ କରିଛନ୍ତି। କ୍ରୋଧରେ ଏକ ସାପ ଏକ ଷଣ୍ଢକୁ ହତ୍ୟା କରେ ଏବଂ ତା'ପରେ ସେ କରିଥିବା କର୍ମ ପାଇଁ ଅନୁତାପ କରେ। ଏକ ଶୃଗାଳ ତା' ଆସକ୍ତି ପାଇଁ ଅନୁତାପ କରେ, ଯେଉଁଥିରେ ସେ ଏକ ମୃତ ହାତୀ ମୋଟା ଚମଡ଼ା ତଳେ ଫସି ନ ରହିବା ଯାଏ ମାଂସ ଖାଇଚାଲିଥାଏ। ଲୋଭ ଭାଲୁଟିକୁ ଏକ ଗାଁରେ ପ୍ରବେଶ କରାଏ ଏବଂ ସେ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୁଏ। ଲୋଭ, ଆସକ୍ତି, କ୍ରୋଧ ଆଦି ଜୟ କରିବା ହିଁ ଜଣଙ୍କୁ ବିନା ଗୁରୁରେ ବି ବୁଦ୍ଧ କରିପାରେ।

–devduttofficial@gmail.com

## ଏଇ ଭାରତରେ

ଗୋରକ୍ଷା ପାଇଁ ଗଳା ଫଟେଇ କହୁଥିବା ଲୋକମାନେ ମୁଜାଫର ନଗରର ଜସ୍ମିନ ମଲିକଙ୍କଠାରୁ କିଛି ଶିଖିବା ଦରକାର। ଜସ୍ମିନ ନିଜେ ଏକ ଗୋଶାଳା କରି ୫୫ ଗୋରୁ ରଖିଛନ୍ତି। ଏକ ଜାଗା ଭଡାରେ ନେଇ ଏହି ଗୋଶାଳା କରିଛନ୍ତି। ଗାଇ କ୍ଷୀର ଦେବା ବନ୍ଦ କରିଦେବା ପରେ ସେମାନଙ୍କୁ ଲୋକେ ଅସହାୟ ଅବସ୍ଥାରେ ରାସ୍ତାରେ ଛାଡ଼ିଦିଅନ୍ତି। ଜସ୍ମିନ ସେମାନଙ୍କୁ ଉଦ୍ଧାର କରି ତାଙ୍କ ଗାଶାଳାରେ ରଖୁଛନ୍ତି। ଏହା ବ୍ୟତୀତ ରୋଗଗ୍ରସ୍ତ କିମ୍ବା ଦୁର୍ଘଟଣାରେ ଆହତ ଷଣ୍ଢମାନଙ୍କୁ ମଧ୍ୟ ଉଦ୍ଧାର କରି ସେ ଗୋଶାଳାରେ ଚିକିତ୍ସା କରୁଛନ୍ତି। ସେ ଏହି ଗୋଶାଳାର ନାମ 'ଶିବ କେ ନନ୍ଦିୟୋଁକା ଘର୍' ରଖିଛନ୍ତି। ଜସ୍ମିନଙ୍କ ବୟସ ୨୯ ବର୍ଷ। ପେସାରେ ସେ ଜଣେ ଆକାଉଣ୍ଟାଣ୍ଟ। ସେ ତାଙ୍କ ଦରମାରେ ଗାଶାଳା ପରିଚାଳନା କରୁଛନ୍ତି। ଗୋରୁଙ୍କ ଖାଦ୍ୟ, ଚିକିତ୍ସା ଆଦି ଖର୍ଚ୍ଚ ସେ ନିଜେ ବହନ କରନ୍ତି। ଜସ୍ମିନଙ୍କର ଏହି କାର୍ଯ୍ୟ ଦେଖି କିଛି ବ୍ୟକ୍ତି ସାହାଯ୍ୟ କରୁଥିଲେ ମଧ୍ୟ ତାହା ଅଭାବ ପୂରଣ ହୋଇପାରୁନାହିଁ ବୋଲି କହନ୍ତି ଜସ୍ମିନ।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୭୪

- କୋଇଲା ଉତ୍ପାଦନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ନେଇ ପେଟ୍ରୋଲିୟମ୍ ଓ ରାସାୟନିକ ବିଭାଗ ମନ୍ତ୍ରୀ କେ.ଡି. ମାଳବୀୟଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ ମନ୍ତ୍ରିମଣ୍ଡଳ କମିଟି ଗଠିତ।
- ରୋମଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ସମ୍ମିଳନୀର ପରିକଳ୍ପନା ଅନୁଯାୟୀ ୩୬ଟି ଦେଶକୁ ନେଇ ଏକ ଖାଦ୍ୟ କାଉନ୍‌ସିଲ ଗଠନ କରାଯିବା ନିମନ୍ତେ ଜାତିସଂଘର ଅର୍ଥନୈତିକ କମିଟି ଏକ ପ୍ରସ୍ତାବ ଗ୍ରହଣ କରିଛନ୍ତି।
- ଜାତିସଂଘର ପୂର୍ବତନ ସଚିବ ପ୍ରଧାନ ସ୍ୱର୍ଗତ ଉ. ଥାଣ୍ଟଙ୍କ ଶବକୁ କବର ଦିଆଯିବା ସଂକ୍ରାନ୍ତ ବିବାଦରୁ ତୁମୁଳ ସଂଘର୍ଷ ଓ ହିଂସାକାଣ୍ଡର ଉଦ୍ଭବ ହେବା ଫଳରେ ରେଙ୍ଗୁନ ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମରିକ ଆଇନ ତଥା କର୍ଫ୍ୟୁ କଟକଣା ଜାରି କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 4 | 9 |
| 7 | | | | | | | 2 | |
| | | 5 | | 9 | | | | |
| | | 8 | | | 2 | | | |
| | | 9 | | 4 | 8 | 5 | | 1 |
| 3 | | | | | 9 | 8 | | |
| 1 | 4 | | | | | | 7 | |
| | | | | | | | | 4 |
| | | | 3 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 6 | 9 | 7 | 2 | 1 |
| 9 | 7 | 5 | 3 | 2 | 1 | 4 | 6 | 8 |
| 6 | 1 | 2 | 4 | 7 | 8 | 5 | 3 | 9 |
| 7 | 9 | 3 | 1 | 4 | 2 | 6 | 8 | 5 |
| 5 | 4 | 8 | 6 | 9 | 3 | 2 | 1 | 7 |
| 2 | 6 | 1 | 7 | 8 | 5 | 9 | 4 | 3 |
| 1 | 2 | 7 | 8 | 5 | 4 | 3 | 9 | 6 |
| 3 | 5 | 9 | 2 | 1 | 6 | 8 | 7 | 4 |
| 4 | 8 | 6 | 9 | 3 | 7 | 1 | 5 | 2 |

ଗତକାଲିର ଉତ୍ତର

# ବେନାମୀ ଧନର ମୂଳ ଉତ୍ସ କେଉଁଠି



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଝାଡ଼ଖଣ୍ଡରୁ ଜଣେ ରାଜ୍ୟ ସଭା ସଦସ୍ୟ ଓ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବାସଭବନରେ ଆୟକର ବିଭାଗ ୫ଦିନ ଧରି ଚଢ଼ାଉ କରିଥିଲା। ଏହି ଚଢ଼ାଉ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସାହୁ ଗ୍ରୁପ୍‌ର କମ୍ପାନିରେ ହୋଇଥିଲା। ଆୟକର ବିଭାଗର ଅଧିକାରୀମାନେ ଓଡ଼ିଶା ଓ ଝାଡ଼ଖଣ୍ଡରୁ ଏପର୍ଯ୍ୟନ୍ତ ମୋଟ ୪୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଜବତ ହୋଇଥିବା କଳାଟଙ୍କା ଉପରେ ଆଭିମୁଖ୍ୟ ଦେଖାଇଛନ୍ତି ପ୍ରଧାନମନ୍ତ୍ରୀ। ଜନତାଙ୍କଠାରୁ ହରିଲୁଟ ହେଉଥିବା ଟଙ୍କା ଗୋଟି ଗୋଟି ଅସୁଲ କରାଯିବ ବୋଲି ମୋଦି କହିବା ପରେ ଜଣେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ଏହା ସହ କିଛି ମୌଳିକ ପ୍ରଶ୍ନ ଉଠାଇ ସେ ପଚାରିଛନ୍ତି, ଏହି ବେନାମୀ ଧନର ମୂଳ ଉତ୍ସ କେଉଁଠି ? ଜଣେ ଲୋକଠାରୁ ଏତେ ମାତ୍ରାରେ କଳାଟଙ୍କା ଆୟକର ବିଭାଗ ଉଦ୍ଧାର କରିବା ସୂଚାଉଛି ଯେ ଆମ ଶାସନ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଏବଂ ବିମୁଦ୍ରୀକରଣ ଦୁର୍ନୀତି ଓ କଳାଟଙ୍କା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅବଶ୍ୟ ଆଗରୁ ଏପରି ଆୟକର ବିଭାଗ ତରଫରୁ ରେଡ୍ ହେଉଥିଲା। ଏଣୁ ଏବେ ରେଡ୍ ହେବାରେ କିଛି ନୂତନତ୍ୱ ନାହିଁ। ଦେଶବାସୀ ମୋଦିଙ୍କଠାରୁ ଏପରି ଗ୍ୟାରେଣ୍ଟି ଚାହାନ୍ତି–ଏପରି ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବେ, ଯେପରି ଦୁର୍ନୀତିର ସମ୍ପୂର୍ଣ୍ଣ ବିଲୋପ ଘଟିବ ଏବଂ କଳାଟଙ୍କା ସୃଷ୍ଟି ହେବନି କି ବିଦେଶକୁ ସ୍ଥାନାନ୍ତର ହେବନି। କିନ୍ତୁ ବର୍ତ୍ତମାନ କଳାଟଙ୍କା ଆଗ ଅପେକ୍ଷା ବେଶି ବୃଦ୍ଧିପାଇଛି। ଦୁର୍ନୀତି ଭିନ୍ନ ରୂପ ନେଇଛି। ଦୁର୍ନୀତିର ମୁଖ୍ୟ ଉତ୍ସ ହେଉଛି ଆମ ନିର୍ବାଚନ ପ୍ରକ୍ରିୟା। ନିର୍ବାଚନରେ ଲଢ଼ିବାକୁ ହେଲେ କୋଟି କୋଟି ଟଙ୍କା ଆବଶ୍ୟକ। ଅନେକ ଭୋଟର ମଧ୍ୟ ଭୋଟ ଦେବାପାଇଁ ଅର୍ଥ ନେଉଛନ୍ତି ବା ତାଙ୍କୁ ଲାଞ୍ଚୁଆ କରିଦିଆଯାଇଛି। ଏଣୁ ଆମ ବ୍ୟବସ୍ଥାରେ ଯେଉଁ ତ୍ରୁଟି ରହିଛି ତାହାର ପରିବର୍ତ୍ତନ ଆବଶ୍ୟକ। କିନ୍ତୁ ସେହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ଲାଭବାନ୍ ଯେଉଁମାନେ ହେଉଛନ୍ତି, ସେମାନେ ପରିବର୍ତ୍ତନ ଚାହୁଁ ନାହାନ୍ତି।

ଚିନ୍ତାର ବିଷୟ ହେଉଛି ଅଧିକାଂଶ ନେତା ଓ ପ୍ରଶାସକ ଦୁର୍ନୀତିକୁ ଗୋଟିଏ ପଟେ ପ୍ରୋତ୍ସାହନ ଦିଅନ୍ତି, ସାଧାରଣଲୋକଙ୍କୁ ଭୁଟେଇବା ପାଇଁ ଦୁର୍ନୀତି ବିରୋଧରେ ସର୍ବଦା କହିଥାନ୍ତି। ଯଦି କିଏ ଧରାପଡ଼ିଲା ତେବେ ତାହାକୁ କଠୋର ସମାଲୋଚନା କରନ୍ତି। ଏହାର ଅର୍ଥ, ଯେପର୍ଯ୍ୟନ୍ତ ଜଣକର ଦୁର୍ନୀତି ଓ କଳାଟଙ୍କା ଧରା ନ ପଡ଼ିଛି ବା ଧରିବାକୁ ଚେଷ୍ଟା କରାଯାଇନି, ସେପର୍ଯ୍ୟନ୍ତ ସେ ସାଧୁ ଓ ଦୁର୍ନୀତିମୁକ୍ତ। ବର୍ତ୍ତମାନ ଦେଶରେ ଏକ ଭୟଙ୍କର ଟ୍ରେଣ୍ଡ୍ ଦେଖାଦେଇଛି। ତାହା ହେଲା ଯିଏ ଶାସକ ଶ୍ରେଣୀର ଗୁଣଗାନ କଲା, ପ୍ରଶଂସା କଲା, ସବୁ ଦଳକୁ ଖୁସି କରି ରଖିଲା, ସେ ଯେତେ କଳାଟଙ୍କାର ପାହାଡ଼ ସୃଷ୍ଟି କଲେ ବା ବ୍ୟାଙ୍କ ଋଣ ନେଇ ନ ଶୁଝିଲେ ମଧ୍ୟ ଧରାପଡ଼ିବା ସମ୍ଭାବନା କମ। ଧରାପଡ଼ିଲେ ଦଣ୍ଡ ପାଇବାର ସମ୍ଭାବନା ବହୁତ କମ। ମୁକୁଳିବା ପାଇଁ ମଧ୍ୟ ଅନେକ ଚେଷ୍ଟା କରିବେ। କିନ୍ତୁ ଶାସକ ଶ୍ରେଣୀକୁ ସନ୍ତୁଷ୍ଟ ନ କଲେ ଧରାପଡ଼ି ଦଣ୍ଡ ପାଇବାର ସମ୍ଭାବନା ବହୁତ ଅଧିକ। ଏଣୁ ବହୁ ଲୋକ କଳାଟଙ୍କାର ପାହାଡ଼ ସୃଷ୍ଟି କଲେ ମଧ୍ୟ କ୍ୱଚିତ ଧରାପଡୁଛନ୍ତି ବା ଦଣ୍ଡିତ ହେଉଛନ୍ତି।

ବାସ୍ତବରେ ବେଶି ଦୁର୍ନୀତି ଘଟୁଛି ବ୍ୟାଙ୍କ ଋଣ ରାଇଟଅଫ୍ କରିବା ଯୋଗୁ। ୨୦୧୪–୧୫ରୁ ୨୦୨୨–୨୩ ଗତ ୯ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ୧୪.୫୬ ଲକ୍ଷ କୋଟି ଟଙ୍କାର ଖରାପ ଋଣ ରାଇଟଅଫ୍ କରିଛନ୍ତି। ସେହି ଟଙ୍କାରୁ ବୃହତ୍ ଶିଳ୍ପ ଏବଂ ସେବା ସଂସ୍ଥାଗୁଡ଼ିକର ପରିମାଣ ୭.୪୦ ଲକ୍ଷ କୋଟି ଟଙ୍କା। ପ୍ରାୟ ଯେତିକି ଋଣ ରାଇଟଅଫ୍ ହେଉଛି ତାହାର ମାତ୍ର ୧୫%ରୁ ୧୮%



ଫେରୁଛି। ଅବଶିଷ୍ଟ ଫେରୁନାହିଁ। ଏହାର ଅର୍ଥ ଗତ ୯ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା କାହା ପକେଟ୍‌କୁ ଯାଇଛି। କେତେଜଣ ବିଦେଶରେ ଆରାମ ଜୀବନ ବିତାଉଛନ୍ତି। ଏମାନେ କ'ଣ କମ ଦୋଷୀ ? ଏମାନେ କେବେ ଶାସକଶ୍ରେଣୀ ଓ କ୍ଷମତାଶାଳୀଙ୍କ ବିନା ସହଯୋଗରେ ଏପରି ଲୁଟିପାରିବେ ?

ସେହିପରି ବିଭିନ୍ନ ପ୍ରକଳ୍ପର ଧାର୍ଯ୍ୟ ବ୍ୟୟଠାରୁ ବହୁ ଅଧିକ ଖର୍ଚ୍ଚ କରାଯାଉଛି, ଯାହା ବେଆଇନ ଏବଂ ସେହି ବର୍ଦ୍ଧିତ ବ୍ୟୟ ଏକପ୍ରକାର ସ୍କାମ୍ କହିଲେ ଭୁଲ୍ ହେବନି। ଭାରତର ସିଏଜଙ୍କ ଏକ ଅଡିଟ୍ ରିପୋର୍ଟ ଅନୁଯାୟୀ ଭାରତମାଲା ପରିଯୋଜନାରେ ୨୦୧୭–୧୮ରୁ ୨୦୨୦–୨୧ପର୍ଯ୍ୟନ୍ତ ଧାର୍ଯ୍ୟ ବ୍ୟୟଠାରୁ ମୂଲ୍ୟ ବୃଦ୍ଧି ଯୋଗୁ ୭.୫ ଲକ୍ଷ କୋଟି ଅଧିକ ବ୍ୟୟ ହେବ। ବାସ୍ତବରେ କିଛି ଲୋକଙ୍କର ହାତ ଚିକ୍କଣ ପାଇଁ ଏହା ବୃଦ୍ଧି କରାଯାଇନି ତ ? ଏହା ଏକପ୍ରକାର ସ୍କାମ୍। ସେହିପରି ଷ୍ଟକ୍ ମାର୍କେଟରେ ଅନିୟମିତତା ଯୋଗୁ ରାତାରାତି କିଛି କମ୍ପାନୀଙ୍କ ମାର୍କେଟ କ୍ୟାପିଟାଲାଇଜେଶନ ବୃଦ୍ଧି ଘଟି ସମ୍ପଦ ଅହେତୁକ ବୃଦ୍ଧି ପାଉଛି। ନିକଟରେ ଗୋଟିଏ ସପ୍ତାହରେ ଆଦାନୀଙ୍କ ସମ୍ପଦ ୫.୬ ବିଲିୟନ ଡଲାର ବା ୪୬,୪୮୦ କୋଟି ଟଙ୍କା ବୃଦ୍ଧି ପାଇଛି।

ଜିଏସ୍‌ଟି ପ୍ରଚଳନ ପୂର୍ବରୁ ଏହା ଟିକସ ଫାଙ୍କି ରୋକିବ ବୋଲି କୁହାଯାଉଥିଲା। କିନ୍ତୁ ଦେଶରେ ଜିଏସ୍‌ଟି ଟିକସ ଫାଙ୍କି ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ମାତ୍ର ୧.୧ ଲକ୍ଷ କୋଟି ଟଙ୍କା ପୁନରୁଦ୍ଧାର ହୋଇଛି, ଯାହା ସମୁଦାୟ ଟିକସ ଫାଙ୍କିର ପ୍ରାୟ ୨୫%। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର ସୁଦ୍ଧା ଟିକସ ଫାଙ୍କି ୧.୫୧ ଲକ୍ଷ କୋଟି ଟଙ୍କା। ଯଦି ଆମେ ଆୟକର ବକେୟା ବିଷୟରେ କହିବା, ତେବେ ୨୦୧୩–୧୪ପର୍ଯ୍ୟନ୍ତ ଏହି ପରିମାଣ ୫ ଲକ୍ଷ ୭୫ ହଜାର କୋଟି ଟଙ୍କା ଥିଲା, ଯାହା ୨୦୧୭–୧୮ ସୁଦ୍ଧା ୧୧, ୧୪,୧୮୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୩–୧୪ରେ ୯୬% ବକେୟା ଟିକସ 'ପୁନରୁଦ୍ଧାର କରିବା କଷ୍ଟକର' ବୋଲି ବିବେଚନା କରାଯାଉଥିବାବେଳେ ୨୦୧୭–୧୮ ସୁଦ୍ଧା ୯୮% ବକେୟା ଟିକସ 'ପୁନରୁଦ୍ଧାର କରିବା କଷ୍ଟକର' ବୋଲି ବିବେଚନା କରାଯାଉଛି। ସେହିପରି ଷ୍ଟେଟ୍ ଅଫ୍ ଟ୍ୟାକ୍ସ ଜଷ୍ଟିସ ରିପୋର୍ଟରେ କୁହାଯାଇଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଟିକସ ଆଇନ ଅପବ୍ୟବହାର ଏବଂ ବ୍ୟକ୍ତିଗତ ଟିକସ ଫାଙ୍କି ଯୋଗୁ ଭାରତ ପ୍ରତିବର୍ଷ ୧୦.୩ ବିଲିୟନ ଡଲାରରୁ ଅଧିକ ଟିକସ ହରାଉଛି।

ବିଭିନ୍ନ ଟିକସ ଭୂସ୍ୱର୍ଗ ବା ଆଶ୍ରୟସ୍ଥଳୀ ଯଥା ମରିସସ, ସ୍ୱିଜରଲାଣ୍ଡ, ଲିଚଟେଷ୍ଟାଇନ, ବ୍ରିଟିଶ ଭର୍ଜିନ ଦ୍ୱୀପପୁଞ୍ଜ ଇତ୍ୟାଦିରେ କଳାଟଙ୍କା ରଖିଲେ ନାମ ଲୁକ୍କାୟିତ ରୁହେ ଏବଂ ଟିକସ ପଡ଼େନା କିମ୍ବା ବହୁତ କମ ଟିକସ ପଡ଼େ। ଧନୀ, କ୍ଷମତାଶାଳୀ ଟିକସ ଫାଙ୍କିବା ପାଇଁ ଏହାର ସୃଷ୍ଟି। କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ(ସିବିଆଇ) ଅନୁଯାୟୀ ୨୦୧୨ ବେଳେ ବିଦେଶରେ ଟିକସ ଭୂସ୍ୱର୍ଗରେ ଭାରତୀୟ ୫୦୦ ବିଲିୟନ କଳାଟଙ୍କା ରଖିଥିଲେ। ବର୍ତ୍ତମାନ ଏହା ବହୁ ଅଧିକ। ଏହିପରି ଟିକସ ଭୂସ୍ୱର୍ଗରେ ଟଙ୍କା ରଖିବାରେ ୨୦୧୬ରେ ପାନାମା ପେପର୍ସରେ ପ୍ରାୟ ୫୦୦ ଭାରତୀୟଙ୍କ ନାମ ଉଲ୍ଲେଖ ହୋଇଥିଲା, ଯେଉଁମାନେ ୨୦,୦୭୮ କୋଟି ଟଙ୍କା ରଖିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଅମିତାଭ ବଚ୍ଚନ, ତାଙ୍କ ବୋହୂ ଐଶ୍ୱର୍ଯ୍ୟା ରାୟ, ଅଭିନେତା ଅଜୟ ଦେବଗନ, ବ୍ୟବସାୟୀ ବିଜୟ ମାଲ୍ୟା ଓ ଭାରତର ପୂର୍ବତନ ସଲିସିଟର ଜେନେରାଲ ହରିଶ ସାଲ୍‌ଭେ। ସେହିପରି ୨୦୨୧ 'ପାଣ୍ଡୋରା ପେପର୍ସ'ରେ ୩୮୦ରୁ ଅଧିକ ଭାରତୀୟଙ୍କ ନାମ ଉଲ୍ଲେଖ ହୋଇଥିଲା। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି ଅଭିନେତା ଜ୍ୟାକି ଶ୍ରଫ ଏବଂ ଅନିଲ ଅମ୍ବାନୀ ଏବଂ କିରଣ ମଜୁମଦାର ଖାଁଙ୍କ ଭଳି ଉଦ୍ୟୋଗୀଙ୍କ ନାମ ଉଲ୍ଲେଖ ରହିଥିଲା। ବାସ୍ତବରେ ଯେଉଁମାନେ ଦୁର୍ନୀତିର ମୂଳ ଉତ୍ସ ତାଙ୍କୁ ଆଇନ ସ୍ପର୍ଶ କରିପାରୁନି। ଦୁର୍ନୀତି ବିରୋଧୀ ସ୍ଲୋଗାନ କେବଳ ଲୋକଙ୍କୁ ଭୁଆଁବୁଲାଇବା ସଦୃଶ।

ମୋ:୯୪୩୭୨୦୮୭୬୨

# ବେହିସାବୀଙ୍କୁ ପଦେ



ଦେବେନ୍ଦ୍ର କର

ଯୁଗଳବାବୁ କହିଲେ, ଯାହା କୁହନ୍ତୁ ଦରଦାମ ଯାହା ହେଲାଣି ଘର ଚଳେଇବା ବଡ଼ ମୁସ୍କିଲ। ବିକାଶବାବୁ ଚୁପ୍ ହୋଇ ଶୁଣୁଥାନ୍ତି। ଯୁଗଳବାବୁ ପୁଣି କହିଲେ, ସେ ଖବର କାଗଜବାଲାକୁ ବନ୍ଦ କରିଦେଲେ। ଏତେ ଖର୍ଚ୍ଚ ଭିତରେ ଆଉ ଖବରକାଗଜ ରଖିବା ସମ୍ଭବ ନୁହେଁ। ବିକାଶବାବୁ କହିଲେ ଖବରକାଗଜ ବାବଦରେ କେତେ ଖର୍ଚ୍ଚ ପଡେ ଯେ। ଆପଣଙ୍କ ପିଲାମାନେ କଲେଜରେ ପଢୁଛନ୍ତି। ଚାକିରିବାକିରି ବିଜ୍ଞାପନ, ପରୀକ୍ଷା ସୂଚନା କିମ୍ବା ରେଜଲ୍ଟ ସବୁକିଛି ତ ଖବରକାଗଜରୁ ଜାଣି ହୁଏ। ଯୁଗଳବାବୁ କହିଲେ, ସବୁ ତ ଏବେ ମୋବାଇଲରୁ ଜାଣି ହେଉଚି ଆଉ କିଏ କ'ଣ ଖବରକାଗଜ ପଢୁଛନ୍ତି। ବିକାଶବାବୁ କହିଲେ, ଖବରକାଗଜ ସ୍ଥାନ କାହିଁ କେତେ ଉଚ୍ଚରେ। ଖଣ୍ଡିଏ କାଗଜ ପୂରା ପରିବାରର ଆବଶ୍ୟକତା ପୂରଣ କରେ। କଥା ମଝିରେ ଯୁଗଳ ବାବୁ କହିଲେ, ହିସାବ କରି ଦେଖନ୍ତୁ ତ ଗୋଟେ ମାସରେ ପେପର ପିଛା ଖର୍ଚ୍ଚ କେତେ ପଡୁଚି, ଅତି କମ୍‌ରେ ମାସକୁ ଦୁଇ ଶହ। ସେଇ ହିସାବରେ ବର୍ଷକୁ କେତେ ହେଲାଣି କହିଲେ ! ବିକାଶବାବୁ କହିଲେ, ଗୋଟେ ମୋବାଇଲରେ ଅତି କମ୍‌ରେ ଦୁଇ ଶହ ଟଙ୍କା ରିଚାର୍ଜ ହେଉଥିବେ, ଆପଣଙ୍କ ଘରେ ପାଞ୍ଚଟା ମୋବାଇଲ। ତା' ତୁଳନାରେ ଖବରକାଗଜ ମୂଲ୍ୟ କିଛି ବି ନୁହେଁ। ଯୁଗଳବାବୁ ଏବେ ଚୁପ ପଡ଼ିଗଲେ। ଆଜିର ସମୟରେ ନିଜେ ସମ୍ପୂର୍ଣ୍ଣ ଠିକ୍ ବୋଲି ସମସ୍ତେ ସବୁ ସମୟରେ ଯୁକ୍ତି ବାଢ଼ନ୍ତି। ଆଉ ଯେବେ ନିଜ ଭୁଲକୁ କେହି ସାମ୍ନାରେ କହିଦିଏ ତେବେ ତ କଥା ସରିଲା। ଏକଥାଟି ଅପ୍ରିୟ ସତ ଯେ ନିଜକୁ ଘଷ୍ଟ ଘୋଡ଼େଇବାକୁ ଆମେ ସଭିଏଁ ବ୍ୟାକୁଳ। କଥା ବଢ଼ିଲେ ଯୁକ୍ତିତର୍କରୁ ଯାଏ କଳି ପର୍ଯ୍ୟନ୍ତ। ହେଲେ ସତ ସବୁବେଳେ ସତ। ନିଜ ଦୋଷତ୍ରୁଟି ପାଇଁ ପରବର୍ତ୍ତୀ ସମୟରେ ନିଜକୁ ହିଁ ଏହାର କ୍ଷତି ଭରଣା କରିବାକୁ ପଡ଼ିବ ଏଥିରେ ଆଦୌ ଦ୍ୱିମତ ନାହିଁ।

ଆମ ଦୋଷ ଦୁର୍ବଳତାର ତାଲିକା ଖୁବ୍ ଲମ୍ବା। ହିସାବରେ ଅନ୍ୟଠାରୁ କାମ ହାସଲ କରିପାରୁ, ହେଲେ ଅନ୍ୟକୁ ସାହାଯ୍ୟ ସହଯୋଗ ବେଳେ ପଛଘୁଞ୍ଚା ଦେଉ। ନିଜ ଆଖପାଖରେ କିଏ ଠକ, ଚୋର, ଟାଉଟର ଧୋକାବାଜ, ମତଲବି, ଗର୍ବୀ, ଅହଂକାରୀ ଖୁବ୍ ଭଲ ହିସାବ ରଖିପାରୁ । ହେଲେ ନିଜେ କ'ଣ ତାହା ପରଖିବାକୁ ସମୟନାହିଁ । ଆୟ ଦେଖି ବ୍ୟୟ କରିବା ଉପଦେଶ ଅନ୍ୟକୁ ଦେବା ପରିବର୍ତ୍ତେ ବରଂ ନିଜେ ପାଳନ କଲେ ଉଚିତ ହେବ। ଆଉ ଯେବେ କିଛି ପରିବର୍ତ୍ତନ ଚାହୁଁଛ ପ୍ରଥମେ ନିଜଠାରୁ ଆରମ୍ଭ ହେଲେ ଅନ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି ହେବ। ହିସାବୀ ଲୋକ ସବୁର ହିସାବ ରଖେ ଆଉ ବେହିସାବୀ ଲୋକ କେତେ ଆଇଲା କେତେ ଗଲା ତା'ର ପରବାଏ ନ ଥାଏ। ଆଉ ସେଇ ହିସାବୀ ଲୋକଙ୍କ ଭିତରେ ଅନେକ ଅଛନ୍ତି ନିଜ ଦୈନନ୍ଦିନ ବଦଖର୍ଚ୍ଚକୁ ସାମାନ୍ୟ କହି ଏଡ଼ାଇ ଦିଅନ୍ତି। ସାମାନ୍ୟ କହୁଥିବା ଖର୍ଚ୍ଚ ଧୀରେ ଧୀରେ ପାଲଟି ଯାଏ ବିଶାଳ ବୋଝ। ଖର୍ଚ୍ଚକୁ ଯେତେ ଜଗିଲେ କ'ଣ ହେବ ଯଦି ନିଶାପାଣିରେ ଅଭ୍ୟସ୍ତ, ଟଙ୍କା ସଞ୍ଚୟ ବଡ଼ କଷ୍ଟକର। ବଦ ଅଭ୍ୟାସରେ ଟଙ୍କା ଉଡ଼ାଇବା ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା। କଥାରେ ଅଛି 'ପାନବିଡ଼ି ନୁହେଁ ଛୋଟିଆ ନିଶା ଜଣାପଡ଼େ ନାହିଁ ଟାଣେ ପଇସା'। ନିଶାଦ୍ରବ୍ୟ ଯେବେ ଜଟିଳ ରୋଗକୁ ନିମନ୍ତ୍ରଣ କଲା ତେବେ ତ କଥା ସରିଲା। ଜୀବନ ତମାମ ଖଟିଖଟି ସଞ୍ଚିଥିବା ଧନ ଶେଷରେ ଯିବ ଡାକ୍ତର ପେଡ଼ିକୁ। ଫିଲ୍ମ ଦେଖା, ବୁଲାବୁଲି, ହୋଟେଲ ଖିଆପିଆ ଅନେକଙ୍କ ସଉକ। ଏସବୁ କେବଳ ବ୍ୟୟଭାର ବୃଦ୍ଧିର ମୂଳ କାରଣ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ଚିନ୍ତା ଓ ଦୁଃଖର ହୁଏ ଆଗମନ। ଏମିତିରେ ମଧ୍ୟବିତ୍ତ ପରିବାରରେ ଅଭାବଅନଟନ ଅତି ସାଧାରଣ କଥା। ହିସାବୀ ପ୍ରକୃତରେ ସିଏ ଯିଏ ପଇସାର ଠିକ୍ ମୂଲ୍ୟ ବୁଝେ ଆଉ ନିଜ ଆୟ ଦେଖି ବ୍ୟୟ କରେ। ଆଜିର ମଣିଷ ସମ୍ପୂର୍ଣ୍ଣ ଓଲଟା ସ୍ୱଭାବର। ବଦଖର୍ଚ୍ଚରୁ ନିବୃତ୍ତ ନ ହୋଇ ଜରୁରୀ ଆବଶ୍ୟକତା ବାଦ୍ ଦିଏ । ଉଦାହରଣ ଆଜି ପଇସା ଅଛି ପୁଲାଏ କ'ଣ ମଗେଇ ଖାଇଦେବା, ଭଲମନ୍ଦ କିଣି ପିନ୍ଧିଦେବା। ବଦଭ୍ୟାସ କେବଳ ଆମ ଅହଂ ଭାବନା ଓ ବେପରୁଆ ମନୋଭାବର ପରିଚୟ ଦିଏ। ସେପଟେ ଜରୁରୀ ଆବଶ୍ୟକତା ପୂରଣ କଲା ବେଳକୁ ପକେଟ ଖାଲି। ଏଣୁତେଣୁ ଖର୍ଚ୍ଚବାର୍ଚ୍ଚରେ ଆନନ୍ଦ ଅଧିକ ଆଉ ହିସାବ ବେଳକୁ ବଢ଼ଇ ଚିନ୍ତା । ମଧ୍ୟବିତ୍ତ ପରିବାରର ଏସବୁ ସାଧାରଣ କଥା। ପ୍ରତ୍ୟେକ ମାସର ଶେଷ ସପ୍ତାହକୁ ଦରମା ଖାଲି ଆଉ ଘରେ ବିଶୃଙ୍ଖଳା। ଏଣୁ ବେହିସାବୀ ହୋଇ ଖର୍ଚ୍ଚବାର୍ଚ୍ଚ ନ କରି ବରଂ ଜଣେ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ଭାବରେ କାର୍ଯ୍ୟ କଲେ ନିଜର ତଥା ନିଜ ପରିବାରର ମଙ୍ଗଳ ହିଁ ହେବ।

ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରଗ୍ସ କାରବାର ବୃଦ୍ଧି ଚିନ୍ତାର ବିଷୟ

ମହାଶୟ,

ଡ୍ରଗ୍ସ କାରବାର ବୃଦ୍ଧି ଯୁବବର୍ଗଙ୍କ ମେରୁଦଣ୍ଡ ଭାଙ୍ଗିଦେବ। ଯେଉଁପରି ଭାବରେ ଡ୍ରଗ୍ସ କାରବାର ଚାଲିଛି, ତାହା ସମାଜର ଭବିଷ୍ୟତକୁ ଧ୍ୱଂସସ୍ତୂପରେ ପରିଣତ କରିଦେବ। ପୋଲିସ, ଏସ୍‌ଟିଏଫ୍‌ର ମିଳିତ ଚଢ଼ାଉ ସତ୍ତ୍ୱେ ଓଡ଼ିଶାରେ ଏହାର ମାତ୍ରା ବୃଦ୍ଧି ଚିନ୍ତାଜନକ ପାଲଟିଲାଣି। ଡ୍ରଗ୍ସ ବନ୍ଦ କରିବା ଲାଗି ସରକାର ଆହୁରି ଚରମ ପଦକ୍ଷେପ ନିଅନ୍ତୁ। ଡ୍ରଗ୍ସ ସମାଜକୁ କବଳିତ କରିବା ପୂର୍ବରୁ ଆମକୁ ମିଳିତ ଭାବରେ ଏହାର ମୁକାବିଲା କରିବା ଉଚିତ। ନିଶା କବଳରୁ ମୁକ୍ତି ପାଇବାକୁ ହେଲେ ସମସ୍ତ ନାଗରିକ ସଚେତନ ହୋଇ ନିଶାକୁ ନା କୁହନ୍ତୁ।

–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଉଭା ହେଲ ହେ ମାନବ ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ।
–(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୩୧ ଜଳାଶୟର ହେବ ନବୀକରଣ



କାର୍ଯ୍ୟକ୍ରମରେ ଏସଏଚ୍‌ଜି ସଦସ୍ୟାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

ବ୍ରହ୍ମପୁର,୧୩।୧୨ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ଅଧୀନସ୍ଥ ୱାର୍ଡ ଗୁଡ଼ିକରେ ରହିଥିବା ଜଳାଶୟ ଗୁଡ଼ିକର ନବୀକରଣ କରାଯିବ। ଏହି କାର୍ଯ୍ୟରେ ବିଇଏମସି ଅଧୀନରେ ଥିବା ଏସଏଚଜି ସଦସ୍ୟାଙ୍କୁ ସାମିଲ କରାଯିବ। ମିଶନ ଶକ୍ତି ସହଭାଗିତାରେ ଜଳାଶୟ ଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟ ସମନ୍ୱୟ ଦକ୍ଷତା ବୃଦ୍ଧି କର୍ମଶାଳା ବୁଧବାର ଟାଉନ ହଲଠାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଇଏମସି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ଜଳାଶୟ ନବୀକରଣ ୟୁନିଟର ପରାମର୍ଶଦାତା ଦେବ ସୁନ୍ଦର ମହାପାତ୍ର ଯୋଗ ଦେଇଥିଲେ। ସେ କର୍ମଶାଳାର ଆଭିମୁଖ୍ୟ ଓ ଜଳାଶୟ ଗୁଡ଼ିକକର ରୂପାନ୍ତରୀକରଣ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିଗମ ଅଧୀନସ୍ଥ ୪୨ ୱାର୍ଡର ୩୧ ଜଳାଶୟର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ୮୦ ଏସଏଚଜିଙ୍କୁ ୩୯ କୋଟି ୪୨ ଲକ୍ଷ ୪୯ ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବର୍ଷା ଋତୁ ପୂର୍ବରୁ ସମସ୍ତ କାର୍ଯ୍ୟା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କର୍ମଶାଳାରେ ବିଇଏମସି ମେୟର ସଂଘମିତ୍ରା ଦଳେଇ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଇଏମ୍‌ସି କମିଶନର ଜେ. ସୋନାଲ, ଅତିରିକ୍ତ କମିଶନର ରମେଶ ହାଂସଦା, ସୁଡା ଷ୍ଟେଟ ମିଶନ ମ୍ୟାନେଜର ସ୍ମୃତି ରଞ୍ଜନ ସିଂ, ସନ୍ତୋଷ ମହାପାତ୍ର, ବିଇଏମସି ନିର୍ବାହୀ ଯନ୍ତ୍ରୀ ଲଳିତ ମୋହନ ଦାଶ, ନାଗେଶ୍ୱର ରାଓ ସୁବୁଦ୍ଧିଙ୍କ ସମେତ ନିଗମର ସମସ୍ତ ଯନ୍ତ୍ରୀ, କର୍ପୋରେଟର ଓ ଏସଏଚଜି ସଦସ୍ୟାମାନେ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମକୁ ମୁକ୍ତା ଯୋଜନାର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ମହେନ୍ଦ୍ରତନୟା ମହୋତ୍ସବ ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୩।୧୨ (ଗିରିଧାରୀ ପରିଛା)



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥ ମିଶନଶକ୍ତି କାଫେ ସମ୍ମୁଖ ପଡିଆଠାରେ ୨ ଦିନିଆ ମହେନ୍ଦ୍ରତନୟା ମହୋତ୍ସବ ବୁଧବାର ଶୁଭାରମ୍ଭ ହୋଇଛି। ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଂସ୍କୃତିକ ଅଧିକାରିଣୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବ୍ଲକ ଉପାଧ୍ୟକ୍ଷା ଏସ.ଅନୁସୂୟା ଦେବୀ, ଜିଲାପରିଷଦ ସଭ୍ୟ ଏସ. ବାଲାରାଜୁ ପ୍ରମୁଖଙ୍କ ସହ ଜନ ପ୍ରତିନିଧିମାନେ ମଞ୍ଚାସୀନ ଥିଲେ।

ଗୋଷାଣି ବିଡିଓ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅତିଥିମାନେ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ ଦଳଙ୍କ ନାଚ ଓ ଗୀତରେ ମଞ୍ଚ ଦୁଲୁକିଥିଲା। ଶୀତ ସନ୍ଧ୍ୟା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ ମତୁଆଲା କରିଥିଲା। ଗୋଷାଣି ସିଆରସି ରଶ୍ମିତା ସାମଲ ଏବଂ ଦେଉଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଣି ପରିଚାଳନା କରିଥିଲେ।

## ଗଞ୍ଜେଇ ବ୍ୟବସାୟୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର ୧୩।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଦିଗପହଣ୍ଡି ସ୍ଥିତ ଅବକାରୀ ବିଭାଗ ପକ୍ଷରୁ ୨୦୨୧ରେ ଜଣେ ବ୍ୟକ୍ତିଙ୍କ ଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ -୧ ଡ. ଇନ୍ଦୁ ଶର୍ମା ବୁଧବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ହେଲେ ପାଟପୁର ଥାନା ଅନ୍ତର୍ଗତ ଖପରାଗଣ୍ଡା ଗ୍ରାମର ପ୍ରତାପ ମଲିକ (୨୬)। ଜଜ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ସହ ଏକ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୧ ଜୁନ ୩୦ରେ ଅବକାରୀ ଟିମ ପାଟପୁର ଥାନା ଖପରଗଣ୍ଡା ଗ୍ରାମରେ ରହୁଥିବା ପ୍ରତାପଙ୍କ ଘରେ ଚଢ଼ାଉ କରିଥିଲା। ଉକ୍ତ ଘର ଭିତରେ ପ୍ରତାପ ବାହାର ରାଜ୍ୟକୁ ଚାଲାଣ ପାଇଁ ମହଜୁଦ ରଖିଥିବା ୭୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ମାମଲା ନଂ. ୪୧/୨୧-୨୨ ରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଅଭିରାମ ସାହୁ ଓ ସନ୍ତୋଷ କୁମାର ସାହୁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଅଭିଯୁକ୍ତଙ୍କୁ କଡା ସୁରକ୍ଷାରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନ ଓ ଅବକାରୀ ବିଭାଗ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟକୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

# ଗଛକଟାକୁ ବିରୋଧ କରି ଧାରଣା



ଧାରଣାରତ ସଂଘର ସଦସ୍ୟ, ସମାଜିକ କର୍ମୀ ଓ ଅଟୋ ଚାଳକ।

ବ୍ରହ୍ମପୁର,୧୩।୧୨(ସ୍ମୃତି ରଞ୍ଜନ ମହାଲିକ)


ସହରର ବିଭିନ୍ନ ସ୍ଥାନରେ ବିକାଶ ଆଳରେ ଗଛକଟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ବ୍ରହ୍ମପୁର ରେଳ ଷ୍ଟେଶନ ନିକଟବର୍ତ୍ତୀ ଅଟୋ ଷ୍ଟାଣ୍ଡଠାରେ ୩ଟି ବିରାଟ ଗଛକୁ କାଟିବା ପାଇଁ ପ୍ରସ୍ତୁତି ଚାଲୁଥିଲା। ଷ୍ଟେଶନ ଅଟୋ ଚାଳକ ଓ ସମାଜିକ କର୍ମୀ ବିନୋଦ ସାବତ ଏହାକୁ ବିରୋଧ କରି ବ୍ରହ୍ମପୁର ସବୁଜ ବାହିନୀକୁ ଖବର ଦେଇଥିଲେ। ବ୍ରହ୍ମପୁର ସବୁଜ ବାହିନୀ ସଦସ୍ୟ, ସମାଜସେବୀ ଓ ଅଟୋ ଚାଳକ ଗଛ କଟାଯିବା ସ୍ଥାନରେ ପହଞ୍ଚି ଧାରଣାରେ ବସିଥିଲେ।

ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଷ୍ଟେସନ ନିକଟବର୍ତ୍ତୀ ସ୍ଥାନରେ ଗାଡି ପାର୍କିଂ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି। ଗଛ ନକାଟିବା ପାଇଁ ବାରମ୍ବାର ସଂଗଠନ ପ୍ରତିବାଦ କରିଆସୁଛି। କିନ୍ତୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସଂସ୍ଥା ଗଛ କାଟୁଛି। ଖବର ପାଇ ବନ ବିଭାଗର କର୍ମଚାରୀ ଧାରଣା ସ୍ଥଳରେ ପହଞ୍ଚି ଗଛକଟା ମେସିନ ଉପକରଣ ଜବତ କରି ନିୟୋଜିତ ଶ୍ରମିକଙ୍କୁ ତାଗିଦ କରିଥିଲେ। ସହରର ଅନ୍ୟ ସ୍ଥାନ ଗୁଡ଼ିକରେ ଆଗାମୀ ଭବିଷ୍ୟତରେ ଏଭଳି ଗଛ କଟା ଜାରି ରହିଲେ ସବୁଜ ବାହିନୀ ବିରୋଧ କରିବା ସହ ଅନଶନ କରିବ ବୋଲି ଚେତାବନୀ ଦେଇଛି। ଆଜିର ଧାରଣାରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ.ପ୍ରକାଶଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ମାମଲା, ଡ୍ରାଇଭରଙ୍କ ଜାମିନ ଖାରଜ

ବ୍ରହ୍ମପୁର, ୧୩।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଗତ ନଭେମ୍ବର ୨୧ ତାରିଖ ରାତ୍ର ଏକ କାର ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଗୁରୁତର ଆହତ ହୋଇ କଟକରେ ଚିକିତ୍ସାଧୀନ ଅଛନ୍ତି। ଉକ୍ତ ମାମଲାରେ ଗିରଫ କାର ଚାଳକ ଦିଗପହଣ୍ଡିର ଆଶିଷ କୁମାର ସ୍ୱାଇଁ (୨୫)ଙ୍କ ଜାମିନ ପୂର୍ବରୁ ପାଟପୁର ଗ୍ରାମ୍ୟ ନ୍ୟାୟାଳୟରେ ଖାରଜ ହୋଇଯାଇଥିଲା। ପରେ ତାଙ୍କ ଜାମିନ ପାଇଁ ଓକିଲ ବ୍ରହ୍ମପୁର ଜିଲା ଜଜ୍ କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ପାଇଁ ଅତିରିକ୍ତ ଜିଲା ଦୌରା ଜଜ(ଏଡିଜେ)-୧ ଇନ୍ଦୁ ଶର୍ମାଙ୍କ କୋର୍ଟରେ ଦିନ ଧାର୍ଯ୍ୟ ହୋଇଥିଲା। ଉଭୟ ପକ୍ଷଙ୍କ ଓକିଲ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଶେଷରେ ଅତିରିକ୍ତ ପିପି ରଜତ କୁମାର ଦାଶ ଉକ୍ତ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ଏଡିଜେ ଉକ୍ତ ଜାମିନକୁ ଖାରଜ କରିଦେଇଛନ୍ତି। ନଭେମ୍ବର ୨୧ ରାତିରେ ପୋଡାମାରି ଗ୍ରାମର ସୀମାଞ୍ଚଳ ପ୍ରଧାନ(୫୦), ପି . ଜଗନ୍ନାଥପୁର ଗ୍ରାମର ନିରଞ୍ଜନ ମହାନ୍ତି(୪୦), ଅମୀର ନାୟକଙ୍କ ସମେତ କେତେକ ଲୋକ ବସଷ୍ଟାଣ୍ଡ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ କାର ( ଓ ୦୭ ଏ କେ - ୯୯୭୪) ଦିଗପହଣ୍ଡି ପଟୁ ଆସି ତପ୍ତପାଣି ଅଭିମୁଖେ ଯାଉଥିଲା। ପୋଡାମରି ବସଷ୍ଟାଣ୍ଡ ନିକଟରେ ଛିଡ଼ା ହୋଇଥିବା ଉପରୋକ୍ତ ୩ ଲୋକଙ୍କ ଉପରେ କାର ମାଡି ଯାଇଥିଲା। ଏପରିକି ନିକଟରେ ଥିବା ଏକ ବାଇକ ଉପରେ ଚଢ଼ିଯାଇଥିଲା। ପରେ ଏନେଇ ମୃତ ସୀମାଞ୍ଚଳଙ୍କ ଶାଳକ କାଳୁ ଚରଣ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ।



## ଛାତ୍ରୀଙ୍କୁ ବଳାତ୍କାର ମାମଲା: ଟିଉଶନ ଶିକ୍ଷକ ନିର୍ଦ୍ଦୋଷ

ବ୍ରହ୍ମପୁର, ୧୩।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଛାତ୍ରୀଙ୍କୁ ଜଣେ ଟିଉଶନ ଶିକ୍ଷକ ବଳାତ୍କାର କରିଥିବା ମାମଲାର ଚୂଡ଼ାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମାମଲାର ବିଚାର କରି ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ନାୟକ(୩୨)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେହିପରି ଉକ୍ତ ମାମଲାରେ ସମ୍ପୃକ୍ତ ଅନ୍ୟ ୩ଜଣଙ୍କୁ ମଧ୍ୟ ନିର୍ଦ୍ଦୋଷ ବୋଲି ଉଲ୍ଲେଖ କରିଛନ୍ତି। ସେମାନେ ହେଲେ ହୃଷୀକେଶ ବିଷୋୟୀ, ଶୁଭମ ପ୍ରସାଦ ବିଷୋୟୀ ଓ ଭାଲୁ ସାମଲ। ୨୦୧୮-୧୯ରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବୀରେନ୍ଦ୍ରଙ୍କ ଟିୟୁସନକୁ ପଢିବା ପାଇଁ ଯାଉଥିଲେ। ସେଠାରେ ତାଙ୍କୁ ଦିନେ ବୀରେନ୍ଦ୍ର ଖାଦ୍ୟରେ କୌଣସି ନିଶା ସାମଗ୍ରୀ ଦେଇ ଅଚେତ କରି ଦେଇଥିଲେ। ପରେ ତାଙ୍କୁ ଉଲଗ୍ନ କରି ମୋବାଇଲ ଫୋନରେ ଫଟୋ ଉଠାଇଥିଲେ। ତାହା ନାବାଳିକା ଛାତ୍ରୀଙ୍କୁ ଦେଖାଇ ବ୍ଲାକମେଲ କରିବା ସହ ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରି ଆସୁଥିଲେ। ୨୦୨୨ରେ ଛାତ୍ରୀଙ୍କ ବିବାହ ପାଇଁ ପରିବାର ଲୋକେ ଜଗନ୍ନାଥପ୍ରସାଦରେ ବରପାତ୍ର ଠିକ କରିଥିଲେ। ବୀରେନ୍ଦ୍ର ଏହା ଜାଣି ଜଗନ୍ନାଥପ୍ରସାଦ ଯାଇ ଛାତ୍ରୀଙ୍କ ଉକ୍ତ ଉଲଗ୍ନ ଫୋଟ ଦେଖାଇଥିଲେ। ଏହା ସତ୍ତ୍ୱେ ଛାତ୍ରୀଙ୍କ ବିବାହ ହୋଇଥିଲା। ପରେ ବୀରେନ୍ଦ୍ର ଓ ତାଙ୍କର ୩ ସହଯୋଗୀ ଛାତ୍ରୀଙ୍କ ଘରକୁ ଯାଇ ତାଙ୍କୁ ଓ ମା' ବାପାଙ୍କୁ ହତ୍ୟା ଧମକ ଦେଇଥିଲେ। ପରେ ପୀଡ଼ିତା ଜଣଙ୍କ ଏନେଇ କୋଦଳା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୨୦୨୨ ଜୁଲାଇ ୮ରେ ନଂ.୩୭୧/୨୨ ରେ ଏକ ମାମଲା ରୁଜୁ କରି ବୀରେନ୍ଦ୍ର ଓ ହୃଷୀକେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ଅନ୍ୟ ୨ ଅଭିଯୁକ୍ତଙ୍କୁ ଥାନାରୁ ୪୧ ସିଆରପିସିରେ ଛାଡ଼ିଥିଲା। ପରେ ହୃଷୀକେଶଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୭ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ବୀରେନ ପଟ୍ଟନାୟକ ଓ ଅନୋଜ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।




## ଯୁବକଙ୍କ ଆତ୍ମହତ୍ୟା

ଚିକିଟି (ପ୍ରକାଶ ଚନ୍ଦ୍ର ସାହୁ): କେ.ନୂଆଗାଁ ଥାନା ଚିକିଟିପେଣ୍ଠ ବକ୍ସିସାହିର ବଳରାମ ସାହୁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମଙ୍ଗଳବାର ରାତିରେ ପରିବାର ଲୋକ ଶୋଇଥିବା ସମୟରେ ସେ ଆସି ତଳବଜାରରେ ଏକ ନବନିର୍ମିତ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ସକାଳୁ ଖୋଜାଖୋଜି କରିଲା ବେଳକୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲ ପଠାଇଥିଲା। ଏ ନେଇ ନଂ. ୧୨/୨୩ରେ ମାମଲା ରୁଜୁ ହୋଇଥିବା ବେଳେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନହିଁ।



**ସଂକ୍ଷେପରେ**

## ୫ ପିକ୍‌ନିକ୍ ସ୍ପଟ୍‌ରେ ପ୍ଲାଷ୍ଟିକ ନିଷେଧ

ଛତ୍ରପୁର, ୧୩।୧୨ (ସନ୍ତୋଷ ପାଢ଼ୀ)

ପିକନିକ୍ ସ୍ପଟ ଗୁଡିକରେ ବହୁଳ ମାତ୍ରାରେ ପ୍ଲାଷ୍ଟିକ ପ୍ଲେଟ, ଗ୍ଲାସ ଓ ବ୍ୟାଗ ବ୍ୟବହାର ହେଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୧୦୦ଟି ପିକନିକ୍ ସ୍ପଟରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଇଛି । ଗଞ୍ଜାମ ଜିଲାର ୫ଟି ପିକନିକ୍ ସ୍ପଟ ପ୍ଲାଷ୍ଟିକ ଫ୍ରି ଜୋନ୍ ହେବ । ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜନସାଧାରଣଙ୍କ ପାଇଁ ନୋଟିସ୍ ଜାରି ହୋଇଛି । ଉକ୍ତ ପିକନିକ୍ ସ୍ପଟ ଗୁଡିକ ମଧ୍ୟରେ ଘୋଡାହାଡ ଇକୋଟୁରିଜିମ୍, ସୋନପୁର ବିଚ୍ ସାଇଟ୍, ନାରାୟଣୀ ମନ୍ଦିର, ବୁଦ୍ଧଖୋଲ ଓ ବ୍ଲାକ୍ ବକ୍ ନେଚର୍ କ୍ୟାମ୍ପ ରହିଛି । ଏ ନେଇ ସଚେତନ କରାଯିବ । ଏହି କ୍ୟାମ୍ପେନ୍‌ରେ ସ୍ଥାନୀୟ ସ୍ୱେଚ୍ଛାସେବୀ, ଏନଜିଓ, ଇକୋ କ୍ଲବ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ପଞ୍ଚାୟତ ଗୁଡିକୁ ସାମିଲ କରିବାକୁ ସ୍ଥିର ହୋଇଛି । ଉକ୍ତ ପିକନିକ୍ ସ୍ପଟ୍ ଗୁଡିକରେ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନ୍ ମାନିବା ସହ ଉକ୍ତ ପିକନିକ୍ ସ୍ପଟ୍ ଗୁଡିକ କିଭଳି ସଫା ରହିବ ସେ ନେଇ ନୋଟିସ୍‌ରେ କୁହାଯାଇଛି ।

## ସଡ଼କ ସୁରକ୍ଷା ସଚେତନତା

ତୁମୁଡ଼ିବନ୍ଧ, ୧୩।୧୨ (ଦୀପକ କୁମାର ପରାସେଠ୍):

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ନେତାଜୀ ସୁଭାଷ ବୋଷ ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ବିଶେଶ୍ୱର ଆଚାର୍ଯ୍ୟଙ୍କ ସହ ମହାବିଦ୍ୟାଳୟର ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ରମେଶ ଚନ୍ଦ୍ର ଦିଗାଲଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଗାଡ଼ି ମଟର ଚାଳକମାନଙ୍କୁ ସଚେତନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗୀୟ ମୁଖ୍ୟ ସୁଶାନ୍ତ ସୁନା, ଇଂରାଜୀ ବିଭାଗୀୟ ମୁଖ୍ୟ ରିନା ମହାନ୍ତି, ଶିକ୍ଷା ବିଭାଗୀୟ ମୁଖ୍ୟ ସ୍ୱାଗତିକା ସାହୁ, ଅଧ୍ୟାପକ ସନ୍ତୋଷ କୁମାର ବେହେରା, ସନ୍ନ୍ୟାସୀ ସାହୁ, ସମୀର କହଁର, ଅଧ୍ୟାପିକା ବନ୍ଦନା ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସିଟି କଲେଜରେ ସ୍ୱଚ୍ଛତା କର୍ମଶାଳା

ବ୍ରହ୍ମପୁର, ୧୩।୧୨ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ସହର ନିକଟ ଆମ୍ବପୁଆ ସିଟି କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ବୁଧବାର ପ୍ଲାଷ୍ଟିକ ମୁକ୍ତ ସମାଜ ଓ ସ୍ୱଚ୍ଛତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼.ଅନିତା ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର କଲେଜ ପରିସରରୁ ବାହାରି ନିକଟସ୍ଥ କ୍ରିଷ୍ଣାବାହାର ଓ ଆମ୍ବପୁଆ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସ୍ୱଚ୍ଛତା ସମ୍ପର୍କିତ ବାର୍ତ୍ତା ବାଣ୍ଟିଥିଲେ। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ହେଉଥିବା ଅସୁବିଧା ଓ ପରିବେଶ ପ୍ରଦୂଷଣ ସମ୍ପର୍କରେ ସଚେତନ ଓ ସତର୍କ କରାଇଥିଲେ। କାର୍ଯ୍ୟକ୍ରମକୁ ନୋଡ଼ାଲ ଅଧିକାରୀ ଡ଼.ଅଜୟ ପାଣ୍ଡୋଇ ପରିଚାଳନା କରିଥିଲେ। ସାମାଜିକ କାର୍ଯ୍ୟକ୍ରମ ଅଧିକାରୀ ବି.ମୁରଲୀଧର ଓ ଡ଼. ସସ୍ମିତା କୁମାରୀ ପଟ୍ଟନାୟକ ପରିଚାଳନା କରିଥିଲେ।

# ଗୋଦାମଘରେ ପାଠପଢ଼ା

ମୋହନା, ୧୩।୧୨ (ମନ୍ମଥ ମିଶ୍ର)

ବିଦ୍ୟାଳୟରେ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ, ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ବାରଣ୍ଡାରେ ଚାଲୁଛି ଏକାଥରକେ ତିନି ତିନୋଟି ଶ୍ରେଣୀର ପିଲାଙ୍କ ପାଠପଢା। କେବଳ ସେତିକି ନୁହେଁ ଗୋଦାମ ଗୃହରେ ମଧ୍ୟ ପଢୁଛନ୍ତି ଛାତ୍ରୀଛାତ୍ରୀ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ମୋହନା ବ୍ଲକର ୧୯୭୭ରେ ସ୍ଥାପିତ ହୋଇଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କିର୍ତ୍ତିଙ୍ଗଠାରେ। ଗ୍ରାମାଞ୍ଚଳରେ ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା ଯୋଗାଇଦେବା ପାଇଁ ସରକାର ପ୍ରତି ବିଦ୍ୟାଳୟର ଭିତ୍ତିଭୂମିର ବିକାଶକୁ ପ୍ରାଧାନ୍ୟ ଦେଉଥିବା ବେଳେ ଉକ୍ତ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୭୫ ପିଲା ପଢୁଛନ୍ତି। ବିଦ୍ୟାଳୟରେ ପୁରୁଣା କୋଠାକୁ ମିଶାଇ ସମ୍ପୂର୍ଣ୍ଣ ଦୁଇଟି କୋଠା ରହିଥିବା ବେଳେ ଗୋଟିଏ କକ୍ଷରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଏବଂ ଅନ୍ୟ ଏକ କକ୍ଷରେ



ଗୋଦାମ ଗୃହରେ ପାଠ ପଢୁଛନ୍ତି ଛାତ୍ରୀଛାତ୍ରୀ

ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀର ବିଦ୍ୟାର୍ଥୀ ପାଠ ପଢୁଛନ୍ତି। ଅବଶିଷ୍ଟ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢୁଛନ୍ତି। ଅସରାଏ ବର୍ଷା ହେଲେ ପାଠ ପଢା ପ୍ରଭାବିତ ହେଉଥିବା ବେଳେ ଗୋଟିଏ ସ୍ଥାନରେ ତିନି ତିନୋଟି ଶ୍ରେଣୀର ପାଠ ପଢିବା ବହୁତ ଅସୁବିଧା ହେଉଥିବା ପ୍ରକାଶ କରିଛନ୍ତି ଛାତ୍ରୀଛାତ୍ର। ରୋଷେଇ ଶାଳ ଛାତ ଖରାପ ଥିବା ଯୋଗୁଁ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ସାମଗ୍ରୀକୁ ଆଣି ବିଦ୍ୟାଳୟ କୋଠରୀରେ ରଖାଯାଇଛି। ଏଥିସହ ବିଦ୍ୟାଳୟରେ ପାଣି ଟ୍ୟାପ ଲାଗିଛି କିନ୍ତୁ ପାନୀୟ ଜଳର ସୁବ୍ୟବସ୍ଥା ନାହିଁ। ପାଚେରୀ ନଥିବା ହେତୁ ଅସାମାଜିକ ଲୋକଙ୍କ ଅବାଧ ପ୍ରବେଶ ସହ ବହୁ ସମସ୍ୟାହେଉଥିବା କହିଛନ୍ତି ଛାତ୍ରୀମାନେ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଞ୍ଚଳ କାର୍ଯ୍ୟୀଙ୍କୁ ପଚାରିବାରେ ବିଦ୍ୟାଳୟର ସମସ୍ୟା ନେଇ ପିଣ୍ଡିକି ସରପଞ୍ଚ ରାଜ କିଶୋର ମଲ୍ଲିକଙ୍କ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିବା କହିଛନ୍ତି। ସେପଟେ ପିଣ୍ଡିକି ସରପଞ୍ଚଙ୍କୁ ପଚାରିବାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବିଦ୍ୟାଳୟ ପାଚେରୀ ଖୁବଶୀଘ୍ର ନିର୍ମାଣ କରାଯିବ। ଏହା ସହ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ଲକର କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ପାଢ଼ୀ ଧ୍ୟାନ ଦେଉନଥିବା କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ ଶ୍ରେଣୀ ଗୃହ ପାଇଁ ଟେଣ୍ଡର ସରିଛି, ଶୀଘ୍ର ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୋହନା ବିଡିଓ ହଳଧର ଶବରଙ୍କୁ ଯୋଗାଯୋଗ କରାଯିବାରୁ ତଦନ୍ତ କରି ଅତିଶୀଘ୍ର ସ୍କୁଲର ସମସ୍ତ ସୁବିଧା କରାଯିବ ବୋଲି କହିଛନ୍ତି।

# ଉଦ୍ୟୋଗୀମାନେ ଶିଳ୍ପ ପାଇଁ ଆବେଦନ କରିବା ଆବଶ୍ୟକ

ଛତ୍ରପୁର, ୧୩।୧୨ (ଦିଲ୍ଲୀପ ସାମଲ):

ଛତ୍ରପୁରସ୍ଥିତ ଗଞ୍ଜାମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି (ଦୀପା) ପକ୍ଷରୁ ଓଡିଶାର ପୁଞ୍ଜିନିବେଶ ସୁଯୋଗ ଏବ ଗଞ୍ଜାମର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗୀମାନେ କିପରି ଛୋଟ ଛୋଟ ଶିଳ୍ପମାନ ପ୍ରତିଷ୍ଠା କରିବେ ସେନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଯେପରି ଉଦ୍ୟୋଗୀମାନେ ଆଗକୁ ଆସି ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଆବେଦନ କରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଅଧିକରୁ ଅଧିକ ଉଦ୍ୟୋଗୀ ଆସିଲେ ବହୁ ଶିକ୍ଷିତ ଯୁବତୀଯୁବକ ନିଯୁକ୍ତି ପାଇପାରିବେ। ଉଦ୍ୟୋଗୀମାନଙ୍କୁ ସରକାରଙ୍କ ଦ୍ୱାରା ପରିଚାଳିତ ନୀତିନିୟମ ସମ୍ପର୍କରେ କୁହାଯାଇଥିଲା। ସେମାନଙ୍କୁ ବ୍ୟାଙ୍କ ସହିତ କିଭଳି ସଂଯୋଗ ସ୍ଥାପନ ହେବ ସେ ସମ୍ପର୍କରେ ବୈଠକରେ ଆଲୋକପାତ ହୋଇଥିଲା। ଏହି ବୈଠକରେ ଜିଏମ୍‌ଡିଆଇସି ପ୍ରସନ୍ନ କୁମାର ପାତ୍ର, ଦୀପାର ରାଜ୍ୟ ଟିମ, ଗଞ୍ଜାମ ଜିଲା ଦୀପା ବିଭାଗର ସନ୍ତୋଷ କୁମାର ରଣା, ଦିଲୀପ ଦାସଙ୍କ ସମେତ ବହୁ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ।

## କ୍ଷେତ ମଜଦୁର ସଂଘର ବିକ୍ଷୋଭ

ପାରଳାଖେମୁଣ୍ଡି, ୧୩।୧୨ (ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ କୃଷକ ସଭା ଓ ବିକେଏମୟୁ (ଭାରତୀୟ କ୍ଷେତ ମଜଦୁର ୟୁନିୟନ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକ ମଧ୍ୟରେ ମୁଖ୍ୟ ଦାବିଗୁଡ଼ିକ ହେଲା ମରୁଡି ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୧୦ହଜାର ଓ ତଦନ୍ତ ପରେ ୫୦ହଜାର ପ୍ରଦାନ, ଅଯୋଗ୍ୟ ବିପିଏଲ କାର୍ଡଧାରୀଙ୍କୁ ବାଦ୍ ଦେଇ ଯୋଗ୍ୟ ଲୋକଙ୍କୁ ପ୍ରଦାନ, ବିଧବା ବାର୍ଦ୍ଧକ୍ୟ ଭତ୍ତା ୫ହଜାର ଟଙ୍କା ଓ ଅକର୍ମଣ୍ୟ ଭତ୍ତା ୧୦ହଜାର ଟଙ୍କା ପ୍ରଦାନ, ମାଗଣା ବିଦ୍ୟୁତ ୨୦୦ୟୁନିଟ, ମହିଳାମାନଙ୍କୁ ମାଗଣା ବସ୍ ସେବା, ଘରହିନମାନଙ୍କୁ ୧୦ ଡେସିମିଲ ଜାଗା ଯୋଗାଇବା, ମନରେଗା ଯୋଜନା ଠିକ ଭାବେ କାର୍ଯ୍ୟ କରିବା ଆଦି ଦାବି ରହିଛି। ଏହି ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ବିକେଏମୟୁର ରାଜ୍ୟ ସଭାପତି ଜନା ସୁବାସ ଚନ୍ଦ୍ର ରାଓ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିକେଏମୟୁ ଜିଲା ସମ୍ପାଦକ ଏମ. ଜଗନ୍ନାଥ ରାଓ, ଆଦିବାସୀ ସଂଘର ଇସମାଇଲ ଶବର ପ୍ରମୁଖଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଆସିକା, ୧୩।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ହରିହର ହାଇସ୍କୁଲ ପରିସରରେ ଚାଲିଥିବା ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି। ଆସିକା ଏମପି ପ୍ରମିଳା ବିଷୋୟୀ, ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ହିଞ୍ଜିଳିକାଟୁ କଲେଜ ଉପାଧ୍ୟକ୍ଷ ଅରୁଣ କୁମାର ଖାଡଙ୍ଗା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ମେଳାରେ ସନ୍ଧିକେନ୍ଦୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୋମନାଥ ବିଷୋୟୀଙ୍କ ପରିବା ଚାଷର ସଂରକ୍ଷଣ ପ୍ରକଳ୍ପ, ବାଇପଲ୍ଲୀ ବିଦ୍ୟାଳୟର ସୁମନ ନାୟକ ଓ ଗୋପିନାଥ ସ୍ୱାଇଁଙ୍କ ନଳକୂପରୁ ଶିଶୁକୁ ଉଦ୍ଧାର ପ୍ରକଳ୍ପ, ପଞ୍ଚାୟତ ହାଇସ୍କୁଲ ଦୁରୁବନ୍ଧର ଛାତ୍ର ଏସ. ସୁରଜ କୁମାରଙ୍କ ଭୂମିକମ୍ପ ସୁରକ୍ଷାସ୍ଥଳି ପ୍ରକଳ୍ପ, ପୁରୁଣା ପାଟଣା ବିଦ୍ୟାଳୟର ଛାତ୍ର ନରେନ୍ଦ୍ର ନାୟକଙ୍କ ଭୂସ୍ଖଳନ ରୋକିବା ଲାଗି ଜ୍ଞାନ କୌଶଳ ପ୍ରକଳ୍ପ ଓ ମଣ୍ଡାପଡା ହାଇସ୍କୁଲର



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

କାର୍ତ୍ତିକ ପ୍ରଧାନଙ୍କ ସ୍ମାର୍ଟ ସିଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରକୁ ଯାଇଛି । ସୋମବାର ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ସ୍ୱୟଂ ଶାସିତ ବିଶ୍ୱବିଦ୍ୟାଳୟର ଭାଇସ ଚାନସଲର କର୍ଣ୍ଣେଲ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ରମୋହନ ସାହୁ, ରାଜେଶ ପ୍ରଧାନ, ବିଇଓ ମୁନରାଣୀ ମହାନ୍ତି, ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ବିନା ସୂଚନା ଫଳକରେ ପ୍ରକଳ୍ପ ନିର୍ମାଣ

ଖଜୁରିପଡ଼ା, ୧୩।୧୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଦଳପଡ଼ା ଗ୍ରାମପଞ୍ଚାୟତ ବାଦେରୀପାଙ୍ଗୁ ଜଳାଶୟ ନିକଟରେ ବିନା ସୂଚନା ଫଳକରେ ଏକ କୋଠାଘର ନିର୍ମାଣ କରାଯାଇଛି। ଏହାକୁ କିଏ ଏବଂ କେଉଁ ବିଭାଗର ନିର୍ମାଣ ହେଉଛି ତାହାର କିଛି ସ୍ପଷ୍ଟ ସୂଚନା ଜାଣି ପାରୁନାହାନ୍ତି ସ୍ଥାନୀୟ ଜନସାଧାରଣ। ଏହା ସରକାରୀ ପ୍ରକଳ୍ପ ନା କୌଣସି ବେସରକାରୀ ଅନୁଷ୍ଠାନଦ୍ୱାରା ନିର୍ମାଣ ହେଉଛି ତାହା ସୂଚନା ଫଳକରେ କିଛି ସୂଚନା ନଥିବା ହେତୁ ଲୋକେ ଜାଣି ପାରୁନାହାନ୍ତି ବୋଲି ସାମାଜିକ କର୍ମୀ ଅନନ୍ତ କୁମାର ଦିଗାଲ, ଦଳପଡ଼ା ଗ୍ରାମପଞ୍ଚାୟତ ପୂର୍ବତନ ସମିତିସଭ୍ୟ ଗୌରଚରଣ ବେହେରା ଏବଂ ସାମାଜିକ କର୍ମୀ ବିଦୁର ବେହେରା ଏବଂ କଂଗ୍ରେସ ବ୍ଲକ ସଭାପତି ସ୍ୱାଧୀନ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ସରକାରୀ ପ୍ରକଳ୍ପ ଯଦି ନିର୍ମାଣ ହେଉଥିବ ତା'ହେଲେ ନିର୍ମାଣ ପୂର୍ବରୁ ସୂଚନା ଫଳକ ବାଧ୍ୟତାମୂଳକ ନିୟମ ଥିବା ବେଳେ ଏଠାରେ ତାହା କାର୍ଯ୍ୟକାରୀ କରାଯାଇନାହିଁ। ସେହିଭଳି ଉକ୍ତ କୋଠାଘରେ ସିମେଣ୍ଟ ଇଟା ମଧ୍ୟ ଦୁଇ ପ୍ରକାରର ଲାଗିଥିବା ଦେଖିବାକୁ ମିଳୁଥିଛି। ପ୍ରକଳ୍ପ ନିର୍ମାଣ ବେଳେ କୌଣସି ସରକାରୀ ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ କାହାକୁ ଦେଖିବାକୁ ମିଳୁନଥିବା ବେଳେ ଠିକାଦାର ନିଜ ଇଚ୍ଛାରେ କାମ କରୁଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ସୂଚନା ଫଳକ ଲେଖାହେଲେ ଏହା କେଉଁ ବିଭାଗ ଏବଂ କେତେ ଲକ୍ଷ ଟଙ୍କାର ପ୍ରକଳ୍ପ ନିର୍ମାଣ ହେଉଛି ତାହା ସର୍ବସାଧାରଣ ଜାଣିପାରନ୍ତେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ମିଳନ ପର୍ବ ଆରମ୍ଭ

ଗଞ୍ଜାମ, ୧୩।୧୨ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୂଲ୍ୟା ମୁହାଣରେ ଅଲିଭ ରିଡଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଯାଇଛି। ବୁଧବାର ରମ୍ଭା ଫରେଷ୍ଟର ରତନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପାଟ୍ରୋଲିଂ ଟିମ ସମୁଦ୍ର ମଧ୍ୟକୁ ଯାଇଥିବା ବେଳେ ସମୁଦ୍ରକୂଳଠାରୁ ୫କିମି ପରିଧି ମଧ୍ୟରେ ଦଳ ଦଳ କଇଁଛଙ୍କ ମିଳନ ଚାଲିଥିବା ଦେଖିବାକୁ ପାଇଥିଲେ। ଏହି ମିଳନ ପ୍ରକ୍ରିୟା ଜାନୁୟାରୀ ମାସ ଯାଏ ଚାଲୁ ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ର ଉପକୂଳରେ ଦକ୍ଷିଣା ପବନ ବୋହିଲେ ଗଣଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୂର୍ବାନୁମାନ କରିଛି ବନ ବିଭାଗ। କଇଁଛଙ୍କ ମିଳନ ପ୍ରକ୍ରିୟାରେ ବାଧା ନ ଉପୁଜିବା ଲାଗି ଉତ୍ତର ଦିଗରେ ଥିବା ପ୍ରୟାଗୀ ଓ ଦକ୍ଷିଣ ଦିଗରେ ଥିବା ଆର୍ଜିପଲ୍ଲୀ ଯାଏ ସମୁଦ୍ର ଅଞ୍ଚଳକୁ ବନ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ସମୟରେ କଇଁଛମାନଙ୍କ ସୁରକ୍ଷା ପାଇଁ ବେଳାଭୂମିଠାରେ ବନ ବିଭାଗ ତରଫରୁ ବେରିକେଟ ନିର୍ମାଣ କରାଯାଇଛି। ତାମିଲନାଡୁ ଓ ଆନ୍ଧ୍ରାରୁ ଟ୍ରଲର ଗୁଡିକ ମାଛ ମାରିବାକୁ ଅବାଧରେ ସମୁଦ୍ର ମଧ୍ୟକୁ ପଶି ଯାଉଥିବା ହେତୁ ବନ ବିଭାଗର ଦୁଇଟି ଟ୍ରଲର ପାଟ୍ରୋଲିଂ କରାଯାଉଥିବା ସହ ସ୍ଥାନୀୟ ବେଳାଭୂମି ଠାରେ କୋଷ୍ଟଗାର୍ଡ ନିୟୋଜିତ କରାଯାଇଥିବା ରେଞ୍ଜର ରତନ ବେହେରା ସୂଚନା ଦେଇଛନ୍ତି। ଆସନ୍ତା ଜାନୁୟାରୀ ଶେଷ ସପ୍ତାହ କିମ୍ବା ଫେବୃଆରି ଦ୍ୱିତୀୟ ସପ୍ତାହ ସୁଦ୍ଧା କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପରିବେଶବିତମାନେ ପୂର୍ବାନୁମାନ କରିଛନ୍ତି। କଇଁଛମାନଙ୍କ ସୁରକ୍ଷା ନିମନ୍ତେ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଫରେଷ୍ଟ ଗାର୍ଡ ଶିବରାମ ଟୁଡୁ କହିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ ମେଳା

ଆର.ଉଦୟଗିରି, ୧୩।୧୨ (ମନୋଜ କୁମାର ପାଢୀ)

ସରକାରୀ ଉଚ୍ଚ ବିଦ୍ୟାଳୟ, କେଏମ ଭାଲିଆ ସାହିଠାରେ ମଙ୍ଗଳବାର ଗଜପତି ଜିଲାର ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲା ମୁଖ୍ୟ ବିଜ୍ଞାନ ନିରୀକ୍ଷକ ଏ. ରବି କୁମାରଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଜିଲାର ୭ଟି ବ୍ଲକରୁ ମୋଟ ୭୦ ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ। ବିଇଓ ବିରେନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ଏବଂ ସମ୍ମାନିତ ଅତିଥି ରୂପେ ଆର.ଉଦୟଗିରି ବିଡିଓ ଲରିମନ ଖର୍ସେଲ, ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି, ଆର.ଉଦୟଗିରି ବ୍ଲକର ଦୁଇ ଜଣ ଏବିଇଓ ଯୁଧିଷ୍ଠିର ବେହେରା ଓ ଶ୍ରୀନିବାସ ବେହେର୍ଦ୍ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଏ. ରବି କୁମାର ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ। ଦେବଦାସ ତମରାପୁ ଏବଂ ଦୀପିକା ପ୍ରିୟଦର୍ଶିନୀ ମୁଖ୍ୟ ବିଚାରକ ଭାବେ ନିଯୁକ୍ତ ହୋଇଥିଲେ। ଉକ୍ତ ସଭାରେ ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ବିବରଣୀ ପଠନ କରିଥିଲେ। ଏଥିସହ ସ୍ୱାସ୍ଥ୍ୟରେ ଅନିତା ଦଳାଇ, ପରିବେଶ ଜୀବନଶୈଳୀରେ ଅମିଶା ରଇତ, କୃଷିରେ ଶିବାନୀ ଶବର, ପରିବହନ ଓ ଯୋଗାଯୋଗରେ ଜି. ରେଣୁଶ୍ରୀ ଏବଂ ଗଣନାକାରୀ ଚିନ୍ତାଧାରାରେ ନବୀନ ବେହେରା ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

## ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସତ୍ୟଙ୍କ କ୍ଷୁଦ୍ରତମ ବ୍ୟାଟ୍

ବ୍ରହ୍ମପୁର, ୧୩।୧୨ (ସ୍ମୃତି ରଞ୍ଜନ ମହାଲିକ)

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ବିଶ୍ୱର ସବୁଠୁ କ୍ଷୁଦ୍ରତମ କ୍ରିକେଟ ବ୍ୟାଟ ତିଆରି କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ସତ୍ୟ ନଭେମ୍ବର ୧୭ରେ ବିଶ୍ୱକପ କ୍ରିକେଟ ଫାଇନାଲ ମ୍ୟାଚରେ ଟିମ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇ ଅଦରକାରୀ କାଠରେ ୧ ମିଲି ମିଟର ଲମ୍ବ ବିଶିଷ୍ଟ କ୍ଷୁଦ୍ରତମ ବ୍ୟାଟ ନିର୍ମାଣ କରିଥିଲେ। ଏହାକୁ ନିର୍ମାଣ କରିବାକୁ ତାଙ୍କୁ ୫ମିନିଟ ସମୟ ଲାଗିଥିଲା। ଏହା ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ବ୍ୟାଟ ପ୍ରତିକୃତି ବୋଲି ଦାବି କରି ସତ୍ୟ ଗତ ୨୦ ତାରିଖରେ ଇଣ୍ଡିଆ ବୁକ ଅଫ ରେକର୍ଡ ନିମନ୍ତେ ଆବେଦନ କରିଥିଲେ। ଏ ନେଇ ସତ୍ୟଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ନେଇ ମେଲ ଜରିଆରେ ସୂଚନା ଦିଆଯାଇଛି।

## ସାବୁଳିଆରେ ବିକଶିତ ଭାରତ ସଂକଳ୍ପ ଯାତ୍ରା

**ରମ୍ଭା, ୧୩।୧୨ (ବନବାସୀ ସେଠୀ)**


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉନ୍ନୟନ ମୂଳକ ଯୋଜନାର ତୃଣମୂଳ ସ୍ତରରେ ପହଞ୍ଚିବା ଓ ବିକଶିତ ଭାରତ ସଂକଳ୍ପ ଯାତ୍ରା ଖଲ୍ଲିକୋଟ ବ୍ଲକର ଚଳିତ ମାସ ୧୩ ରୁ ୨୭ ତାରିଖ ଯାଏ ପ୍ରତି ପଞ୍ଚାୟତରେ ରଥ ପରିକ୍ରମା କରିବ ବୋଲି ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ ପ୍ରକାଶ କରିଛନ୍ତି। ସେହିପରି ସାବୁଳିଆ ଗ୍ରାମପଞ୍ଚାୟତ ଦକ୍ଷିଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ସରପଞ୍ଚ ଅହଲ୍ୟା ବେହେରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଶଶଧର ବେହେରା ସଂଯୋଜନା କରିଥିଲେ। ଜିପିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ଜେଇ ରିତେଶ ମିଶ୍ର, ଏମ୍‌ଆଇ, ବିପିଏମ ଜୟରାଜ ଗୁରୁ, ଅଙ୍ଗନୱାଡି ସୁପରଭାଇଜର ବିଜୟ ଲକ୍ଷ୍ମୀ ପାତ୍ର, ଦେବରାଜ ନାୟକ, ଖଲ୍ଲିକୋଟ ମେଡିକାଲ ଅଫିସର ଡ଼ଃ. କରୁଣାକର ପାଢ଼ୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଗଞ୍ଜାମ ଜିଲା ସମ୍ପାଦକ ଯଜ୍ଞ ନାରାୟଣ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଶଙ୍କର ପ୍ରସାଦ ନାହାକ ଓ ପଙ୍କଜ ମାଝୀ ମଣ୍ଡଳ ସଭାପତି, ଜିଲା ମିଡ଼ିଆ ସଭାପତି ଶମ୍ଭୁ ପ୍ରଧାନ ଓ ସମିତିସଭ୍ୟା କବିତା ବେହେରା ପ୍ରମୁଖ ମଞ୍ଚାସିନ ଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ

ପୋଲସରା, ୧୩।୧୨ (ସୁବ୍ରତ ବେହେରା)

ଚାଷୀ ମୂଲିଆ ସଂଘ ଆଞ୍ଚଳିକ କମିଟି ପକ୍ଷରୁ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ପୂର୍ବରୁ ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ଦାବି ପୂରଣ ହୋଇ ନ ଥିବାରୁ ପୋଲସରା ବ୍ଲକ ଅନ୍ତର୍ଗତ ଗୋଛାବାଡି ଓ ପାଣ୍ଡିରିପଡା ପଞ୍ଚାୟତରୁ ୪୦ରୁ ଊର୍ଦ୍ଧ୍ୱ ଲୋକ ଆସି ବିଡ଼ିଓ କୁରେଶ ଚନ୍ଦ୍ର ଜାନିଙ୍କୁ ଭେଟି ପୁଣି ଦାବିପତ୍ର ଦେଇଛନ୍ତି। ମାସକ ମଧ୍ୟରେ ଦାବିଗୁଡିକ ପୂରଣ ନ ହେଲେ ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

ଗୋଛାବାଡି ପଞ୍ଚାୟତର ଅଧୀନରେ ଥିବା ଗ୍ରାମଗୁଡିକରେ କଂକ୍ରିଟ ରାସ୍ତା, ଷ୍ଟ୍ରିଟ ଲାଇଟ, କୋଠଘର, ଶ୍ମଶାନ ଘର, ଉଠା ଜଳସେଚନ ବ୍ୟବସ୍ଥା ଆଦି କରିବାକୁ ଦାବି ଉଲ୍ଲେଖ କରାଯାଇଛି। ସେହିପରି ପାଣ୍ଡିରିପଡା ପଞ୍ଚାୟତ ଅଧୀନରେ ଥିବା ଗ୍ରାମକୁ ପକ୍କା ରାସ୍ତା, ପୋଖରୀ ଖନନ,



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୁଞ୍ଜିଆମା ସିଂହାସନୀ ଠାରୁ କୁଞ୍ଜିଆମା ଗ୍ରାମକୁ ପକ୍କା ରାସ୍ତା, ସୌରଚାଳିତ ପାନୀୟ ଜଳ ବ୍ୟବସ୍ଥା, ନଳକୂପ ନିର୍ମାଣ, ଷ୍ଟ୍ରିଟ ଲାଇଟ ସୁବିଧା, ଶ୍ମଶାନ ଗୃହ ନିର୍ମାଣ ଦାବି ହୋଇଛି। ପାଣ୍ଡିରିପଡା ଓ ଗୋଛାବାଡି ଗ୍ରାମ ପଞ୍ଚାୟତରେ ଥିବା ସମସ୍ତ ଚାଷଜମି ଗୁଡିକର ଜଳସେଚନ ବ୍ୟବସ୍ଥା କରାଯାଉ, ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ୩,୦୦୦ ଟଙ୍କା କରାଯାଉ, ପାଣ୍ଡିରିପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ଅଭାବରୁ ତୁରନ୍ତ ପୂରଣ କରିବା ସହ ଉନ୍ନତ ମାନର ସ୍ୱାସ୍ଥ୍ୟପରୀକ୍ଷା ଯୋଗାଇବା ସହ ୨୪ ଘଣ୍ଟିଆ ସେବା ପ୍ରଦାନ କରିବାକୁ ଦାବି ହୋଇଛି। ଏଥିସହ ପାଣ୍ଡିରିପଡା ଓ ଗୋଛାବାଡି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ଓ ସମସ୍ତ ଗରିବ ପରିବାରଙ୍କୁ ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଇ ଦେବାକୁ ଆସିବାସୀମାନେ ଦାବି କରିଛନ୍ତି ।

## ଓଡ଼ିଶା ଅନେକ ରାଷ୍ଟ୍ର ପାଇଁ ରୋଲ୍ ମଡେଲ: ଅତନୁ

ଭଞ୍ଜନଗର, ୧୩।୧୨ (ବାବୁଲା ପ୍ରଧାନ):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବିଶ୍ୱବ୍ୟାଙ୍କ ସହାୟତାରେ ୩ କୋଟି ୨୯ ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ନୂତନ ଶ୍ରେଣୀଗୃହ ବୁଧବାର ଉଦଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୌରହିତ୍ୟ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିସହ ସାଢେ ୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ବୀର ଚକରା ଶ୍ରେଣୀଗୃହର ଶିଳାନ୍ୟାସ ହୋଇଥିଲା। ଏହି ଅବସରରେ ସେଠାରେ ଆୟୋଜିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।



ଅଧ୍ୟାପିକା ରୋଜାଲିନ ମହାରଣା ମନ୍ତ୍ରୀଦ୍ୱୟଙ୍କୁ ନିଜର ପୁସ୍ତକ ପ୍ରଦାନ କରୁଛନ୍ତି।

ଛାତ୍ରୀଛାତ୍ରଙ୍କ ହିତକୁ ଦେଖି ଆମ କଲେଜରେ ନାମ ଲେଖା ଦେୟ ସର୍ବନିମ୍ନ ରଖାଯାଇଛି ବୋଲି କହିଥିଲେ। ଅନେକ ସମୟରେ କେଏସୟୁବି କଲେଜର ନାମ ଲେଖା ଦେୟ ବୃଦ୍ଧି ପାଇଁ ପ୍ରସ୍ତାବ ଆସିଛି। କିନ୍ତୁ ଏହାକୁ ମୁଁ କରାଇ ଦେଇନାହିଁ। ତେଣୁ ଆମ ଅଞ୍ଚଳର ଛାତ୍ରୀ ଛାତ୍ର ମାନେ ସର୍ବନିମ୍ନ ନାମ ଲେଖା ଦେୟ ଦେଇ ନାମ ଲେଖାଇ ପାରୁଛନ୍ତି। ଭଞ୍ଜନଗର ମେଡିକାଲରେ ୟୁଜର ଦେୟ ବ୍ୟବସ୍ଥାକୁ ମୁଁ ବିରୋଧ କରିଛି। ତେଣୁ ଆମ ଅଞ୍ଚଳର ରୋଗୀମାନେ ବିନା ଦେୟରେ ଚିକିତ୍ସା ସୁବିଧା ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ରାଜ୍ୟରେ ବିକାଶର ଧାରା ଚାଲୁ ରହିଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଆମେ ବିଦ୍ୟାଳୟରେ ପାଠ ପଢିବା ସମୟରେ ବର୍ଷା, ଖରା ହେଲେ ଛାତ ଖରାପ ଥିବା ଯୋଗୁ ବିଦ୍ୟାଳୟ ଆପେ ଆପେ ବନ୍ଦ ହୋଇଯାଉଥିଲା। କିନ୍ତୁ ବର୍ତ୍ତମାନ ୫ ଟି ମାଧ୍ୟମରେ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମି ସୁଦୃଢ଼ କରାଯାଇଛି। ତେଣୁ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମି ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡିଶା ଆଜି ନିଜ ଦେଶ ସହ ଅନ୍ୟ କେତେକ ରାଷ୍ଟ୍ର ପାଇଁ ରୋଲ ମଡେଲ ପାଲଟିଛି ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ସାଂସଦ ପ୍ରତିନିଧି ଦିବାକର ନାୟକ, ନଗର ସାଂସଦ ପ୍ରତିନିଧି ପଞ୍ଚାନନ ପାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପିକା ଶେଫାଳି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଡିଓ ଶଶୀଭୂଷଣ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶୂଳପାଣି ସତପଥୀ ସଭାକୁ ସଂଯୋଜନା କରିଥିଲେ।

**ସଂକ୍ଷେପରେ**

## ପାଣ୍ଡିଆନଙ୍କ ବ୍ରହ୍ମପୁର ଗସ୍ତ ପାଇଁ ସ୍ୱତନ୍ତ୍ର ବୈଠକ

ବ୍ରହ୍ମପୁର,୧୩।୧୨(ନରସିଂହ ସାହୁ) ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଆସନ୍ତା ୧୬ ତାରିଖରେ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମକୁ ନେଇ ବୁଧବାର ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କ ବାସଭବନ ପାଖରେ ଏକ ବୈଠକ ହୋଇଯାଇଛି। ଏଥିରେ ବିଏମସି ମେୟର, ଡେପୁଟି ମେୟର ଏବଂ ବିଜେଡିର କର୍ପୋରେଟରମାନେ ଏକାଠି ହୋଇଥିଲେ। ବିଧାୟକ ପଣ୍ଡା ଏଥିରେ ଅଧ୍ୟକ୍ଷତା କରି ପ୍ରସ୍ତୁତି ତ୍ୱରାନ୍ୱିତ କରିଥିଲେ। କର୍ପୋରେଟରଙ୍କୁ ନେଇ ମହାନଗରରେ ଏକାଧିକ ଜୋନ ପ୍ରସ୍ତୁତି କରାଯାଇଛି। ଆସିକା ରୋଡ ଫାଷ୍ଟଗେଟ, ବିଜୁ ପଟ୍ଟନାୟକ ପାର୍କ ଛକ, ବୁଢ଼ୀ ଠାକୁରାଣୀ ମନ୍ଦିର ଛକ, ଟାଉନ ହଲ ରୋଡ ଚର୍ଚ୍ଚ ଓ ଇଞ୍ଜିନିୟରିଂ ସ୍କୁଲ ଛକ ଆଦିରେ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧନା ଦିଆଯିବା କାର୍ଯ୍ୟକ୍ରମ ରହିଛି।

## ଝୁଲନ୍ତା ମୃତଦେହ ଜବତ

ଦିଗପହଣ୍ଡି,୧୩।୧୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମ ନିକଟ ଫାସିଆମ୍ବ ବିଲ ଠାରେ ଥିବା ଏକ ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ କେ.ନୁଆଗାଁ ପୋଲିସ ବୁଧବାର ଜବତ କରିଛି। ଦୀର୍ଘ ଦିନ ଧରି ସମ୍ପୃକ୍ତ ଯୁବକଙ୍କ ମୃତଦେହ ଏଭଳି ଝୁଲନ୍ତା ଅବସ୍ଥାରେ ଥିବାରୁ ତାଙ୍କ ଶରୀରର ଅନେକ ମାଂସ ଝଡ଼ିପଡିଥିଲା। ଫଳରେ ତାଙ୍କୁ ଚିହ୍ନଟ କରିବା ପୋଲିସ ପକ୍ଷେ କଷ୍ଟସାଧ ହୋଇପଡିଛି। ଜବତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି। ଏନେଇ ନଂ. ୧୧/୨୩ ଅନୁଯାୟୀ ମକଦ୍ଦମା ରୁଜୁ କରିଛି। ଭ୍ରମରପୁର ଗ୍ରାମଠାରୁ ପ୍ରାୟ ୨ ଶହ ମିଟର ଦୂରରେ ଥିବା ଫାସିଆମ୍ବ ନାମକ ବୃହତ ଆମ୍ବ ତୋଟା କିଛି ଦିନ ପୂର୍ବେ ଏ ଅଞ୍ଚଳରେ ବାଘ ବୁଲୁଥିବା ଭୟରେ ଗାଁ ଲୋକମାନଙ୍କ ଏହି ଅଞ୍ଚଳକୁ ଯାଉ ନଥିଲେ। ଫଳରେ ଏଠାରେ ସମ୍ପୃକ୍ତ ଯୁବକ ଜଣଙ୍କ ଫାସି ଲଗାଇ ଅତ୍ମହତ୍ୟା କରିଥିବା ସମ୍ପର୍କରେ ଜାଣିପାରି ନଥିଲେ। ଗତ କିଛିଦିନ ହେବ ମୃତଦେହ ପଚି ଦୁର୍ଗନ୍ଧ ହେବାରୁ ଘଟଣା ପଦାକୁ ଆସିଥିଲା।

## ସିଆର୍‌ପିଏଫ ପକ୍ଷରୁ ଜନସମ୍ପର୍କ ଶିବିର

ବାଲିଗୁଡା,୧୩।୧୨(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡା ସ୍ଥିତ ସିଆରପିଏଫ ୧୨୭ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଓ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଡାକାଠାରେ ଆୟୋଜିତ ହୋଇଯାଇଛି। ମେଲସିଙ୍ଗିଆ, କୁକାଲକିଆ, ସଲାଗୁଡା, ତାକସିଙ୍ଗ ଓ ଡାକା ଗାଁର ୫୦୦ରୁ ଅଧିକ ଗରିବ ପରିବାର ଲୋକମାନଙ୍କୁ ମାଗଣା ଔଷଧ ଓ କମ୍ବଳ ବଣ୍ଟନ ସହ ସ୍କୁଲ ପିଲାମାନଙ୍କୁ ଖେଳକୁଦ ଉପକରଣ ତଥା ଗରିବ ଲୋକଙ୍କୁ ବାସନକୁସନ ଇତ୍ୟାଦି ବଣ୍ଟନ କରାଯାଇଥିବାରୁ ଉପକୃତ ହୋଇପାରିଛନ୍ତି। ଏହି ସମୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଡ.ଅର୍ଚ୍ଚନା ଶ୍ରୀହରେ ଭାରତୀୟ ପୋଲିସ ସେବା ଓଡିଶା ସେକ୍ଟର, ଅଜିତ ସଂଗବାନ ଡେପୁଟି ଇନ୍ସପେକ୍ଟର ଜେନେରାଲ (ପରିଚାଳନା), ଅସିତ କୁମାର ଚୌଧୁରୀ କମାଡେଣ୍ଟ , ଯତୀନ୍ଦର ପାଲ ସିଂ କମାଣ୍ଡେଣ୍ଟ, ସଲାଗୁଡା ସରପଞ୍ଚଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଗ୍ରାମୀଣ ଡାକ ସେବକମାନଙ୍କ ଧର୍ମଘଟ

ପାତ୍ରପୁର,୧୩।୧୨(ଉମାଚରଣ ନେପାକ): ଗ୍ରାମୀଣ ଡାକ ସେବକମାନଙ୍କ ହକ ସାବ୍ୟସ୍ତ ପାଇଁ ଦେଶବ୍ୟାପୀ ଧର୍ମଘଟ ଚାଲିଥିବା ବେଳେ ମିଳିତ କ୍ରିୟାନୁଷ୍ଠାନ କମିଟି, ଗ୍ରାମୀଣ ଡାକ ସେବକ ସଂଘ, ବ୍ରହ୍ମପୁର ମଣ୍ଡଳ, ଓଡିଶା ପରିମଣ୍ଡଳର ଆହ୍ୱାନ କ୍ରମେ ଜରଡା ଉପ ଡାକମଣ୍ଡଳରେ ଡାକ ସେବକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଡାକ ସେବକଙ୍କୁ ସିଭିଲ ସର୍ଭିସ ମାନ୍ୟତା ପ୍ରଦାନ କରିବା, ଦୈନିକ ଆଠ ଘଣ୍ଟା କାର୍ଯ୍ୟ ଧାର୍ଯ୍ୟ କରିବା, ନିୟମିତ କର୍ମଚାରୀ ଭଳି କର୍ମଚାରୀଙ୍କୁ ପଦୋନ୍ନତି ପ୍ରଦାନ କରିବା, ଅବସର ପରେ ପେନସନ ବ୍ୟବସ୍ଥା କରିବା, ସମାନ କାମକୁ ସମାନ ଦରମା ଦେବା, ଟାର୍ଗେଟ ପୂରଣ ନାଁରେ ମାନସିକ ନିର୍ଯାତନା ବନ୍ଦ କରିବା ଭଳି ୧୦ ଦଫା ଦାବି ପୂରଣ କରିବା ଯାଏଁ ଧାରଣା ଚାଲୁରହିବ ବୋଲି ଡାକ ସେବକମାନେ ପ୍ରକାଶ କରିଛନ୍ତି। ଏହି ଧାରଣରେ ଅଶୋକ କୁମାର ପଣ୍ଡା, ପ୍ରଦୀପ ବିଷୋୟୀ, ଗୁରୁ ପ୍ରସାଦ ବିଷୋୟୀ, ସୁରଜିତ ପାଢ଼ୀ, ବିଜୁ ପ୍ରସାଦ ପ୍ରଧାନ, ରମେଶ ଚନ୍ଦ୍ର ବିଷୋୟୀ, ବାୟା ନାୟକ, କୃଷ୍ଣଚନ୍ଦ୍ର ବେହେରା, ଶାନ୍ତି ଶବର, ପୁଷ୍ପା ଶବର, ଦାମୋଦର ବେହେରା, ରାମକୃଷ୍ଣ ଦଳେଇ ଓ ମହେଶ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତ ସମିତି ବୈଠକ ବର୍ଜନ କଲେ ସମିତିସଭ୍ୟ

ପୁରୁଷୋତ୍ତମପୁର,୧୩।୧୨ (ସୀମାଞ୍ଚଳ ମିଶ୍ର)



ପୁରୁଷୋତ୍ତମପୁର ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ପୌରହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇଥିଲେ। ହେଲେ ସମିତି ସଭ୍ୟାସଭ୍ୟମାନେ ୧୨ ଦଫା ଦାବିନେଇ ରାଜ୍ୟ ସଂଘର ନିଷ୍ପତି ପ୍ରକାରେ ବୈଠକ ବର୍ଜନ କରି ବାହାରେ ରହିଥିଲେ। ବିଡିଓ ସେମାନଙ୍କୁ ଅନୁରୋଧ କରି ବୈଠକକୁ ଆଣିଥିଲେ। ସେମାନେ ଆସନରେ ନ ବସି ଠିଆହୋଇ ରହିବା ସହ ବିଧାୟିକା ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇ ଚାଲିଯାଇଥିଲେ। କେବଳ ଜିଲାପରିଷଦ ସଭ୍ୟ ଓ ସରପଞ୍ଚମାନଙ୍କୁ ନେଇ ପ୍ରଶାସନର ବୈଠକ ଚାଲିଥିଲା।

ପଞ୍ଚାୟତ ସମିତି ବୈଠକଗୁଡିକରେ ହେଉଥିବା ନିଷ୍ପତ୍ତି କୌଣସି କାର୍ଯ୍ୟକାରୀ ହେଉନାହିଁ। ବୈଠକ ରେଜୁଲେଶନରେ ବିଡିଓଙ୍କ ଦସ୍ତଗତ ମଧ୍ୟ ରହୁନାହିଁ। ତେଣୁ ବୈଠକ ଏକ ପ୍ରହସନ ବୋଲି ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବାଲିର ଅଭାବ ଓ ଅତ୍ୟଧିକ ଦର ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଜନ ପ୍ରତିନିଧିମାନେ କହିଥିଲେ। ବର୍ଷାରେ ଚାଷୀଙ୍କ ଫସଲ କ୍ଷତି ଆକଳନ କରି ସରକାରଙ୍କୁ ତୁରନ୍ତ ରିପୋର୍ଟ ପଠାଇବା ପାଇଁ କବିସୂର୍ଯ୍ୟନଗର ବିଧାୟିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍କୁଲରେ ଶିକ୍ଷକ ଅଭାବ, ବ୍ଲକ କୃଷି ଅଧିକାରୀମାନେ ନିଜର ଦାୟିତ୍ୱ ଠିକ୍ ତୁଲାଉନଥିବା ଅଭିଯୋଗ ହୋଇଥଲା। ପାଣ୍ଡିଆ ସରପଞ୍ଚ ସବିତା ସେଠୀ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ଆସିଥିବା ଅନୁଦାନ ତାଙ୍କୁ ଜଣାଯାଉ ନଥିବା କହିଥିଲେ। ପାଣ୍ଡିଆଠାରେ ଥିବା ଐତିହାସିକ ଜଉଗଡର ବିକାଶଲାଗି କାର୍ଯ୍ୟ ସକାଶେ ଟେଣ୍ଡର ସରିଥିଲେ ସୁଦ୍ଧା କାମ ଆରମ୍ଭ ହୋଇ ନ ଥିବାରୁ ତୁରନ୍ତ କାର୍ଯ୍ୟ କରିବାସହ ଚାରାରୋପଣ ଓ ସୌନ୍ଦର୍ଯ୍ୟ କରଣ ପାଇଁ ଦାବି ହୋଇଥିଲା। ଅଞ୍ଚଳରୁ ଦାଦନ ଖଟିବାକୁ ବାହାରକୁ ଯାଉଥିବା ଲୋକଙ୍କୁ ରୋକି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିଜ ଗ୍ରାମରେ କାମ ଯୋଗାଇଦେବା ଲାଗି ବିଡିଓ ସମସ୍ତଙ୍କୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଅଭିଯୋଗର ସାତ ଦିନ ମଧ୍ୟରେ ତଦନ୍ତ କରି ସମାଧାନ କରିବାକୁ ସମସ୍ତ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଲୋପାମୁଦ୍ରା ରଥ, ଏମପି ପ୍ରତିନିଧି ସୁଦର୍ଶନ ନାୟକ, ଜିଲାପରିଷଦ ସଭ୍ୟ ଭଜମନ ବେହେରା, ସରପଞ୍ଚ ସୁଧାକର ଗୌଡ, ଡାକ ବେହେରା, ସବିତା ସେଠୀ, ରାଜଲକ୍ଷ୍ମୀ ବେହେରାଙ୍କ ସମେତ ବହୁ ସରପଞ୍ଚ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଥିଲେ।

## ଏଆଇକେଏମ୍‌ଏସ୍‌ର ବିକ୍ଷୋଭ

ଧରାକୋଟ,୧୩।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ) ଅଖିଳ ଭାରତ କିଷାନ ମଜୁଦର ସଭା (ଏଆଇକେଏମ୍‌ଏସ୍‌) ପକ୍ଷରୁ ୪ ଦଫା ଦାବି ନେଇ ମଙ୍ଗଳବାର ଧରାକୋଟରେ ରାଲି ଓ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜାତୀୟ ସମ୍ପାଦକ ଭାଲ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ କୁମାର ନାୟକ, ଜିଲା ସଭାପତି ପୀତବାସ ପ୍ରଧାନ, ଜିଲା ସମ୍ପାଦକ ସଂଗ୍ରାମ ନାୟକ,ବ୍ଲକ ସଭାପତି ନରସିଂହ ଦଳବେହେରା, ବ୍ଲକ କମିଟି ସଭ୍ୟ ଦୟାନିଧି ସେଠୀ, ଆଇଏଫଟିଇଉ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ମାନବାଧିକାର ସୁରକ୍ଷା ମଞ୍ଚର ଅବନୀ ଗୟା, ଯକ୍ଷ ଗମାଙ୍ଗ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ମରୁଡି ଓ ଅଦିନିଆ ବର୍ଷାରେ ଫସଲ କ୍ଷତିଗ୍ରସ୍ତ ଚାଷୀ ଓ ଭାଗ ଚାଷୀ ଏବଂ ଆଦିବାସୀ ଙ୍କୁ କ୍ଷତିପୂରଣ ପ୍ରଦାନ , ଗରିବଙ୍କୁ ଜମି ଓ ଘର ଡ଼ିହ ପଟ୍ଟା ପ୍ରଦାନ , ଆଦିବାସୀ ଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ ଏବଂ ତାଳପାଟଣା ଓ ଜାନବିଲି ଓ ଘୋଡ଼ାପାଲି ଟାଟା କଲୋନୀ ବାସିନ୍ଦାଙ୍କୁ ତୁରନ୍ତ ଘର ପଟ୍ଟା ପ୍ରଦାନ ଆଦି ନେଇ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପ୍ରଦାନ କରିଥିଲେ। ପରେ ବ୍ଲକରେ ବିଡିଓ ଡେନିସ ବେହେରାଙ୍କୁ ମଧ ଦାବିପତ୍ର ପ୍ରଦାନ କରିଥିଲେ ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୧୩।୧୨(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଆଠଗଡ଼ପାଟଣାସ୍ଥିତ ନାରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକକଳା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଏବଂ ସାମାଜିକ କାର୍ଯ୍ୟକ୍ରମରେ ଚାରାରୋପଣ, ପରିବେଶ ପ୍ରଦୂଷଣ ଓ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ପ୍ରଣବ ପ୍ରସାଦ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ନୋଡାଲ ଅଫିସର ଜାହାଙ୍ଗୀର ଖାଁ, ଚିତ୍ରସେନ ଡାକୁଆ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ସାହୁ, ପ୍ରଦୀପ କୁମାର ପ୍ରହରାଜ ଏବଂ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ କୁମାର ମହାପାତ୍ର, ଉମାଚରଣ ପଣ୍ଡା, ଚନ୍ଦ୍ରଶେଖର ସାମନ୍ତ ପରିଚାଳନା କରିଥିଲେ। ଗତ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା, ତର୍କ, ରଚନା ପ୍ରତିଯୋଗିତା ହୋଇଥିଲା।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଧାୟକ ଓ ଅନ୍ୟମାନେ।

ଛତ୍ରପୁର,୧୩।୧୨ (ଦିଲୀପ ସାମଲ/ସନ୍ତୋଷ ପାଢୀ) ଛତ୍ରପୁର ମହିଳା ଡିଗ୍ରୀ କଲେଜରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଯୁବ ଓ କ୍ରୀଡା ଏବଂ ଉଚ୍ଚ ଶିକ୍ଷା ବିଭାଗ ଆନୁକୁଲ୍ୟରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ କାଉନସିଲର ଦେବାଶିଷ ମିଶ୍ର, ମହାବିଦ୍ୟାଳୟ ସଞ୍ଚାଳକ ମଣ୍ଡଳ ବିଦ୍ୟୁତ୍‌ପ୍ରଭା ଦାସ, ଛତ୍ରପୁର ନଗର ବିଜେଡି ସଭାପତି ବି.ରାଜୁବାବୁ, ଛତ୍ରପୁର ପ୍ରେସ କ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡା ଓ ସମ୍ପାଦକ ସରୋଜ ସାମଲ ଯୋଗଦେଇଥିଲେ । କଲେଜ ଅଧ୍ୟକ୍ଷା ଡ.ସୁମିତା ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କୁହାଯାଇଥିଲା। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଥମ ପର୍ଯ୍ୟାୟରେ କ୍ରୀଡା ଉତ୍ସବ ହୋଇଛି।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ସୋରଡ଼ା,୧୩।୧୨(ଲମ୍ବୋଦର ପାଣିଗ୍ରାହୀ) ସୋରଡା ରଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅନିଲ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଗତ ୨ ତାରିଖରେ ଆରମ୍ଭ ହୋଇଥିଲା। ମଙ୍ଗଳବାର କ୍ରୀଡା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲିକ, ଉପାଧ୍ୟକ୍ଷ ଅମୂଲ୍ୟ ସାହୁ, ସମାଜିକ କର୍ମୀ ବସନ୍ତ ସ୍ୱାଇଁ, ରାଜେଶ ସାହୁ ଯୋଗଦେଇଥିଲେ। ଅଧ୍ୟାପକ ରାମଚନ୍ଦ୍ର ବିଶୋଇ, ଧର୍ମେନ୍ଦ୍ର ପାତ୍ରସୁଶାନ୍ତ ଷଡଙ୍ଗୀ, ଅଧ୍ୟାପିକା ଉଷାରାଣି ,ସାବତ ପରିଚାଳନରେ ସମସ୍ତ ଛାତ୍ର ଛାତ୍ରୀ ଯୋଗଦେଇ ଯୁବପିଢ଼ିର ବିକାଶ ତଥା ସମାଜ ରେ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। କ୍ରୀଡା ପ୍ରତିଯୋଗିତାର ଶେଷ ଦିବସରେ ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ,ଉପାଧ୍ୟକ୍ଷା ଭାଗ୍ୟଲତା ଡାକୁଆ ଯୋଗଦେଇ ଛାତ୍ରୀ ଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ମନ୍ଦିର ପ୍ରତିଷ୍ଠା, ମହାଯଜ୍ଞ ପାଇଁ ଶୁଭଦାନ



ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭ ଦିଆଯାଉଛି।

କୋଦଳା,୧୩।୧୨(ଅମିତ କୁମାର ପଟ୍ଟନାୟକ) ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ସ୍ଥିତ ତୁମ୍ବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଆଗାମୀ ୧୪.୨.୨୦୨୪ ଠାରୁ ସପ୍ତଦିନ ବ୍ୟାପି ହେବା। ଏଥିପାଇଁ ମନ୍ଦିର ପୁନରୁଦ୍ଧାର ପ୍ରାସାଦ ପ୍ରତିଷ୍ଠା ଏବଂ ହରିହରାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ବୁଧବାର ଯଜ୍ଞଶାଳାର କାର୍ଯ୍ୟ ଶୁଭାରମ୍ଭ ପଣ୍ଡିତ ଗୌରୀ କୁମାର ମିଶ୍ରଙ୍କ ପୌରହିତ୍ୟରେ ମୁଖ୍ୟ କର୍ତ୍ତା ପ୍ରକାଶ ଚନ୍ଦ୍ର ତିଆଡିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଯଜ୍ଞ ପରିଚାଳନା କମିଟିର ସଭାପତି ଜୟରାମ ସ୍ୱାଇଁ, ଉପସଭାପତି ବୁଲା ଜେନା, ସମ୍ପାଦକ ବସନ୍ତ ଭୂୟାଁ, ସରପଞ୍ଚ ପ୍ରଶାନ୍ତ କୁମାର ପରିଡା, ପ୍ରସନ୍ନ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ବେହେରା, ଦେବାଶିଷ ସ୍ୱାଇଁ, ଅରୁପା ଡାକୁଆ, ନବକିଶୋର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ରବି କୁମାର ବିଶୋଇ, ସରୋଜ ଚନ୍ଦ୍ର ଦାସ, ନିମାଇଁ ସ୍ୱାଇଁ, କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପୋଲିସ୍ ଜିଲାରେ ଅପରାଧ ସମୀକ୍ଷା

ବ୍ରହ୍ମପୁର,୧୩।୧୨( ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ପୋଲିସ ଜିଲାରେ ପୁଣି ପଡ଼ି ରହିଥିବା ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୨୩ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ପଡିରହିଥିବା ସମସ୍ତ ମାମଲା ତଦନ୍ତ କରି କୋର୍ଟରେ ଚାଜଶିଟ ଦାଖଲ କରିବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଅପରାଧ ସମୀକ୍ଷା କରି ଏସ୍‌ପି ସମସ୍ତ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ହତ୍ୟା ମାମଲାଗୁଡିକର ବର୍ତ୍ତମାନ ସୁଦ୍ଧା କ'ଣ ସ୍ଥିତି ରହିଛି ସେ ନେଇ ଏସପି ସମୀକ୍ଷା କରିଛନ୍ତି। ଅଧିକ ମାମଲା ପଡିରହିଥିବା ଥିବା ଥାନା ଅଧିକାରୀଙ୍କୁ ତାଗିଦ କରିବା ସହ ତୁରନ୍ତ ତାହାର ରିପୋର୍ଟ କୋର୍ଟରେ ଦେବାକୁ କହିଛନ୍ତି। ସେହିପରି ପ୍ରତି ଥାନାରେ ରୁଜୁ ହୋଇଥିବା ବଳାତ୍କାର, ଠକେଇ, ନିଖୋଜ ଓ ଅପମୃତ୍ୟୁ ମାମଲା ଗୁଡିକ ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ବିଶେଷ କରି ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଗିରଫ କରିବାକୁ କହିଥିଲେ। ଦିନକୁ ଦିନ ସାଇବର ଅପରାଧ ବଢୁଥିବାରୁ ଅପରାଧୀଙ୍କୁ କିଭଳି ଭାବେ ଟ୍ରାକିଂ କରି ଧରାଯାଇପାରିବ ସେ ଦିଗରେ ଅଧିକରୁ ଅଧିକ ଦୃଷ୍ଟି ଦେବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ପରାମର୍ଶ ଦେଇଥିଲେ। ଦୁର୍ଦ୍ଦାନ୍ତ ଅପରାଧୀମାନେ ଜେଲ୍‌ରୁ ଆସିବା ପରେ ପୁଣି ଅପରାଧ ଘଟାଉଛନ୍ତି। ସେମାନଙ୍କ ଉପରେ ନଜର ରଖିବା ସହ ଜାମିନ ରଦ୍ଦ କିପରି ହେବ ସେ ଉପରେ ଦୃଷ୍ଟି ଦେବାକୁ ଥାନା ଅଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ସମୀକ୍ଷାରେ ଏଏସ୍‌ପି ଅସୀମ କୁମାର ପଣ୍ଡା ଓ ରମେଶ ଚନ୍ଦ୍ର ସେଠୀ, ବ୍ରହ୍ମପୁର ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ରଙ୍କ ସହ ସମସ୍ତ ଥାନା ଆଇଆଇସି ଉପସ୍ଥିତ ଥିଲେ ।

## ଉପନଗରପାଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଚିକିଟି,୧୩।୧୨(ପ୍ରକାଶ ଚନ୍ଦ୍ର ସାହୁ) ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳ ପାଇଁ ବୁଧବାର ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ସରିଛି। ୩ ନଂ ୱାର୍ଡର କାଉନସିଲର ହରପ୍ରସାଦ ଚୌଧୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମନ୍ତ୍ରୀ ଉଷା ଦେବୀଙ୍କ ଦିଅର ଦୁର୍ଗାପ୍ରସାଦ ଦେବଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା। ନଭେମ୍ବର ମାସରେ ୩ ନଂ ୱାର୍ଡ ସଭ୍ୟ ପାଇଁ ହୋଇଥିବା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ହରପ୍ରସାଦ ଚୌଧୁରୀ ବିପୁଳ ସଂଖ୍ୟକ ଭୋଟରେ ବିଜୟୀ ହୋଇଥିଲେ।

## ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ବସ୍ ଚଳାଚଳ ଦାବି

ଟିକାବାଲି,୧୩।୧୨(ଗଗନ ବିହାରୀ ପଟ୍ଟନାୟକ): ଟିକାବାଲି ବ୍ଲକରେ ଏବେ ନୂଆ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇଛି । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଟିକାବାଲି ବଜାରରେ ଥିବା ପୁରୁଣା ବସ୍ ଷ୍ଟାଣ୍ଡକୁ ବନ୍ଦ କରି ଦିଆଯାଇଛି । ଫଳରେ ସେଠାରେ ଯାତ୍ରୀ ହଇରାଣ ହେବା ସହ ବ୍ୟବସାୟୀଙ୍କ ବେପାର ବୁଡିବାକୁ ବସିଛି। ତେଣୁ ପୁରୁଣା ବସ୍ ଷ୍ଟାଣ୍ଡ ଭିତରକୁ ବସ ଚଳାଚଳ ନେଇ ସ୍ଥାନୀୟ ଲୋକେ ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି। ଗତ ୫୦ ବର୍ଷ ହେବ ଟିକାବାଲି ବଜାର ଦେଇ ବିଭିନ୍ନ ଯାତ୍ରୀବାହୀ ବସ୍ ଚଳାଚଳ କରୁଥିଲା। ସରକାରଙ୍କ ପକ୍ଷରୁ ମଧ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ଏହି ବସ୍ ଷ୍ଟାଣ୍ଡରେ ୫୦ରୁ ଉର୍ଦ୍ଧ୍ୱ ବଜାର ଗୃହ ରହିଛି। କିନ୍ତୁ ଏବେ ସରକାର ଟିକାବାଲି ବଜାରଠାରୁ ଦୁଇ କିମି ଦୂରରେ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କରିଛନ୍ତି। ମେଡିକାଲ ପାଖରୁ ଏହା ୧୦୦ ମିଟର ଦୂରରେ ଥିବାରୁ ବସ୍ ହର୍ଣ୍ଣ ରୋଗୀଙ୍କ ପାଇଁ ଉପଯୋଗୀ ନୁହଁ। ନୂଆ ବସ୍ ଷ୍ଟାଣ୍ଡ ହେବା ପରେ ପୁରୁଣା ବସ୍ ଷ୍ଟାଣ୍ଡକୁ ଗାଡି ଯିବା ଲାଗି ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ପୁରୁଣା ବସ୍‌ଷ୍ଟାଣ୍ଡ ଭିତରକୁ ପୂର୍ବ ପରି ଗାଡି ଚଳାଚଳ କରୁ ବୋଲି ଅଞ୍ଚଳବାସୀ ନିବେଦନ କରିଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଓ୍ୱା/ବାକୁଡିହ/ତାଳଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ/ହପରରେ ୫୦ ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

# ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୧୩।୧୨ (ଅରୁଣ ସାହୁ/ମନୋରଞ୍ଜନ ରଣା)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଗଦାଧର ପାତ୍ରଙ୍କ ତତ୍ତ୍ୱାବଧାନ, ଏପିଓ କେଦାରଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଏସ୍‌ଏସ୍‌ଓ କ୍ଷିତୀଶ ପ୍ରିୟଦର୍ଶୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସବୁପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ଶିବିରର ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ରଖିଥିଲେ। ଶିବିରରେ ବ୍ରାହ୍ମଣୀଗାଁ ଅଞ୍ଚଳରୁ ବିଭିନ୍ନ ପଞ୍ଚାୟତରୁ ୩୧୬ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ବିଶେଷଜ୍ଞମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣବାଧିତ ୪୮ ଜଣଙ୍କୁ ଚିହ୍ନଟ କରାଯିବା ସହ ଶାରୀରିକ ଅକ୍ଷମତା ୧୧୭, ମାନସିକ ଅନଗ୍ରସର ୫୨, ସିକଲସେଲ ୭୦ ଏବଂ ଦୃଷ୍ଟିବାଧିତ ୨୯ ଜଣଙ୍କୁ ଚିହ୍ନଟ କରାଯାଇଛି। ୧୯୫ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ହୁଇଲ ଚେୟାର ୪ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ଆଶା ବାଡ଼ି ୩, ଶ୍ରବଣ ଯନ୍ତ୍ର ୩ ଏବଂ ବସ ପାସ ୨ ଜଣଙ୍କୁ ଦିଆଯାଇଥିଲା।

# ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୁଗୁଡ଼ା,୧୩।୧୨(କାଳି ଚରଣ ଦାଶ)



ଟୁର୍ନାମେଣ୍ଟରେ ଭାଗ ନେଇଥିବା ମହିଳା ପ୍ରତିଯୋଗୀ।

ବୁଗୁଡା ପିପୁଲ୍ସ କଲେଜ ପରିସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଆନୁକୂଲ୍ୟରେ ଆୟୋଜିତ ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରୀୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟରେ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ବୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ୪୪-୨୬ ପଏଣ୍ଟରେ ସାଉଁଟିଆପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଏଥିରେ ରବିନ୍ଦ୍ର ବେହେରା ଓ ବାଦଲ ସ୍ୱାଇଁ ଏମ୍ପାୟାର ଏବଂ ସୋନିଆ ମହାନ୍ତି ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କଲେଜ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଉଚ୍ଚ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ ଟୁର୍ନାମେଣ୍ଟର ବିଜେତା ବୁଗୁଡା ଦଳକୁ ୱିନର ଟ୍ରଫି ଏବଂ ଉପବିଜେତା ସାଉଁଟିଆପଲ୍ଲୀ ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ପିପୁଲ୍ସ କଲେଜର କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଏମ୍.ଶ୍ରୀନିବାସ ଦୋରା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଆତ୍ମପ୍ରକାଶ ନାୟକ ସକ୍ରିୟ ସହଯୋଗ କରିଥିଲେ।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୨୦୨୩-୪୧ । **ନିଲାମ ତାରିଖ:** ୨୬।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
**ତାରିଖ: ୧୧।୧୨।୨୦୨୩**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-914)

## ସଂକ୍ଷେପରେ

### ଆଇଇଡି ବିସ୍ଫୋରଣରେ ଯବାନ ଶହୀଦ


ଗୁରୁତର ଯବାନ

ମାଲକାନଗିରି, ୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ଜଣେ ଯବାନ ଗୁରୁତର ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ କମଲେଶ କୁମାର ସାହୁ। ଛତିଶଗଡ଼ର ନାରାୟଣପୁର ଜିଲାରେ ଥିବା ଆମଦାଇ ଖଣିକୁ ମାଓବାଦୀ ସଙ୍ଗଠନ ବିରୋଧ କରୁଛନ୍ତି। ତେବେ ଏହି ଖଣିର ସୁରକ୍ଷା ପାଇଁ ଯବାନମାନେ ନିୟୋଜିତ ହୋଇଛନ୍ତି। ବୁଧବାର ଯବାନମାନେ ନିଜ କର୍ତ୍ତବ୍ୟ କରୁଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇ ପରେ ଏକ ଆଇଇଡି ବୋମା ବିସ୍ଫୋରଣ କରିଥିଲେ। ଫଳରେ ସିଏଏଫ୍ ଯବାନ କମଲେଶ ଘଟଣାସ୍ଥଳରେ ଶହୀଦ ହୋଇଥିଲେ। ଯବାନ ବିନୟ କୁମାର ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଘଟଣା ପରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଥିବା ଜଣାପଡ଼ିଛି।

### ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ମୃତ

ଢେଙ୍କାନାଳ, ୧୩।୧୨ (ରତନ ନାୟାର)

ଢେଙ୍କାନାଳ ସହର ୩ନଂ. ୱାର୍ଡ କୁଞ୍ଜକାନ୍ତ ଅଞ୍ଚଳରେ ବୁଧବାର ରାତିରେ ରୋଷେଇ ବେଳେ ୨ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଫାଟିବାରୁ ଭଡ଼ା ଘରେ ରହୁଥିବା ବୀମା କମ୍ପାନୀ ଏଜେଣ୍ଟ ଶମ୍ଭୁ ପ୍ରସାଦ ରଥ (୫୬)ଙ୍କ ମୃତ୍ୟୁ ହୋଇଛି। ଏଥିସହ ଶମ୍ଭୁ ପ୍ରସାଦଙ୍କ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗ୍ୟାସ୍ ଲିକ୍ କାରଣରୁ ଏପରି ଦୁର୍ଘଟଣା ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

ଅଗ୍ନିଶମ କର୍ମଚାରୀଙ୍କ ସୂଚନା ଅନୁଯାୟୀ, ଶମ୍ଭୁ ପ୍ରସାଦଙ୍କ ରୋଷେଇ ଘରେ ୩ଟି ରନ୍ଧନ ଗ୍ୟାସ ସିଲିଣ୍ଡର ରହିଥିଲା। ସନ୍ଧ୍ୟାରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ୍ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। ଏଥିଯୋଗୁ ୩ଟି ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ସେଥିରୁ ୨ଟି ସିଲିଣ୍ଡର ବିସ୍ଫୋରଣ ହେବାରୁ ଶମ୍ଭୁ ପ୍ରସାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇବା ସହ ଆଖପାଖ ଅଞ୍ଚଳରୁ ଲୋକଙ୍କୁ ଦୂରେଇ ରଖିଥିଲେ। ତେବେ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଖବରପାଇ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ୭୨ ଘଣ୍ଟା ଏସ୍‌ଏନ୍‌ସିୟୁରେ ରହିବ ଶିଶୁକନ୍ୟା

## ବୋର୍‌ୱେଲରୁ ଉଦ୍ଧାର ହୋଇଥିଲା
## ପୋଲିସ ନିଜ ଆଡୁ ରୁଜୁକଲା ମାମଲା

ସମ୍ବଲପୁର/ରେଙ୍ଗାଲି, ୧୩।୧୨ (ପ୍ରମୋଦ ବହିଦାର/ ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲାରିପାଲି ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋରୱେଲ ମଧ୍ୟରୁ ମଙ୍ଗଳବାର ରାତିରେ ଉଦ୍ଧାର ହୋଇଥିବା ଶିଶୁକନ୍ୟାଟି ବର୍ତ୍ତମାନ ଭିମ୍‌ସାରରେ ଚିକିତ୍ସାଧୀନ ରହିଛି। ସ୍ୱତନ୍ତ୍ର ନବଜାତ ଶିଶୁ ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଶିଶୁକୁ ରଖାଯାଇ ଚିକିତ୍ସା କରାଯାଉଛି। ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁବାସ ଚନ୍ଦ୍ରଙ୍କ ନେତୃତ୍ୱରେ ଶିଶୁରୋଗ ବିଶେଷଜ୍ଞ, ଶିଶୁ ଅସ୍ତ୍ରଶଲ୍ୟ ବିଶେଷଜ୍ଞ, ସ୍ନାୟୁରୋଗ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ୫ ଜଣିଆ ଚିକିତ୍ସକ ଦଳ ଶିଶୁର ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାଏକ ସୂଚନା ଦେଇଛନ୍ତି।

ସେ କହିଛନ୍ତ, ଶିଶୁକନ୍ୟାକୁ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ଏଠାକୁ ଅଣାଯିବା ପରେ ତତ୍‌କ୍ଷଣାତ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ଭର୍ତ୍ତି ହେବା ସମୟରେ ଶିଶୁର ସ୍ୱାସ୍ଥ୍ୟ ଭଲ ନ ଥିଲା। ଏପରି କି ତା'ର ଶରୀରର ଉତ୍ତାପ ସାଧାରଣଠାରୁ କମ୍ ରହିଥିବା ବେଳେ ସଂକ୍ରମଣରେ ମଧ୍ୟ ଆକ୍ରାନ୍ତ ଥିଲା। ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଜନିତ କ୍ଷତ ରହିଛି। ୧୫ ଫୁଟ୍ ଉପରୁ ପଡ଼ିଥିବା ବେଳେ ତାର ଆଭ୍ୟନ୍ତରୀଣ କ୍ଷତକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ବର୍ତ୍ତମାନ ଶିଶୁକୁ କେବଳ ସାଲାଇନ୍ ଦିଆଯାଉଥିବା ବେଳେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବାରୁ ଅମ୍ଳଜାନ ସହାୟତାରେ ରଖାଯାଇଛି। ଶିଶୁକନ୍ୟାର ସ୍ୱାସ୍ଥ୍ୟରେ ବୁଧବାର ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଶିଶୁଟି ମାତ୍ର ୩୪ ସପ୍ତାହରେ ଅପରିପକ୍ୱ ଅବସ୍ଥାରେ ଜନ୍ମ ହୋଇଥିବା ବେଳେ ଓଜନ ୧ କେଜି ୬୦୦ ଗ୍ରାମ ରହିଛି। ତେଣୁ ସାଧାରଣ ଶିଶୁଠାରୁ ତା'ର ରୋଗ ପ୍ରତିଷେଧକ ଶକ୍ତି କମ୍। ଆଗକୁ ୩ରୁ ୪ ଦିନ ମଧ୍ୟରେ ଶିଶୁକନ୍ୟାର ଜଣ୍ଡିସ, ରକ୍ତ ସଂକ୍ରମଣ, ଖାଇବା ଓ ଶ୍ୱାସକ୍ରିୟା ଜନିତ ରୋଗ ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସମ୍ଭାବନା ରହିଛି। ତେଣୁ ତାକୁ ଆହୁରି ୭୨ ଘଣ୍ଟା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ରଖାଯିବ ବୋଲି ଡା. ନାଏକ କହିଛନ୍ତି। ଖବର ପାଇ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଭିମ୍‌ସାରରେ ପହଞ୍ଚି ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଏ ସମ୍ପର୍କରେ ଆଗକୁ ପୋଲିସ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଚରା ଯିବାରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ଏ ନେଇ ରେଙ୍ଗାଲି ଥାନାରେ ଆଇପିସି ଦଫା ୩୦୭ରେ ପୋଲିସ ନିଜଆଡୁ ଏକ ମାମଲା (ନଂ.୨୪୭/୨୩) ରୁଜୁକରି ତଦନ୍ତ କରୁଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାକୁ ପୋଲିସ ଅତ୍ୟନ୍ତ ଗମ୍ଭୀରତାର ସହିତ ନେଇଛି। ସେହି ଅନୁସାରେ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି।

# ଭିଜିଲାନ୍ସ ଜାଲରେ ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର

## ବାସଗୃହ ସମେତ ଏକକାଳୀନ ୫ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର, ୧୩।୧୨ (ସୂର୍ଯ୍ୟକାନ୍ତ ବେହେରା)


ଶାଶ୍ୱତ କୁମାର ପଟ୍ଟନାୟକ

ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର୍ ଶାଶ୍ୱତ କୁମାର ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ପୈତୃକ ବାସଭବନ ଓ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଭିଜିଲାନ୍ସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ତାଙ୍କର ୨ଟି ଦୁଇମହଲା କୋଠା ଓ ୬ଟି ପ୍ଲଟ ଠାବ କରିଛି। ସେହିପରି ଏକ ଚାରିଚକିଆ ଯାନ, ୩ଟି ଦୁଇଚକିଆ ଯାନ ଓ ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି, ଯାହାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ ୧୧ ଲକ୍ଷ ଟଙ୍କା ରହିଥିବା ଜଣାପଡ଼ିଛି। ଶାଶ୍ୱତଙ୍କର କେନ୍ଦ୍ରାପଡ଼ା ସହର ତାଳବରଙ୍ଗାଠାରେ ୨.୩୫୦ ବର୍ଗଫୁଟ ବିଶିଷ୍ଟ ଏକ ଦୁଇମହଲା କୋଠା, କୁଦାନଗରୀ ଥାନା ଅନ୍ତର୍ଗତ ତଳଗାଁରେ ପ୍ରାୟ ୨,୧୦୦ ବର୍ଗଫୁଟର ଅନ୍ୟ ଏକ ଦୁଇମହଲା କୋଠା ସମେତ କଟକ, ଜଟଣୀ, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡ଼ା ଟାଉନରେ ତାଙ୍କ ପରିବାର ନାଁରେ ପ୍ଲଟ ଥିବା ଭିଜିଲାନ୍ସ ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେଣୁ ଏସବୁର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ ଅଧିକ ଖୋଳତାଡ଼ ଚଳାଇଛି। ଅପରପକ୍ଷେ ଶାଶ୍ୱତଙ୍କ ପକ୍ଷରୁ ଜମି ବେପାର କରୁଥିବା ୨ଜଣ ଏଜେଣ୍ଟଙ୍କୁ ୬ ଲକ୍ଷ ୫୪ ହଜାର ୫୦୦ ଟଙ୍କା ଅଗ୍ରିମ ପ୍ରଦାନ କରାଯାଇଛି ବୋଲି ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୮ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନୟାଗଡ଼ର ଦେବୋତ୍ତର କଲୋନିରେ ଥିବା ଶାଶ୍ୱତଙ୍କ ଭଡ଼ା ଘର, କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲା ତଳବରଙ୍ଗାସ୍ଥିତ ଘର, ତଳଗାଁରେ ଥିବା ପୈତୃକ ଘର ଏବଂ ପାଟକୁରାସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଚଢ଼ାଉ କରିଥିଲେ। ଚଢ଼ାଉ ଜାରି ରହିଥିବାରୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜାଲନ୍ସ ପକ୍ଷରୁ କୁହାଯାଇଛି।

# ଲକ୍ଷ୍ମୀ ବସ୍ ପାଇଁ 'ୟୁପିଆଇ କ୍ୟୁଆର୍ କୋଡ୍' ଶୁଭାରମ୍ଭ




ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)

ଲକ୍ଷ୍ମୀ ବସ୍‌ରେ ଯାତାୟାତ ବେଳେ କ୍ୟାଶ୍‌ଲେସ୍ ପେମେଣ୍ଟକୁ ପ୍ରୋତ୍ସାହନ ଦେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର୍ କୋଡ୍'ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର୍ କୋଡ୍ ସ୍କାନ୍‌କରି ଟଙ୍କା ଦେଇପାରିବେ। ଏହି ବ୍ୟବସ୍ଥାର ଶୁଭାରମ୍ଭ କରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓଏସ୍‌ଆର୍‌ଟିସିର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଓଡ଼ିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ବିକଶିତ ଏହି କ୍ୟୁଆର କୋଡ୍‌ର ବ୍ୟବହାର ଯାତ୍ରୀମାନଙ୍କ ଯାତାୟାତକୁ ସୁଗମ କରିବ ବୋଲି ପ୍ରକାଶ କରିଛନ୍ତି। ଏଥିରେ ଡିଜିଟାଲ ପେମେଣ୍ଟକୁ ଗୁରୁତ୍ୱ ଦିଆଯାଉଥିବା ସମ୍ପର୍କରେ ଆଲୋକପାତ କରି ସେ 'ଲକ୍ଷ୍ମୀ ବସ୍'ରେ କ୍ୟୁଆର୍ କୋଡ୍‌ର ସୁବିଧା କିପରି ଯାତ୍ରୀ ପରିବହନରେ ବୈପ୍ଳବିକ ପରିବର୍ତ୍ତନ ଆଣିବ, ସେନେଇ ଆଲୋଚନା କରିଛନ୍ତି।

ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ କହିଛନ୍ତି, ଏହି ବୈଷୟିକ ପ୍ରଗତିକୁ ନେଇ ଆମେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। 'ଲକ୍ଷ୍ମୀ କ୍ୟୁଆର୍ କୋଡ୍'ର ଶୁଭାରମ୍ଭ ସାର୍ବଜନୀନ ପରିବହନ ସେବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଜନସାଧାରଣଙ୍କୁ ସହଜ ଯାତ୍ରା ଅନୁଭୂତି ପାଇଁ ଡିଜିଟାଲ ସମାଧାନ ପଦ୍ଧତି ଗ୍ରହଣ ସହ ଏହା ଓଡ଼ିଶା ସରକାରଙ୍କ ୫- ଟି ରୂପାନ୍ତରଣ ଉପକ୍ରମ ସହ ସମ୍ପୂର୍ଣ୍ଣ ଭାବେ ଯୋଡ଼ିହୋଇଛି ବୋଲି ସେ କହିଛନ୍ତି। ପରିବହନ କମିଶନର ଅମିତାଭ ଠାକୁର ଏହି ଅଭିନବ ପ୍ରୟାସ ଉପରେ ଗୁରୁତ୍ୱାରୋପକରି କହିଛନ୍ତି, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଏଚ୍‌ଡିଏଫ୍‌ସି ମଧ୍ୟରେ ଭାଗୀଦାରିତା ଏହି ପେମେଣ୍ଟ ପଦ୍ଧତିକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଲକ୍ଷ୍ମୀ କ୍ୟୁଆର୍ କୋଡ୍ ସାହାଯ୍ୟରେ ଲୋକଙ୍କ ପାଇଁ ପେମେଣ୍ଟ ପ୍ରକ୍ରିୟାକୁ ସହଜ କରାଯାଇଛି। ଏହାଦ୍ୱାରା ଯାତାୟାତ ଆହୁରି ସରଳ ହେବ। ପ୍ରକାଶ ଥାଉକି, ସହଜ ବ୍ୟବହାରଯୋଗ୍ୟ(ୟୁଜର ଫ୍ରେଣ୍ଡଲି) 'ଲକ୍ଷ୍ମୀ' କ୍ୟୁଆର୍ କୋଡ୍ ଉପଭୋକ୍ତାଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦକ୍ଷ ଦେୟ ବିକଳ୍ପ ହୋଇଥିବା ବେଳେ ଏହା କାରବାର ସମୟ ହ୍ରାସ କରେ ଏବଂ ଯାତ୍ରୀଙ୍କ ନିରାପତ୍ତା ବୃଦ୍ଧିକରେ। କାର୍ଯ୍ୟକ୍ରମ ପରିଶେଷରେ ଓଏସ୍‌ଆର୍‌ଟିସିର ସାଧାରଣ ସମ୍ପାଦକ ବିଶିକେସନ ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସ୍ତ୍ରୀ ହତ୍ୟା ମାମଲା, ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଆସିକା, ୧୩।୧୨ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଏନ୍‌ଏସି ଏନ୍‌ଏସି ମାର୍ଗରେ ୨୦୨୨ ଅକ୍ଟୋବର ୯ ତାରିଖରେ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ବୁଧବାର ଏହି ମାମଲାର ବିଚାର କରି ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ଅଭିଯୁକ୍ତ ସ୍ୱାମୀ ସୀମାଞ୍ଚଳ ମିଶ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଏହା ଅନାଦାୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ଧରାକୋଟ ଥାନା ଅନ୍ତର୍ଗତ ପଞ୍ଚସିଂହପୁର ଶାସନ ଗ୍ରାମର ସୀମାଞ୍ଚଳ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ସହ ଅଧିକାଂଶ ସମୟ ଝଗଡ଼ା କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଲକ୍ଷ୍ମୀପ୍ରିୟା ନିଜ ପୁଅ ସହ ଏକ ଭଡା ଘରେ ରହୁଥିଲେ। ଘଟଣାଦିନ ସ୍ତ୍ରୀ ସେଠାରେ ଏକାକୀ ଥିବା ବେଳେ ସୀମାଞ୍ଚଳ ଘରେ ପଶି ତାଙ୍କ ସହ ଯୁକ୍ତିତର୍କ କରିବା ପରେ ଛୁରୀରେ ଆକ୍ରମଣ କରିଥିଲେ। ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଆସିକା ଥାନାରେ ତାଙ୍କ ଭାଇ ଶିବ ପ୍ରସାଦ ତ୍ରିପାଠୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ୬୭୫/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାରେ ସମୁଦାୟ ୧୪ଜଣ ସାକ୍ଷୀ ସାକ୍ଷ୍ୟ ଦେଇଥିଲେ। ସାକ୍ଷୀଙ୍କ ବୟାନ ଓ ପୋଲିସର ଚାର୍ଜଶିଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ଜି. ସୂର୍ଯ୍ୟପ୍ରକାଶ ରାଓ ମାମଲା ଲଢୁଥିଲେ।

# ବିଦ୍ୟାଳୟ ବିକାଶରେ କ୍ରୀଡ଼ା ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କ୍ରୀଡ଼ା ଶିକ୍ଷକଙ୍କ ତାଲିମ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୩।୧୨ (ଅସମାପିକା ସାହୁ)

ମାଧ୍ୟମିକ ବିଦ୍ୟାଳୟ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଶାରୀରିକ ଶିକ୍ଷକମାନଙ୍କ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଓସେପା ଦ୍ୱାରା ଆୟୋଜିତ ଏହି ଷଷ୍ଠ ବ୍ୟାଚ ତାଲିମ କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାରୁ ମୋଟ ୯୭ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଯୋଗଦେଇ ଛାତ୍ରୀଛାତ୍ର ତଥା ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ଶାରୀରିକ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏ ଦିଗରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ବହୁବିଧ ପଦକ୍ଷେପଗୁଡ଼ିକର ସଫଳ ରୂପାୟନ ପାଇଁ ଶାରୀରିକ ଶିକ୍ଷକମାନେ ଯତ୍ନବାନ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା ଶାରୀରିକ ଶିକ୍ଷକମାନେ ଯେଉଁ ଶିକ୍ଷଣ ଅନୁଭୂତି ନେଲେ ତାହା ନିଜ କର୍ମକ୍ଷେତ୍ରରେ ପ୍ରୟୋଗ କରି ଛାତ୍ରୀଛାତ୍ରଙ୍କୁ ତା'ର ସୁଫଳ ଦେବାକୁ କହିଥିଲେ। ଏହି ପ୍ରଶିକ୍ଷଣ ସମୟରେ କ୍ରୀଡ଼ା ତଥା ଯୁବସେବା ବିଭାଗର ବରିଷ୍ଠ, ଅଭିଜ୍ଞ ତଥା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାଧନ କର୍ମୀ ଯଥା ଗ୍ରୁପ୍ କ୍ୟାପଟେନ ଦିନେଶ ସୁରି, ଲ୍ୟୁଟ୍‌ନାଣ୍ଟ କର୍ନେଲ୍ ଏ. ରାଜେଶ, କ୍ରୀଡ଼ା ଯୁବସେବା ବିଭାଗର ବରିଷ୍ଠ ଖେଳ ବିଜ୍ଞାନ ନିର୍ଦ୍ଦେଶକ ଡ. ସୌମିତ୍ର ମଣ୍ଡଳ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓସେପା ଉପନିର୍ଦ୍ଦେଶକ ମହେଶ୍ୱର ସାହୁ, 'ମୋ ସ୍କୁଲ'ର ଓଏସ୍‌ଡି କାବେରୀ ପାଢ଼ୀ, ସାଧନକର୍ମୀ ଯୁଧିଷ୍ଠିର ପାଣିଗ୍ରାହୀ, ଯୋଗ ପ୍ରଶିକ୍ଷକ ଦୀପକ ଗିରି ଏବଂ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ତାଲିମ ଦେଇଥିଲେ।

# ଛାତ୍ରୀଙ୍କୁ ବଳାତ୍କାର ଘଟଣା: ଘରୋଇ କଲେଜ ଅଧ୍ୟକ୍ଷ ଫେରାର

ଜୟପୁର, ୧୩।୧୨ (ପବନ ପାଣିଗ୍ରାହୀ)

ଜୟପୁର ସହରର ଏକ ଘରୋଇ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ମଙ୍ଗଳବାର ବଳାତ୍କାର କରିବା ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିବା ସହ ସେ ଘରେ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଘଟଣା ନେଇ ଅଭିଯୋଗକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ପଡ଼ିଛି। ତାଙ୍କୁ କଲେଜ, ଘରେ ଓ ବିଭିନ୍ନ ସ୍ଥାନରେ ପୋଲିସ ଖୋଜା ଖୋଜି କରୁଥିଲେ ମଧ୍ୟ ଏଯାଏ ଅଧ୍ୟକ୍ଷଙ୍କ ପତ୍ତା ପାଇନାହିଁ। ଏପରି ଘଟଣା ଘଟିବା ପରେ କଲେଜ, ହଷ୍ଟେଲ ସବୁଠି ତାଲା ପଡ଼ିଛି। ଭବିଷ୍ୟତ ଚିନ୍ତା ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବୁଧବାର ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସର ଏକ ଟିମ୍ ସମ୍ପୃକ୍ତ ମହାବିଦ୍ୟାଳୟକୁ ଯାଇ ମହାବିଦ୍ୟାଳୟରେ ତାଲା ପଡ଼ିଥିବା ଦେଖି ନିରାଶରେ ଫେରିଛି। ଘଟଣା ସମ୍ପର୍କରେ ପଚାରିବା ଲାଗି କଲେଜ ଅଧ୍ୟକ୍ଷ ପଟ୍ଟନାୟକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଅଧ୍ୟକ୍ଷ ପଟ୍ଟନାୟକଙ୍କ ବିରୋଧରେ ଆଇପିସି ଦଫା ୩୭୬(ସି)ରେ କେସ୍‌ନଂ. ୩୮/୨୩ ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# 'ଆର୍ଥିକ ବ୍ୟବସ୍ଥାର ସଫଳ ପରିଚାଳନା ପ୍ରଗତିର ଆଧାର'

## ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ପ୍ରୋବେଶନର

ଭୁବନେଶ୍ୱର, ୧୩।୧୨ (ଅସମାପିକା ସାହୁ)


ରାଜ୍ୟପାଳ ରଘୁବର ଦାସ ଓ ତାଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ପ୍ରୋବେଶନର୍‌ମାନେ।

ସାଧାରଣ ଲୋକଙ୍କ ସେବା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ। ଆର୍ଥିକ ବ୍ୟବସ୍ଥାର ସଫଳ ପରିଚାଳନା ପ୍ରଗତିର ଆଧାର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ବୁଧବାର ରାଜଭବନର ଅଭିଷେକ ହଲ୍‌ରେ ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ପ୍ରୋବେଶନରମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଯେକୌଣସି ରାଜ୍ୟ ପାଇଁ ଅର୍ଥ ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଯେଉଁ ରାଜ୍ୟ ଆର୍ଥିକ ସ୍ତରରେ ଯେତେ ସ୍ୱଚ୍ଛଳ ଓ ସଶକ୍ତ ହେବ ସେହି ରାଜ୍ୟର ବିକାଶ ସେତେ ତ୍ୱରାନ୍ୱିତ ହେବ। ତେଣୁ ଅର୍ଥ (ସମ୍ବଳ) ସଂଗ୍ରହ ଓ ଏହାର ଉପଯୁକ୍ତ ବିନିଯୋଗ ଦିଗରେ ରାଜ୍ୟ ଅର୍ଥସେବା ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି। ଯୋଜନା ପ୍ରଣୟନ ସମୟରେ ଅର୍ଥର ଯେପରି ଅଭାବ ନ ରହେ ଓ ଆବଣ୍ଟିତ ଅର୍ଥ ନେଇ ଯୋଜନାର ଉଦ୍ଦେଶ୍ୟ ସାଧନ ତଥା କାର୍ଯ୍ୟକାରିତାରେ ଯେଭଳି କୌଣସି ବ୍ୟତିକ୍ରମ ନ ହୁଏ, ତାହା ସୁନିଶ୍ଚିତ କରିବା ଅର୍ଥସେବା ଅଧିକାରୀଙ୍କ ପାଇଁ ପ୍ରାଥମିକତା ରହିବ। ଦାୟିତ୍ୱ ନିର୍ବାହ ସମୟରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଚାପ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ସେମାନଙ୍କୁ ନିୟମ କାନୁନ୍ ଓ ବ୍ୟବସ୍ଥା ସମ୍ପର୍କରେ ଅଭ୍ୟସ୍ତ ରହିବା ସହିତ ନିର୍ଭୀକ ଭାବେ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ। ଉଭୟ ଆଭ୍ୟନ୍ତରୀଣ ଅଡିଟ୍ ଏବଂ ସିଏଜି ଅଡିଟ୍ ନିୟମିତ ଭାବେ କରାଗଲେ ଅର୍ଥର ଅପବ୍ୟୟ ରୋକାଯିବା ସହ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରିବ। ରାଜ୍ୟର ଅର୍ଥସେବା ଅଧିକାରୀ ଭାବେ ପ୍ରଶିକ୍ଷାର୍ଥୀମାନେ ଏ ଦିଗରେ ଉଚିତ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ। ଖଣିଜ ସମ୍ପଦର ଉପଯୁକ୍ତ ବିନିଯୋଗ ଦ୍ୱାରା ରାଜ୍ୟର ସମ୍ବଳ ବୃଦ୍ଧି ହୋଇପାରିବ। କିନ୍ତୁ ଆର୍ଥିକ ଅବ୍ୟବସ୍ଥା କଦାପି ଗ୍ରହଣୀୟ ନୁହେଁ, ଯାହା ରାଜ୍ୟ ହିତର ବିପରୀତ। ତେଣୁ ଏ ଦିଗରେ ଅଧିକ ସତର୍କତା ଅବଲମ୍ବନ ଜରୁରୀ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରୋବେଶନରମାନଙ୍କୁ ନିଜ ବିବେକ ଅନୁମୋଦିତ କାର୍ଯ୍ୟ କରିବା ସହ ପ୍ରତ୍ୟେକ ଆହ୍ୱାନର ଉଚିତ ମୁକାବିଲା କରିବାକୁ କହିଥିଲେ।

ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ୪୯ ଜଣ ପ୍ରୋବେଶନର ଭୁବନେଶ୍ୱରସ୍ଥିତ ମଧୁସୂଦନ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍‌ସିଆଲ୍ ମ୍ୟାନେଜ୍‌ମେଣ୍ଟରେ ଗତ ଜାନୁୟାରୀରୁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ପ୍ରଶିକ୍ଷଣ ଆସନ୍ତା ଜାନୁୟାରୀରେ ସମାପ୍ତ ହେବ। ପ୍ରଶିକ୍ଷଣ ଅଧୀନରେ ଆୟୋଜିତ 'ଏକ୍ସପୋଜର୍ ଭିଜିଟ୍'ରେ ପ୍ରଶିକ୍ଷାର୍ଥୀମାନେ ରାଜ୍ୟପାଳଙ୍କୁ ଭେଟିଥିଲେ। ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ବିଭୁଦତ୍ତ ଆଚାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଏମ୍‌ଭି-୬୭ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ

## ଗୋଟିଏ ରାତିରେ ମାରିଲା ୪୦ରୁ ଊର୍ଦ୍ଧ୍ୱ ଛେଳି, ମେଣ୍ଢା

କାଲିମେଲା, ୧୩।୧୨ (ଜୀବନକୃଷ୍ଣ ଦାସ)


ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣା ସ୍ଥଳ ଅନୁଧ୍ୟାନ କରୁଛନ୍ତି।


ପଡ଼ି ରହିଥିବା ମୃତ ମେଣ୍ଢା।

ମାଲକାନଗିରି ଜିଲା କାଲିମେଲା ବ୍ଲକ କୋଇମେଟଲା ପଞ୍ଚାୟତ ଏମ୍‌ଭି-୬୭ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଗ୍ରାମର ଗୋଟିଏ ରାତିରେ ୨ଜଣଙ୍କ ଚାଷୀଙ୍କ ୪୦ରୁ ଊର୍ଦ୍ଧ୍ୱ ଛେଳି ଓ ମେଣ୍ଢାକୁ ଏହି ଜଙ୍ଗଲୀ ଅଜଣା ଜନ୍ତୁ ମାରି ଖାଇଛି। କେତେକ ଛେଳିମେଣ୍ଢାଙ୍କ ଅଧାଖିଆ ମୃତଦେହ ଛାଡ଼ି ଚାଲିଯାଇଛି। ଏପରି ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି।

ଖବରରୁ ଜଣାପଡିଛି, ମଙ୍ଗଳବାର ରାତିରେ ଅଜଣା ଜନ୍ତୁଟି ଏମ୍‌ଭି-୭୬ ଗ୍ରାମର ସୁନୀଲ ହାଲ୍‌ଦାର ଓ ଅସିତ ବାରିକଙ୍କ ଗୁହାଳରେ ପଶି ଉପରୋକ୍ତ ଛେଳିମେଣ୍ଢା ମାରି ଖାଇଥିବା ଜଣାପଡ଼ିଛି। ସୁନୀଲଙ୍କ ୪୦ରୁ ଊର୍ଦ୍ଧ୍ୱ ଛେଳି ମେଣ୍ଢା ଏବଂ ଅସିତଙ୍କ ଗୋଟିଏ ଛେଳି ଅଜଣା ଜନ୍ତୁ ଖାଇଥିବା ସେମାନେ ପ୍ରକାଶ କରିଛନ୍ତି। ସୁନୀଲ ଧାରକରଜ କରି ୧୦୦ରୁ ଅଧିକ ଛେଳି ପାଳନ କରି ଆସୁଥିଲେ। ମଙ୍ଗଳବାର ରାତିରେ ଛେଳିଗୁଡ଼ିକ ନିଜ ଗୁହାଳ ଘରେ ରଖିଥିଲେ। ବୁଧବାର ସକାଳେ ଗୁହାଳରେ ଅନେକ ଛେଳି ନ ଥିବା ସେ ଦେଖିବାକୁ ପାଇଥିଲେ। ଛେଳିଗୁଡ଼ିକୁ ଖୋଜାଖୋଜି କରିବା ପରେ ତାଙ୍କ ଘରଠାରୁ ୫୦ ମିଟର ଦୂର ଏକ ଚାଷଜମିରେ କେତେକ ଛେଳିର ମୃତଦେହ ପଡିଥିବା ସୁନୀଲ ଦେଖିବାକୁ ପାଇଥିଲେ। ଏଥିସହ ମୃତଦେହଗୁଡ଼ିକ ନିକଟରେ ଅଜଣା ଜନ୍ତୁର ନଖ ଓ ରାମ୍ପୁଡା ଚିହ୍ନ ମଧ୍ୟ ରହିଥିବା ଦେଖିବାକୁ ମିଳିଛି। ସେଠାରେ ଛେଳି ମେଣ୍ଢାଙ୍କ ମାଂସ, ହାଡ, ମୁଣ୍ଡ, କଲିଜା ଓ ଚମଡ଼ା ଆଦି ଏଣେତେଣେ ପଡିରହିଥିଲା।

ଖବର ପାଇ କୋଇମେଟଲା ସରପଞ୍ଚ ମୁନା ପଡିଆମି ଏବଂ କାଲିମେଲା ପ୍ରାଣୀଚିକିତ୍ସା କେନ୍ଦ୍ରର ଏକ ଡାକ୍ତରୀ ଟିମ୍ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ବିଜନ ମଲ୍ଲିକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଯଶବନ୍ତ କୁମୁଟି ଛେଳିଗୁଡ଼ିକୁ କେଉଁ ପ୍ରାଣୀ ଆକ୍ରମଣ କରିଛି ସେନେଇ ସେମାନେ ବିଭିନ୍ନ ନମୁନା ସଂଗ୍ରହକରି ତାହାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଚାଷୀ ସୁନୀଲ କହିଛନ୍ତି, ସେ ଏତେ ବର୍ଷ ଧରି ଛେଳି ପାଳନ କରି ଆସୁଛନ୍ତି। ଅଥଚ ଏଭଳି ଘଟଣା କେବେ ହୋଇନାହିଁ। ତାଙ୍କର ୪୦ରୁ ଊର୍ଦ୍ଧ୍ୱ ଛେଳି ମେଣ୍ଢା ଚାଲିଯିବାରୁ ସେ ବହୁତ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ମଲ୍ଲିକଙ୍କୁ ପଚାରିବାରୁ ସେ ଅଜଣା ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ଛେଳିଗୁଡ଼ିକର ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି। ଜନ୍ତୁର ପାଦ, ନଖ ଚିହ୍ନ ଏବଂ ଅନ୍ୟାନ୍ୟ ଦିଗ ପ୍ରତି ଅନୁଧ୍ୟାନକରି ଏହାର ତଦନ୍ତ କରାଯାଉଛି। ଏପରି ବିପଦ କ୍ଷେତ୍ରରେ ଯାହା କିଛି ସରକାରୀ ସୁବିଧା ରହିଛି ତାହା ସମ୍ପୃକ୍ତ ଛେଳିଚାଷୀଙ୍କୁ ଦେବା ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଜନ୍ତୁ ଆକ୍ରମଣ ପରେ ଗ୍ରାମବାସୀ ଏବେ ନିଜ ନିଜ ପଶୁପକ୍ଷୀଙ୍କ ସୁରକ୍ଷାରେ ଚିନ୍ତାରେ ରହିଥବା ଦେଖିବାକୁ ମିଳିଛି।

# ଜନକଲ୍ୟାଣ ଯୋଜନା ଉପରେ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱ ଦିଅନ୍ତୁ: ଅନୁ



ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

## ୧୭୩ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଆମ ବ୍ୟାଙ୍କ ଯୋଜନା, ମିଶନ ଶକ୍ତି ସ୍କୁଟର ଯୋଜନା, ଲକ୍ଷ୍ମୀ ଯୋଜନା, ବଳରାମ ଯୋଜନା, ମୋ ଘର ଯୋଜନା ଆଦି ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣ କାର୍ଯ୍ୟକ୍ରମ । ସେଗୁଡ଼ିକର ଆଶାନୁରୂପ ସଫଳତା ଦିଗରେ ବ୍ୟାଙ୍କଗୁଡ଼ିକର ନିଷ୍ଠାପର ସହଯୋଗ ଅପରିହାର୍ଯ୍ୟ । ବ୍ୟାଙ୍କଗୁଡ଼ିକ ସେସବୁ ଯୋଜନା ଉପରେ ଗୁରୁତ୍ୱାରୋପ କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ୧୭୩ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି ଯେ ରାଜ୍ୟର ଶତକଡ଼ା ୬୫ ଭାଗ ଗ୍ରାମପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ନ ଥିବାରୁ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କ ସେବା ଓ ଋଣ ଯୋଗାଇ ଦେବା ପାଇଁ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହଯୋଗରେ ସେସବୁ ଗ୍ରାମପଞ୍ଚାୟତରେ ସିଏସ୍‌ପି(ପ୍ଲସ୍) ବ୍ୟାଙ୍କ ଆଉଟ୍‌ଲେଟ ମାଧ୍ୟମରେ ବ୍ୟାଙ୍କ ସେବା ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ଆମ ବ୍ୟାଙ୍କ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅବଦାନ ଅଭିନନ୍ଦନୀୟ। ୨୦୨୩ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରାଜ୍ୟର କ୍ରେଡିଟ୍ ଜମା ଅନୁପାତ ୮୧.୪୪% ଥିବାବେଳେ ଏବେ ଏହା ୮୧.୭୫% କରାଯାଇପାରିଛି। ଅଗ୍ରାଧିକାର କ୍ଷେତ୍ରକୁ ଋଣ ପ୍ରଦାନ, ବ୍ୟାଙ୍କ, ଯୋଜନା ଓ ଜିଲାୱାରି ଋଣ ପ୍ରଦାନ କ୍ଷେତ୍ରରେ ପରିଲକ୍ଷିତ ବ୍ୟବଧାନ ହ୍ରାସ ନିମନ୍ତେ ଯତ୍ନବାନ ହେବାକୁ ସେ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ବ୍ୟାଙ୍କଗୁଡ଼ିକର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଜନକଲ୍ୟାଣକାରୀ ଯୋଜନାରେ ବ୍ୟାଙ୍କଗୁଡ଼ିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ବ୍ୟାଙ୍କଗୁଡ଼ିକ ଅଧିକ ଶାଖା ଓ ଅଧିକ ଏଟିଏମ୍ ଖୋଲିବା ଉପରେ ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକର ଆବାହକ ଗୌତମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ୟୁକୋ ବ୍ୟାଙ୍କର ଚେୟାରମ୍ୟାନ ବିଜୟ କୁମାର ଏନ୍.କାମ୍ବଲେ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସୁଧାଂଶୁ କେ.କେ. ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଅରବିନ୍ଦ ପାଢ଼ୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ସଚିବ ଏସ୍.କେ. ବଶିଷ୍ଠ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଏସ୍.କେ. ଲୋହାନୀ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବ୍ୟାଙ୍କର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟ ଉପରେ ମତବ୍ୟକ୍ତ କରିଥିଲେ ।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୩।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪(୩୩.୫୭) ପଏଣ୍ଟ ବଢ଼ି ୬୯,୫୮୫ (୬୯,୫୮୪.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦ (୧୯.୯୫) ପଏଣ୍ଟ ବୃଦ୍ଧି ଘଟି ୨୦,୯୨୬ (୨୦,୯୨୬.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଆଜି ଖୋଲିବ ଆଇଆଇଏଲ୍‌ର ଆଇପିଓ




ଭୁବନେଶ୍ୱର,୧୩।୧୨

ଆଇନକ୍ସ ଇଣ୍ଡିଆ ଲିମିଟେଡ୍ (ଆଇଆଇଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତ ବର୍ଷ ଡିସେମ୍ବର ୧୪ରେ ଖୋଲିବ। ଏପରିକି ଉକ୍ତ ଅଫର ୨୦୨୩ ଡିସେମ୍ବର ୧୮ରେ ବନ୍ଦ ହେବ। ଫଳରେ ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୩ ଡିସେମ୍ବର ୧୩ରେ ବିଡ୍ ଦାଖଲ କରିପାରିବେ। ଉକ୍ତ ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୬୨୭ ରୁ ୬୬୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସେହିଭଳି ସର୍ବନିମ୍ନ ୨୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୨୨ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। କମ୍ପାନୀ ଅଂଶଧନକାରୀମାନଙ୍କ ୨୨,୧୧୦,୯୫୫ ଇକ୍ୱିଟି ଶେୟାର ବିକ୍ରିକରି ପାଣ୍ଠି ଯୋଗାଡ଼ କରିବାକୁ ଯୋଜନା ରଖିଛି। କମ୍ପାନୀର ଇକ୍ୱିଟି ଶେୟାରଗୁଡ଼ିକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ଲାଗି ରେଡ୍ ହେରିଂ ପ୍ରୋସପେକ୍ଟସ୍‌ରେ ପ୍ରସ୍ତାବ ରହିଛି। ସେହିଭଳି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ(ସେବି)ର ନିୟମ ଅନୁସାରେ ଉକ୍ତ ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ମାନଙ୍କ ଲାଗି ରହିବ। ବିଶେଷକରି ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ପରାମର୍ଶରେ କ୍ୟୁଆଇବି ଭାଗର ୬୦% ଇକ୍ୱିଟି ଶେୟାରକୁ ଆଙ୍କର ନିବେଶକମାନଙ୍କ ଲାଗି ଉପଲବ୍ଧ କରାଯାଇପାରିବ। ସେଥିରୁ ଅତିକମ୍‌ରେ ଏକ ତୃତୀୟାଂଶ ଇକ୍ୱିଟି ଶେୟାରକୁ ସ୍ଥାନୀୟ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ପ୍ରଦାନ କରାଯିବ। ଯଦି ସ୍ଥାନୀୟ ମ୍ୟୁଚୁଆଲ ଫଣ୍ଡ୍ ସବୁ ଶେୟାର ନେବେ ନାହିଁ ତେବେ ଅବଶିଷ୍ଟ ଶେୟାରକୁ କ୍ୟୁଆଇବିଙ୍କ ପାଇଁ ପୁଣି ଥରେ ସାମିଲ କରାଯାଇପାରିବ। ଉକ୍ତ ଅଫରର ୧୫% ଇକ୍ୱିଟି ଶେୟାର ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ରହିବ। ସେବି ନିୟମ ଅନୁସାରେ ନେଟ୍ ଅଫରର ୩୫% ପର୍ଯ୍ୟନ୍ତ ଇକ୍ୱିଟି ଶେୟାରକୁ ଖୁଚୁରା ନିବେଶକମାନଙ୍କ ଲାଗି ଉପଲବ୍ଧ। ଉକ୍ତ ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଆଇସିଆଇସିଆଇ ସିକ୍ୟୁରିଟିଜ ଲିମିଟେଡ୍ ଓ ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍ ଇତ୍ୟାଦି।

# ୧୬ରେ ଏସ୍‌ଏସ୍‌ଆଇ ସ୍ପୋର୍ଟସ ସାଇନ୍ସ ସମ୍ମିଳନୀ

ଭୁବନେଶ୍ୱର,୧୩।୧୨ (ଅଭୟ ଦାଶ)



ଦେଶର ଅଗ୍ରଣୀ ସାମାଜିକ ପ୍ରତିଷ୍ଠାନ ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ) ପକ୍ଷରୁ ଚଳିତ ବର୍ଷ ଡିସେମ୍ବର ୧୬ରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଏକ ମେଗା କାର୍ଯ୍ୟକ୍ରମ 'ଏସ୍‌ଏସ୍‌ଆଇ ସ୍ପୋର୍ଟସ ସାଇନ୍ସ ସମ୍ମିଳନୀ' ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଭାରତର ଜଣାଶୁଣା କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଓ ଡାକ୍ତରମାନେ ଯୋଗଦେଇ ବିଭିନ୍ନ ଦିଗ ଉପରେ ବିସ୍ତୃତଭାବେ ଆଲୋଚନା କରିବେ ବୋଲି ସ୍ପୋର୍ଟସ ସାଇନ୍ସ ଇଣ୍ଡିଆର ପ୍ରତିଷ୍ଠାତା ତଥା ସ୍ପୋର୍ଟସ ସର୍ଜନ ଡ. ସାର୍ଥକ ପଟ୍ଟନାୟକ ବୁଧବାର ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି। ଡ. ପଟ୍ଟନାୟକ କହିଥିଲେ, ଉକ୍ତ ସମ୍ମିଳନୀ ଜରିଆରେ କ୍ରୀଡ଼ା ଦୁନିଆର ସର୍ବୋତ୍ତମ ଦୁଇଟି କ୍ରୀଡ଼ା ଓ ଚିକିତ୍ସା ବିଜ୍ଞାନକୁ ଏକତ୍ର କରିବ। ବିଶେଷକରି ଗୋଟିଏ ଛାତ ତଳେ ଓଡ଼ିଶାରେ ତୃଣମୂଳ କ୍ରୀଡ଼ାକୁ ମଜଭୁତ କରିବାକୁ ବିଶେଷଜ୍ଞମାନେ ମତ ବିନିମୟ କରିବେ। ସେହିପରି ଦିନତମାମ ଉକ୍ତ ସମ୍ମିଳନୀ ଜରିଆରେ ଆଘାତ ନିବାରଣ, କ୍ରୀଡ଼ା ବିଜ୍ଞାନ ଓ ପୁନର୍ବାସ ଆଦି ଉପରେ ବିଭିନ୍ନ ଅଧିବେଶନ କରାଯିବ। ଏପରିକି କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ା ବିଭାଗ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏହାକୁ ଲକ୍ଷ୍ୟକରି ସ୍ପୋର୍ଟସ ସାଇନ୍ସ ଇଣ୍ଡିଆ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମୁଖ୍ୟତଃ କ୍ରୀଡ଼ା ବିଜ୍ଞାନ ଉପରେ ସଚେତନ କରିବା ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେବା କାର୍ଯ୍ୟକ୍ରମ ରହିଛି।

ସବୁଠୁ ବଡ଼ କଥା ହେଉଛି ଉକ୍ତ ସମ୍ମିଳନୀରେ ଭାରତର କ୍ରୀଡ଼ା କ୍ଷେତ୍ରରେ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଯେଉଁଥିରେ କର୍ଣ୍ଣ ଆୱାର୍ଡ଼, ପାଇକ ଟିମ୍ ଆୱାର୍ଡ, ଏସ୍‌ଏସ୍‌ଆଇ ଏମର୍ଜିଂ ପ୍ଲେୟର ଆୱାର୍ଡ, ଦିଲୀପ ତିର୍କୀ ଗ୍ରାସରୁଟ୍ ଆୱାର୍ଡ, ଏସ୍‌ଏସ୍‌ଆଇ କୋଚ୍ ଆୱାର୍ଡ, ଏସ୍‌ଏସ୍‌ଆଇ ଲାଇଫ୍ ଟାଇମ୍ ଆୱାର୍ଡ, ଏସ୍‌ଏସ୍‌ଆଇ ଫ୍ରିଷ୍ଟ ଚାମ୍ପିୟନ ଆୱାର୍ଡ(ପୁରୁଷ ଓ ମହିଳା), ଏସ୍‌ଏସ୍‌ଆଇ ବେଷ୍ଟ ସ୍ପୋର୍ଟସ ପର୍ସନ ଆୱାର୍ଡ, ଏସ୍‌ଏସ୍‌ଆଇ ସ୍ପୋର୍ଟସ ଡେଭେଲପ୍‌ମେଣ୍ଟ ଆୱାର୍ଡ, ଏସ୍‌ଏସ୍‌ଆଇ ସ୍ପୋର୍ଟ ଜର୍ନାଲିଜମ୍ ଆୱାର୍ଡ ଆଦି ପ୍ରଦାନ କରାଯିବ। ଏପରିକି ସେମାନଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଏସ୍‌ଏସ୍‌ଆଇର ପ୍ରତିଷ୍ଠାତା ଡ. ପଟ୍ଟନାୟକ କହିଥିଲେ।

**OFFICE OF THE SUPERINTENDING ENGINEER**
**RURAL WORKS DIVISION, JHARSUGUDA**
Email:eerw_jharsuguda@yahoo.co.in, Mob:9437255310
**1st Corrigendum to tender call notice No.- Online-SEJSG 17 of 2023-24**

**No.O-1787:** In pursuance to this office tender call notice No.Online-SEJSG 17 of 2023-24 vide T.O. letter No.4933, Dated 30.11.2023. The following changes have been made in NIT & DTCN.

| Sl. No. | Items | As per Original TCN | As per 1st Corrigendum to TCN & DTCN |
|---|---|---|---|
| 1. | Availability of Tender for online bidding | 04.12.2023 | 14.12.2023 |
| 2. | Last Date & Time of Bidding online | 13.12.2023 | 26.12.2023 |
| 3. | Last Date & Time of Seeking Tender Clarification | 11.12.2023 | 22.12.2023 |
| 4. | Date & Time of Opening of Tender | 14.12.2023 | 27.12.2023 |

Other terms and conditions are remain same.
Sd./- Superintending Engineer
R.W.Division, Jharsuguda
OIPR-25104/11/0022/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRLCE, ANGUL**
E-Mail: sencrwangul@yahoo.co.in, Ph.: 06764-236404
No. 3106 Dt.: 07.12.2023
**Cancellation of Tender for Bridge Work**

No. O-1778: The tender for work "Construction of bridge over Gudiani Nallah" on Seepur - Podagarh Road in the District of Angul under BSY for the year 2022-23 invited vide this office Tender Call Notice No. 965 Dt.04.04.2023 (Bid Identification No. Bridge Online-AGL-01/2023-24) by the procurement officer, Chief Construction Engineer, Rural Works Circle, Angul is hereby cancelled as the road **Seepur-Podagarh (Bhaluki chhak to Podagarh connecting to PWD Road)** has already been handed over to the books of Works Department vide Notification No. 07584000032018/7712 Dt.06.05.2023 (copy enclosed) communicated vide Letter No. 17196 Dt.09.06.2023 of E.I.C., R.W. (O), Bhubaneswar. Now there is no necessary to take up the bridge project. So, the project may be dropped.
Sd./- Chief Construction Engineer
Rural Works Circle, Angul
OIPR-25180/11/0049/2324

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE ADDITIONAL CHIEF ENGINEER**
**RENGALI RIGHT IRRIGATION CIRCLE, DHENKANAL**
Email Id:adlcerric@gmail.com
**'e' Procurement Notice**

**No.A-989:**The Additional Chief Engineer, Rengali Right Irrigation Circle, Dhenkanal on behalf of the Governor of Odisha invites **online percentage rate bids** in double cover system for construction of the works as detailed below:
1. Name of the Work : Construction of RCC retaining wall at incomplete patches from RD 1930m to 8398m and including balance RCC rectangular section of minor & sub minor of tail distributary of GBC of Rengali Right Irrigation Project.
2. Tender Cost : Rs.616.09 lakh
3. Bid document Cost : Rs.10,000.00 (online)
4. Bid Security/EMD : Rs.6,16,100.00
5. Class of Contractor : 'A' Class & "Special" Class
6. Period of Completion : 12 (Twelve) calendar months including monsoon
7. Other details are as follows :

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, RRIC, Dhenkanal | ACERRICD-02/2023-24 | 15.12.2023 10.00 AM | 26.12.2023 5.30 PM | 27.12.2023 11.00 AM |

Further details can be seen from the e-Procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in.
Sd./- Additional Chief Engineer
Rengali Right Irrigation Circle, Dhenkanal
OIPR-32516/11/0004/2324

**DIRECTORATE OF AGRICULTURE & FOOD PRODUCTION, ODISHA**
**REQUEST FOR PROPOSAL**
**ENGAGEMENT OF DEA EMPANELLED TRANSACTION ADVISOR FOR PROVIDING ADVISORY SERVICES FOR IMPLEMENTATION OF AGRITECH SMART FARM PROJECT AT VARIOUS LOCATIONS OF ODISHA THROUGH PPP MODE IN THE STATE OF ODISHA**
**RFP No. 49095 Dated 08.12.2023**

No. L-181: The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the DEA empanelled consultant for engagement of transaction advisor for providing advisory services for implementation of Agri-Tech Smart Farm Project at various locations of Odisha through PPP.

The RFP document is available and can be downloaded from the eprocurement portal: **tendersodisha.gov.in/** and from website **agrisnetodisha.ori.nic.in / agriodisha.nic.in**. The bidder must possess matching compatible Digital Signature Certificate (DSC) to participate in the online Bidding.

The proposal complete in all respect must reach the undersigned by Speed Post / Registered Post to **The Director of Agriculture & Food Production, Krushi Bhawan, Gopabandhu Marg Bhubaneswar, Odisha PIN-751001 latest by 29.01.2024 by 4.30 P.M.**

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.
Sd./- Director of Agriculture & Food Production, Odisha
OIPR-01510/11/0010/2324

**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack-1
**NOTICE**
No.9089/ PSC, Dt.12.12.2023
**CORRIGENDUM TO ADVERTISEMENT NO. 01 OF 2023-24 FOR RECRUITMENT TO THE POST OF LECTURERS IN 13 DIFFERENT DISCIPLINES UNDER OTE & TS CADRE**

**No.D-176:**1. In pursuance of order of the Hon'ble High Court, Orissa passed in W.P. (C) No.14681 of 2023 dated 12.10.2023 filed by Sri Bikash Jena-Versus-State of Odisha & others as communicated by Govt. in Skill Development & Technical Education Deptt. vide Letter No. 8584/SDTE, BBSR, dated 15.11.2023 & 6622/SDTE, BBSR, dated 12.09.2023, the recruitment will proceed with 168 posts out of 224 advertised posts i.e. 75% by way of direct recruitment.
The detailed position of the revised vacancy of 168 posts is indicated as under.

| Sl. No. | Name of the Discipline | No. of Posts | Category wise break up of Posts | | | | No.of Posts reserved for PWD | | No.of Posts reserved for Ex-Service men | No.of Posts reserved for Sports Persons |
|---|---|---|---|---|---|---|---|---|---|---|
| | | | ST | SC | SEBC | UR | Cat-II (Hard of Hearing with suitable aid) | Cat-III | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | Civil Engineering | 34 | 7 (2-w) | 7 (2-w) | 4 (1-w) | 16 (6-w) | 1 | 1 | 1 | - |
| 2 | Electrical Engineering | 32 | 9 (3-w) | 4 (1-w) | 3 (1-w) | 16 (5-w) | 1 | 1 | 1 | - |
| 3 | Mechanical Engineering | 40 | 12 (4-w) | 7 (2-w) | 4 (1-w) | 17 (6-w) | 1 | 1 | 1 | 1 |
| 4 | Electronics & Tele communication Engineering | 18 | 7 (2-w) | 4 (1-w) | 1 | 6 (2-w) | - | - | 1 | - |
| 5 | Computer Science & Engineering | 7 | 2 (1-w) | 3 (1-w) | 0 | 2 (1-w) | - | - | - | - |
| 6 | Mathematics | 8 | 4 (1-w) | 2 (1-w) | 0 | 2 (1-w) | - | - | - | - |
| 7 | Physics | 10 | 2 (1-w) | 2 (1-w) | 1 | 5 (2-w) | | - | - | - |
| 8 | Chemistry | 8 | 2 (1-w) | 2 (1-w) | 2 (1-w) | 2 (1-w) | - | - | - | - |
| 9 | Automobile Engineering | 2 | 0 | 1 | 0 | 1 | - | - | - | - |
| 10 | Chemical Engineering | 1 | 0 | 0 | 1 | 0 | - | - | - | - |
| 11 | Metallurgy | 4 | 1 | 1 | 0 | 2 (1-w) | - | - | - | - |
| 12 | Mining Engineering | 2 | 1 | 0 | 0 | 1 | - | - | - | - |
| 13 | Geology | 2 | 0 | 0 | 0 | 2 (1-w) | - | - | - | - |
| | Total | 168 (55-w) | 47 (15-w) | 33 (10-w) | 16 (4-w) | 72 (26-w) | 6 (Category II-3 (Category III-3 | | 4 | 1 |

The Advt.No. 01 of 2023-24 is modified to the above extent only and all other terms and conditions of the advertisement remain unchanged.
2. The Notice which was issued earlier vide Notice No.7686/PSC, dated 07.10.2023 stands **withdrawn.**
The concerned candidates are advised to visit the website of the Commission at www.opsc.gov.in. for further information.
OIPR-12002/11/0120/2324 Sd./- Secretary

**ODISHA PUBLIC SERVICE COMMISSION CUTTACK**
**NOTICE**
**No.9095/ P.S.C., Dt.12.12.23**

**No.D-177:**It is for information of all 25 provisionally qualified candidates of Assistant Director of Factories and Boiler that, the Document verification & Personality Test for the Assistant Director of Factories and Boiler, pursuant to Advt. No.18 of 2022-23 will be held on 21.12.2023 & 22.12.2023 in the Office of Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of reporting by the Candidates | Time of Document verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 100020, 100040, 100042, 100051, 100067, 100069, 100071, 100078, 100090 = **09 Candidates** | 21.12.2023 | 08.30 A.M. | 9.00 A.M. | 10.45 A.M. |
| | 100125, 100127,100128, 100131, 100155, 100159, 100169 = **07 Candidates** | | 12.30 P.M. | 01.00 P.M. | 2.45 P.M. |
| | 100198, 100218,100221, 100250, 100255, 100268, 100275, 100278, 100281 = **09 Candidates** | 22.12.2023 | 08.30 A.M. | 9.00 A.M. | 10.45 A.M. |

The Candidates are required to produce following original documents along with self-attested photocopies of all certificates/documents at the time of document verification failing which their candidature will be rejected.
1. **Hard copy** of online application form duly signed in.
2. **Attestation Form, Bio-data Form**. (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+2 examination certificate** issued by the concerned Board/ Council.
5. **Bachelor's Degree certificate in Mechanical Engineering** issued by the concerned University. If any candidate claims to possess qualification, equivalent to the prescribed qualification, the rule/ authority (with number & date) under which it is so treated must be furnished.
6. Authentic Certificate showing **Practical Experience of at least 02 years** in an authorised workshop or manufacturing concern of good standing or in design, construction, operation, or maintenance of boilers, after completion of Degree in Mechanical Engineering
7. **Odia Pass Certificate** up to M.E. School standard.
8. **Caste Certificate by Birth** in support of claim as SC/ST/SEBC issued by the competent authority within the closing date of online application.
9. **Discharge Certificate** issued by the Commanding Officer of the Unit last served in case of Ex-Servicemen candidates.
(ii) The Ex-Servicemen candidates are required to furnish an Affidavit in original indicating that- "I have not got any appointment as an Ex-Servicemen against Civil Post against the Quota available for the said category".
10. **Three recent passport size photographs**, which has been uploaded with online application form.
11. **No objection Certificate** (in case of in-service candidates), wherever applicable.
12. **Any document in support of Identity**. (Aadhaar/ DL/ Pan Card/Voter ID card).

OIPR-12002/11/0119/2324 Sd./- Secretary

**OFFICE OF THE PRINCIPAL**
**UTKAL SANGEET MAHAVIDYALAYA, BHUBANESWAR**
Lokaseva Bhawan Marg, Unit-IV, Bhubaneswar-751001
Phone No. 0674-2503956, E-mail: principalusm@gmail.com, Website: www.usmbbsr.in
No.2987/USM., Dated. 12/12/2023
**TENDER CALL NOTICE**

**No.RR-60:**Sealed Tenders are invited under two bid systems from the experienced Firms/Agencies having successful track record on Event Management Services for organization of Annual Festival of Utkal Sangeet Mahavidyalaya, Bhubaneswar i.e. "JAYADEV SAMAROH-2024" from 22/01/2024 to 25/01/2024 at Utkal Mandap, Bhubaneswar. The Tender paper can be downloaded from the website of Mahavidyalaya i.e. www.usmbbsr.in . The schedule for detailed activities is given below.

| Activity | Apply date for submission of tender | Last Date for submission of Tender | Mode of submission | Pre-Bid Meeting | Date & Time for opening of Technical Bid & Presentation | Date & Time for Opening of Financial Bid |
|---|---|---|---|---|---|---|
| Event Management Services | 14.12.2023 | 03.01.2024 upto 5.00 P.M. | Registered Post/ Directly drop in the Tender Box of this Office | 18.12.2023 at 12 Noon | 05.01.2024 at 11.30 AM at Principal Chamber | 05.01.2024 at 03.30 PM (Tentative) |

The undersigned has reserves the right to accept/reject any or all the tenders without assigning any reason thereof.
Sd./- Principal, Utkal Sangeet Mahavidyalaya, Bhubaneswar
OIPR-03011/11/0006/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମୂହିକ ଉଦ୍ୟମ ଲୋଡ଼ା

## ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ

**ବି**ଶ୍ୱର ବଢୁଥିବା ଉଷ୍ଣତା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଶକ୍ତି ଉତ୍ସ ସଞ୍ଚୟ ଦିଗରେ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ। ଦୈନନ୍ଦିନ ଜୀବନରେ ଶକ୍ତି ବ୍ୟବହାର, ସଂରକ୍ଷଣ, ଅଭାବ ଓ ବିଶ୍ୱର ଇକୋସିଷ୍ଟମର ସ୍ଥାୟିତ୍ୱ ଉପରେ ଏହାର ପ୍ରଭାବକୁ ଦର୍ଶାଇବା ପାଇଁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯିବାର ମୁଖ୍ୟ ଲକ୍ଷ୍ୟ। ଶକ୍ତି ଉପରେ ମାନବଜାତିର ଭବିଷ୍ୟତ ସାମ୍ନା କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ଶକ୍ତି ବ୍ୟବହାରକୁ ପ୍ରାୟତଃ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ବିବେଚନା କରାଯାଏ। ବିଶ୍ୱର ବିଭିନ୍ନ ଦେଶର ଅଗ୍ରଗତି ସହିତ ଶକ୍ତି ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ବ୍ୟବହାର ଅନୁପାତରେ ବର୍ତ୍ତମାନର ଗଚ୍ଛିତ ଥିବା ତୈଳ ପ୍ରାୟ ୪୫ ବର୍ଷ, ଗ୍ୟାସ ପ୍ରାୟ ୬୫ ବର୍ଷ, କୋଇଲା ପ୍ରାୟ ୨୦୦ ବର୍ଷ ପରେ ଶେଷ ହୋଇଯିବ ବୋଲି ଆକଳନ କରାଯାଇଛି। ତେଣୁ ସବୁଜ ବିକଳ୍ପ ଶକ୍ତି ଉତ୍ସ ବ୍ୟବହାର କରିବା ଅପରିହାର୍ଯ୍ୟ ହୋଇ ପଡିଛି। ଯାହା ଦ୍ୱାରା ବିଶ୍ୱତାପନ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ ପାଇ ପାରିବ। ଶକ୍ତି ବ୍ୟବହାର ହେଉଛି ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରାର ଏକ ପ୍ରମୁଖ କାରଣ। ଯାହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଭାରତରେ ଶକ୍ତି ସଂରକ୍ଷଣ ଆଇନ, ୨୦୦୧ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଶକ୍ତି ଦକ୍ଷତା ବ୍ୟୁରୋ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ଯାହା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରେ ଏବଂ ଶକ୍ତି ବ୍ୟବହାରକୁ ହ୍ରାସ କରିବା ପାଇଁ ନୀତି ତଥା ରଣନୀତିର ବିକାଶରେ ସାହାଯ୍ୟ କରେ।



## ଭିକ୍କିଙ୍କ ସହ ରୋମାନ୍ସ କରିବେ ତ୍ରିପ୍ତି




ମୁମ୍ବାଇ

ଅଭିନେତା ରଣବୀର କପୁରଙ୍କ ଫିଲ୍ମ 'ଆନିମଲ' ରିଲିଜ୍ ପରେ ଏବେ ବକ୍ସ ଅଫିସରେ ଧମାଲ କରୁଛି। ରଣବୀରଙ୍କ ସହ ମୁଭିରେ ମୁଖ୍ୟ ଚରିତ୍ରରେ ନଜର ଆସିଥିବା ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ବ୍ୟତୀତ ଅଭିନେତ୍ରୀ ତ୍ରିପ୍ତି ଡିମ୍ରି ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ସେ ଫିଲ୍ମରେ କିଛି ସମୟ ପାଇଁ ଥିଲେ ମଧ୍ୟ ଦର୍ଶକଙ୍କ ମନକୁ ଜିଣି ପାରିଛନ୍ତି। ଚଳଚ୍ଚିତ୍ରର କିଛି ସିନ୍ ପାଇଁ ରାତାରାତି ଷ୍ଟାର ପାଲଟିଥିବା ତ୍ରିପ୍ତିଙ୍କୁ ଏବେ ଆଉ ଏକ ପ୍ରୋଜେକ୍ଟ ମିଳିଛି। ସେ ଅଭିନେତା ଭିକ୍କି କୌଶଲଙ୍କ ସହ ଆଗାମୀ ଫିଲ୍ମରେ ନଜରକୁ ଆସିବାକୁ ଯାଉଛନ୍ତି। ଭିକ୍କିଙ୍କ ସହିତ ତାଙ୍କର କିଛି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଆନନ୍ଦ ତିୱାରୀଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରେ ଦୁହେଁ ଏକାଠି ନଜରକୁ ଆସିବେ ବୋଲି ଜଣାପଡ଼ିଛି। ତେବେ ଗତ ବର୍ଷ କ୍ରୋସିଆରେ ଶୁଟ୍ କରାଯାଇଥିବା ଫିଲ୍ମର ଏକ ଗୀତର କିଛି ଫଟୋ ଏବେ ଭାଇରାଲ ହେଉଛି। ତ୍ରିପ୍ତି 'ଆନିମଲ'ରେ ଜୋୟା ଚରିତ୍ରରେ ନଜରକୁ ଆସିଥିଲେ। ଆନିମଲ ପାଇଁ ଏବେ ତ୍ରିପ୍ତିଙ୍କ ପାଖକୁ ବଡ଼ ବଡ଼ ଫିଲ୍ମର ଅଫର ଆସୁଥିବା ଜଣାପଡ଼ିଛି। ତ୍ରିପ୍ତି ୨୦୧୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଆଉ କିଛି ଫିଲ୍ମ କରିଥିଲେ ମଧ୍ୟ ବେଶି ଲୋକଲୋଚନକୁ ଆସିପାରି ନ ଥିଲେ। ଏବେ ତାଙ୍କ ପାଖରେ ଆଉ ୨ଟି ମୁଭି ରହିଛି।

## ଗର୍ଭବତୀ ହେବାକୁ ଆସନ୍ତି ବିଦେଶୀ ମହିଳା

ଲେହ

ପ୍ରତ୍ୟେକ ଦମ୍ପତି ଚାହାନ୍ତି ଯେ ତାଙ୍କ ସନ୍ତାନ ସୁସ୍ଥ, ସୁନ୍ଦର ହୋଇଥାନ୍ତୁ। ଏହି କାରଣରୁ କିଛି ଲୋକ ତାଙ୍କ ପିଲାଙ୍କ ରୂପ ରଙ୍ଗ ସୁଧାରିବାକୁ ଏପରି କିଛି କରିଥାନ୍ତି, ଯାହା ଅଜବ ହୋଇଥାଏ। ପ୍ରେଗ୍ନେସି ଟୁରିଜମ୍ ମଧ୍ୟ ଏପରି ଏକ ଅଜବ ଚିନ୍ତାଧାରା। ଭାରତରେ ଏପରି ଏକ ଅଞ୍ଚଳ ରହିଛି, ଯାହା କିଛି ବିଦେଶୀ ମହିଳାଙ୍କ ପାଇଁ ବେଶ୍ ପ୍ରସିଦ୍ଧ। ଏଠାକୁ ଏହି ମହିଳାମାନେ ଗର୍ଭବତୀ ହେବାକୁ ଆସିଥାନ୍ତି। ତେବେ ବର୍ତ୍ତମାନ ସମୟରେ ଏହି ଘଟଣା ଏକ କଳ୍ପନା ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଲଦାଖ ରାଜଧାନୀ ଲେହଠାରୁ ପାଖାପାଖି ୧୬୦ କି.ମି. ଦୂରରେ ବିୟାମା, ଡାହ, ହାନୁ, ଗାରକୋନ, ଦାରଚିକ ଭଳି କିଛି ଗାଁ ରହିଛି। ଯେଉଁଠାରେ ପ୍ରାୟ ୫ ହଜାର ଲୋକ ରୁହନ୍ତି। ଲଦାଖର ଏହି ଅଞ୍ଚଳରେ ବ୍ରୋକ୍‌ପା ନାମକ ସମୁଦାୟ ରହୁଥିଲେ। ବ୍ରୋକ୍‌ପା ସମୁଦାୟ ଲୋକଙ୍କ କହିବା କଥା, ସେମାନେ ଦୁନିଆର ସବୁଠୁ ଶୁଦ୍ଧ ଆର୍ଯ୍ୟ ସମ୍ପ୍ରଦାୟର। ପୂର୍ବରୁ ଇଣ୍ଡୋ-ଇରାନୀ ଅଞ୍ଚଳର ଲୋକଙ୍କୁ ଆର୍ଯ୍ୟ କୁହାଯାଉଥିଲା। ହେଲେ ପରେ ଇଣ୍ଡୋ-ୟୁରୋପିଆନ ଅଞ୍ଚଳର ଲୋକଙ୍କୁ ଆର୍ଯ୍ୟ କୁହାଗଲା। କୁହାଯାଏ କି ଏମାନେ ସିକନ୍ଦରଙ୍କ ସେନାରେ ସୈନିକ ଥିଲେ। ଯେତେବେଳେ ସିକନ୍ଦର ଭାରତ ଆସିଥିଲେ, ସେତେବେଳେ ତାଙ୍କର କିଛି ସୈନିକ ସିନ୍ଧୁ ଘାଟିରେ ରହିଯାଇଥିଲେ। ଲଦାଖର ଅନ୍ୟ ଲୋକଙ୍କଠାରୁ ତାଙ୍କ ଗଢ଼ଣ କିଛି ଅଲଗା ପ୍ରକାରର। ସେମାନେ ଅଧିକ ଉଚ୍ଚ, ଗୋରା ରଙ୍ଗ ହୋଇଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ସେମାନେ ଶୁଦ୍ଧ ଆର୍ଯ୍ୟ ବୋଲି କୌଣସି ପ୍ରମାଣ ହୋଇନି। ତଥାପି ଜର୍ମାନୀ ସମେତ ୟୁରୋପର ଅନ୍ୟ ଦେଶରୁ ମହିଳାମାନେ ଏଠାକୁ ତାଙ୍କ ପିଲାଙ୍କ ରୂପ, ରଙ୍ଗ ପାଇଁ ଗର୍ଭବତୀ ହେବାକୁ ଆସୁଥିଲେ। ଏଥିପାଇଁ ଏହାକୁ ପ୍ରେଗ୍ନେସି ଟୁରିଜମ୍ ନାମ ଦିଆଯାଇଛି।




## ଦ୍ୱିତୀୟ ବୟସ୍କା ମହିଳା ତତ୍‌ସୁମିଙ୍କ ମୃତ୍ୟୁ

ମୁମ୍ବାଇ

ପୃଥିବୀର ଦ୍ୱିତୀୟ ବୟସ୍କା ମହିଳା ଜାପାନର ଫୁସା ତତ୍‌ସୁମିଙ୍କ ୧୧୬ ବର୍ଷ ବୟସରେ କାଶିୱାରା ସହରର ଏକ ନର୍ସିଂହୋମ୍‌ରେ ମଙ୍ଗଳବାର ପରଲୋକ ଘଟିଛି। ସେ ତାଙ୍କ ପସନ୍ଦର ଖାଦ୍ୟ 'ବିନ ପେଷ୍ଟ ଜେଲି' ଖାଇବା ପରେ ଦେହତ୍ୟାଗ କରିଥିଲେ। ବାର୍ଦ୍ଧକ୍ୟ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗତବର୍ଷ ୧୧୯ ବର୍ଷୀୟା କେନ ତାନାକାଙ୍କ ମୃତ୍ୟୁ ପରେ ତତ୍‌ସୁମିଙ୍କୁ ସବୁଠାରୁ ବୟସ୍କା ଭାବେ ମାନ୍ୟତା ମିଳିଥିଲା। ଗତବର୍ଷ ଏପ୍ରିଲରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ତାନାକାଙ୍କୁ ଦୁନିଆର ସବୁଠୁ ବୟସ୍କ ବ୍ୟକ୍ତିର ମାନ୍ୟତା ଦେଇଥିଲା। ତତ୍‌ସୁମିଙ୍କୁ ପୃଥିବୀର ୨୭ତମ ଓ ଜାପାନର ୭ମ ବୟସ୍କା ମହିଳା ଭାବେ ଗଣାଯାଉଛି। ତତ୍‌ସୁମି ୧୯୦୭ ମସିହାରେ ଜନ୍ମ ହୋଇଥିବାବେଳେ ସେ ତାଙ୍କ ୩ ସନ୍ତାନ ଓ ସ୍ୱାମୀଙ୍କ ସହିତ ଓସାକାରେ ରହୁଥିଲେ। ବୃଦ୍ଧାବସ୍ଥା ଯୋଗୁ ସେ ନିକଟରେ ଅଧିକାଂଶ ସମୟ ଧରି ମେଡିକାଲ ଶଯ୍ୟାରେ ସମୟ ବିତାଇଥିଲେ। ରିପୋର୍ଟ ମୁତାବକ, ଆଗରୁ ତତ୍‌ସୁମିଙ୍କ ସେପରି କିଛି ସ୍ୱାସ୍ଥ୍ୟ ସମସ୍ୟା ନ ଥିଲା। ଏଥିସହ ସେ କେବେ ବିଗୁରୁତର ମଧ୍ୟ ହୋଇନାହାନ୍ତି। କିନ୍ତୁ ୭୦ ବର୍ଷ ବୟସରେ ସେ ପଡ଼ିଯାଇଥିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତାଙ୍କୁ ଗଛ ଲଗାଇବା ସହ ଜାପାନିଜ୍ ଚା' ଉତ୍ସବ ଏବଂ ଫୁଲ ଗୁନ୍ଥିବା ବହୁତ ପସନ୍ଦ ଥିଲା। ୧୦୬ ବର୍ଷ ବୟସରେ ମଧ୍ୟ ସେ ମେଡିକାଲରେ ଥିବାବେଳେ ତାଙ୍କର ସେହି ଅଭ୍ୟାସ ଜାରି ରଖିଥିଲେ। ତତ୍‌ସୁମିଙ୍କ ବଡ଼ ପୁଅ ୭୬ ବର୍ଷୀୟ କାଞ୍ଜି କହିଛନ୍ତି, ତାଙ୍କ ମା' ଏହି ବୟସ ପର୍ଯ୍ୟନ୍ତ ବଞ୍ଚିକରି ଭଲ କରିଛନ୍ତି। ଓସାକା ରାଜ୍ୟପାଳ ହିରୋଫୁମି ୟୋସିମୁରା ତତ୍‌ସୁମିଙ୍କ ମୃତ୍ୟୁରେ ସୋସିଆଲ ମିଡିଆ 'ଏକ୍ସ'ରେ ସମବେଦନା ଜଣାଇଛନ୍ତି। ଚଳିତବର୍ଷ ସେପ୍ଟେମ୍ବରରେ ତତ୍‌ସୁମିଙ୍କ ଦୀର୍ଘାୟୁ ପାଳନ ଅବସରରେ ଆୟୋଜିତ ଏକ ପାର୍ଟିରେ ସେ ସୁସ୍ଥ ଥିବା ୟୋସିମୁରା ମନେ ପକାଇଥିଲେ।




# Classified Everyday
0674-2580101, 2549949



REAL ESTATE

**SALE**

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **8249310759.** D-75282

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919


FOR RENT

Commercial Space at District Centre Chandrasekharpur, Bhubaneswar 1720 Sqft, Ground Floor, Suitable for Bank/Corporate/Reputed Company. Contact- 6370861890. D-2004


Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**Full Body massage by experience therapist @999 only- 9078484455 (Bhubaneswar).** D-1928

Relax, refresh your body, mind by expert therapist. Contact- 8338800330. D-75175

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999

**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177


**BUSINESS**

କାର ଓ୍ୱାସିଂ ସର୍ଭିସ୍, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

**LOST**

Sale Deed & ROR Lost
It is hereby inform that Original Sales deed bearing No. 1095 dt.23.04.2001, Kahata No. 299, Plot No.11, executed by Bichitrananda Kanoongo in favour of Bairibandhu Behera & OLR Case No.1168/2009 has been lost by me on dt.05.12.2023 at 2.30 P.M. on the way while coming Badambadi Bus Stop at Badambadi to my house Plot No.B/1555, Sec.-6, Markatnagar, CDA, Bidanasi, Cuttack-753014, if found I request to handover me and not to missuse. Pawan Kumar Agarwal, Mob.: 9437010933. D-2013

**୧୪ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ ନନ୍ଦ**
ବଲାଙ୍ଗୀର, ପାଟଣାଗଡ଼, ଜୁରିଆ
ଆଜି ତୋର ଜନ୍ମଦିନରେ ଆମ୍ଭେ ପ୍ରଭୁ ଦେବଦେବ ମହାଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଳାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଶୁଭେଚ୍ଛା ସହ: ମା, ବଡ଼ବାପା, ବଡ଼ମା, ସାଥୀ, ବାପା, ବଡ଼ମାମୁ, ସାନମାମୁ, ବଡ଼ଅପା, ସାନଅପା, ରୀନା, ଟିନା, ମୁନା, ଲୁନା, ମୁକେଶ, ଶକ୍ତି ଓ ଶ୍ରୁତି।
ଧ-୧୯୯୫

**AFFIDAVIT**

ନାମ ପରିବର୍ତ୍ତନ- ମୁଁ ମଙ୍ଗରାଜ ଦାସ, ଗ୍ରାମ- ଖୋସାଲପୁର, ପୋଷ୍ଟ- ପୋରଗଦେଇ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁରର ଅଧିବାସୀ ଅଟେ। ମୁଁ ମଙ୍ଗୁଳି ଦାସ ନାମରେ ପରିଚିତ ଥିଲି, କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ମୋର ନାମ ପରିବର୍ତ୍ତନ କରାଯାଇ ମଙ୍ଗରାଜ ଦାସ ନାମରେ ନାମିତ କରାଗଲା। ଧ-୨୦୧୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା**
**ନାମଲେଖା ଚାଲୁଅଛି !**
**ଶିକ୍ଷାବର୍ଷ: ୨୦୨୩-୨୪**
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
**ANM**
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକ**



**୰ଉଷାକିରଣ ମହାନ୍ତି**
ଆବିର୍ଭାବ- ୧୦।୮।୧୯୪୪
ତିରୋଧାନ- ୧।୧୨।୨୦୧୬
(ମାର୍ଗଶିର ମାସ ଶୁକ୍ଳପକ୍ଷ ମାଣବସା ଗୁରୁବାର)
ମାଉସୀମା' ଛକ, ଭୁବନେଶ୍ୱର
ଆମର ପ୍ରିୟ ବୋଉ, ତୋର ଅନାବିଳ ସ୍ନେହ, ଆଦର ଆମମାନଙ୍କର ସର୍ବଦା ମନେପଡୁଅଛି। ଏ ଘର, ତୋ ଠାକୁରଘର ତୋତେ ଖୋଜୁଛି। ତୋର ପ୍ରତିଟି ସ୍ମୃତି ଆମ ଜୀବନକୁ କୁସୁମିତ କରୁ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
ତୋର ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଝିଅ-ଜ୍ୱାଇଁ ଓ ନାତୁଣୀମାନେ।
ଧ-୨୦୧୧


**ଦଶାହ ଉପଲକ୍ଷେ**



**୰ ହିରନ୍ମୟୀ ଛାଟୋଇ**
ଦେବୀନଗର, ୧ମ ଲେନ୍, ଛତ୍ରପୁର
ଆବିର୍ଭାବ- ୨୫।୦୪।୧୯୫୧
ତିରୋଧାନ- ୦୫।୧୨।୨୦୨୩
ମା, ଚାହୁଁ ଚାହୁଁ ୧୦ ଦିନ ବିତିଗଲାଣି, ହେଲେ ତୁମର ପାର୍ଥିବ ଦେହ ପୁରୀ ସ୍ୱର୍ଗଦ୍ୱାର ମହୋଦଧିର ନୀଳ ଜଳରାଶିରେ ମିଶି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେହରେ ମିଶିଗଲାଣି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଜ୍ଞାନରଞ୍ଜନ (ବଡ଼), କୀର୍ତ୍ତିରଞ୍ଜନ (ସାନ), ବୋହୂ- ସବିତାରାଣୀ (ବଡ଼), ସବିତା (ସାନ), ନାତୁଣୀ- ସୁଜ୍ଞାନୀ ଓ ନାତି- ବାବୁ ଓ ଆତ୍ମୀୟସ୍ୱଜନ।
ଧ-୨୦୧୦

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମେଣ୍ଢାର ମୂଲ୍ୟ ୫୦ ଲକ୍ଷ



ଜୟପୁର

ସାଧାରଣତଃ ଏକ ମେଣ୍ଢାର ମୂଲ୍ୟ ୧୦ରୁ ୨୦ ହଜାର ଟଙ୍କା ହୋଇଥାଏ। ରାଜସ୍ଥାନର ଗ୍ରାମାଞ୍ଚଳର ଅଧିକାଂଶ ଲୋକ ମେଣ୍ଢା ଓ ଛେଳି ପାଳନ କରି ରୋଜଗାର କରିଥାନ୍ତି। ମେଣ୍ଢାପାଳକ ପଶମ ଏବଂ କ୍ଷୀରରୁ ଭଲ ରୋଜଗାର କରନ୍ତି। ହେଲେ ନିକଟରେ ଏପରି ଏକ ମେଣ୍ଢା ଜନ୍ମ ହୋଇଛି, ଯାହାର ମୂଲ୍ୟ ଦାମୀ ଗାଡ଼ିଠାରୁ ବି ଅଧିକ। ଏହି ମେଣ୍ଢା ଉପରେ ଈଶ୍ୱରଙ୍କ ନାମ ଲେଖାହୋଇଛି। ଏହାକୁ କାଜୁ ବାଦାମ, କଦଳୀ ଏବଂ ସେଓ ଖାଇବାକୁ ଦିଆଯାଏ। ରାଜସ୍ଥାନ ସିକର ଜିଲାର ନେଚୱା ତହସିଲର କଲୱା ଗାଁର ମେଣ୍ଢାପାଳକ ଭବାନୀ ସିଂ କହିଛନ୍ତି, ଏହା ଏକ ବିଶେଷ ପ୍ରକାରର ମେଣ୍ଢା। ଯାହାର ଦାମ ୫୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଭବାନୀ ଗାଁର ଉତ୍ତର ଭାଗରେ ମେଣ୍ଢା ପାଳନ କରନ୍ତି। ତାଙ୍କ ଘରେ ଏକ ଅନନ୍ୟ ମେଣ୍ଢା ଜନ୍ମ ହୋଇଛି। ଯାହାର ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ବୋଲି କୁହାଯାଉଛି। ଏହା ହେଉଛି ଏକ ବିଶେଷ ପ୍ରକାରର ଗୁଜରାଟୀ ପ୍ରଜାତିର ମେଣ୍ଢା। ଯାହାର ଓଜନ ଏବଂ ଗଠନ ସ୍ଥାନୀୟ ମେଣ୍ଢାଠାରୁ ବହୁତ ଅଧିକ। ମେଣ୍ଢା ପାଟିର ଉଭୟ ପାର୍ଶ୍ୱରେ ଆଲ୍ଲା ଶବ୍ଦ ଲେଖାହୋଇଛି। ଏହାର ଗୋଟିଏ ପଟେ ସ୍ପଷ୍ଟ ଜଣାପଡୁଛି ଯେ, ଆଲ୍ଲା ଉର୍ଦ୍ଦୁ ଭାଷାରେ ଲେଖା ହୋଇଥିବାବେଳେ ଅନ୍ୟ ପଟେ ଏକ ଚନ୍ଦ୍ର ଥିବା ଦେଖିବାକୁ ମିଳିଛି। ମୁସଲମାନଙ୍କ ପାଇଁ ଚନ୍ଦ୍ରର ଚିହ୍ନ ଶୁଭ ବୋଲି ବିବେଚନା କରାଯାଏ। ଯଦି ସେହି ମେଣ୍ଢାକୁ ତାଙ୍କଠାରୁ କେହି ୫୦ ଲକ୍ଷରୁ ଅଧିକ ମୂଲ୍ୟରେ ବି କିଣନ୍ତି, ତେବେ ମଧ୍ୟ ସେ ସେହି ମେଣ୍ଢାକୁ ବିକ୍ରି କରିବେନି।

# ବାରିପଦା ଖୋଜୁଛି ନୂଆ ମୁହଁ

ବାରିପଦା,୧୩।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନିକଟରେ ଶେଷ ହୋଇଥିବା ୪ ରାଜ୍ୟ ବିଧାନସଭା ନିର୍ବାଚନ ପରେ ଯେଉଁଭଳି ଭାଜପା ଓ କଂଗ୍ରେସ ନୂଆ ତଥା ଯୁବନେତାଙ୍କୁ ସୁଯୋଗ ଦେଇ ଜାତୀୟ ରାଜନୀତିରେ ନୂତନ ପ୍ରୟୋଗ କରିଛନ୍ତି, ଅନୁରୂପ ପ୍ରତିଫଳନ ଓଡ଼ିଶା ରାଜନୀତିରେ ମଧ୍ୟ ଦୃଶ୍ୟମାନ ହେଲାଣି। ଏହି କ୍ରମରେ ମୟୂରଭଞ୍ଜ ଜିଲାକୁ ଦେଖିଲେ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ନିର୍ବାଚନ ପୂର୍ବରୁ ନୂଆ ମୁହଁ ଖୋଜୁଥିବା ମନେହେଉଛି। ସମ୍ଭବତଃ ଅନ୍ୟ ରାଜ୍ୟଗୁଡ଼ିକର ପରିବର୍ତ୍ତିତ ରାଜନୀତିର ପ୍ରଭାବ ଓଡ଼ିଶାକୁ ଛୁଇଁଲାଣି।

ରାଜଧାନୀ ଛାଡ଼ି ନେତାମାନେ ଗାଁରେ ଡେରା ପକାଇଲେଣି। ଆଶାୟୀ ପ୍ରାର୍ଥୀ ଓ ଦଳୀୟ କର୍ମକର୍ତ୍ତାମାନେ ଗାଁ ଗଣ୍ଡାରେ ବୁଲି ସଂଗଠନ ସଜାଡ଼ିବାରେ ଲାଗିଛନ୍ତି। କର୍ମୀ ସମ୍ମିଳନୀ ହେଉଛି, ସଭାସମିତି ଚାଲିଛି। ଜିଲାରେ ଅପେକ୍ଷାକୃତ ସୁଦୃଢ଼ ସ୍ଥିତିରେ ଥିବା ବିଜେଡିର ନେତାମାନେ ବିଜୟ ସମ୍ଭାବନାକୁ ନେଇ ଆଶାବାଦୀ ଥିବା ବେଳେ ଭାଜପା, କଂଗ୍ରେସ ଓ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍)ର କର୍ମକର୍ତ୍ତା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉପାୟ ଖୋଜୁଛନ୍ତି। ଏଭଳି ସ୍ଥିତିରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଭିତରେ ପ୍ରାର୍ଥୀ ହେବା ପାଇଁ ଆଶାୟୀଙ୍କ ଭିଡ଼ କାହିଁରେ କେତେ।

ଜିଲାର ୯ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବାରିପଦା ଅନ୍ୟତମ। ୨୦୦୯ ଓ ୨୦୧୪ ନିର୍ବାଚନରେ ଏହା ବିଜେଡି ଦଖଲରେ ଥିବା ବେଳେ ଏବେ ଭାଜପା ଖାତାରେ। ୨୦୧୯ ନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରକାଶ ସୋରେନ ୧୯,୪୧୧ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜେଡିର ସରୋଜିନୀ ହେମ୍ବ୍ରମଙ୍କୁ ପରାଜିତ କରିଥିଲେ। ଏପରି କି ଏମ୍ପି ଆସନ ସମେତ ୯ ବିଧାନସଭା

### ବାରିପଦା ନିର୍ବାଚନମଣ୍ଡଳୀ

କ୍ଷେତ୍ର ମଧ୍ୟରୁ ୬ଟି ଆସନ ଭାଜପା ଅକ୍ତିଆର କରିଥିଲା। ତେବେ ବିଜେଡି ବାଜି ପଲଟାଇବା ସକାଶେ ଘର ସଜାଡ଼ିଥିଲା।

ପୂର୍ବ ପରାଜୟରୁ ଶିକ୍ଷାଲାଭ କରି ସାଂଗଠନିକ ସ୍ଥିତିକୁ ମଜଭୁତ କରିଥିଲା ଓ ନୂଆ ରଣନୀତି ନେଇ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିପୁଳ ସଫଳତା ହାସଲ କରିଥିଲା। ଅତ୍ୟଧିକ ଆତ୍ମବିଶ୍ୱାସ ଯୋଗୁ ଭାଜପାର କୌଣସି ପ୍ରାର୍ଥୀ ଜିଲା ପରିଷଦ ଆସନରେ ଜିତିପାରି ନ ଥିବା ବେଳେ ଜେଏମ୍ଏମ୍ ଦୁଇଟି ଆସନରେ ସୀମିତ ରହିଯାଇଥିଲା। ପଞ୍ଚାୟତ ସଫଳତା ପରେ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି। ବାରିପଦା ବିଧାନସଭା କ୍ଷେତ୍ର ମଧ୍ୟରେ ବିଜେଡିର ସରୋଜିନୀ ହେମ୍ବ୍ରମ ନିଜ ତଥା ଦଳର ସାଙ୍ଗଠନିକ ଦକ୍ଷତାକୁ ବଢ଼ାଇ ଚାଲିଥିବା ବେଳେ ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି ମଧ୍ୟ ପଛରେ ପଡ଼ିନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ମହିଳା ସଂରକ୍ଷଣ ବ୍ୟବସ୍ଥା ଅନୁସାରେ ମୟୂରଭଞ୍ଜର ୩ ବିଧାନସଭା କ୍ଷେତ୍ର ମହିଳାଙ୍କ ପାଇଁ ରିଜର୍ଭ ରହିବ ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ୩ ଟାଣୁଆ ନେତ୍ରୀଙ୍କ ମଧ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ପୂର୍ବତନ ଏମ୍ପି ସରୋଜିନୀ ହେମ୍ବ୍ରମ ରହିଛନ୍ତି। ଅନ୍ୟ ଗୋଟିଏ ସ୍ଥାନର ପ୍ରାର୍ଥିନୀ ମିଶନ ଶକ୍ତିରୁ ଚୟନ କରାଯାଇପାରେ ବୋଲି ଦଳୀୟ କର୍ମକର୍ତ୍ତାଙ୍କ ଆଲୋଚନାରୁ ଜଣାପଡ଼ିଛି।

ବାରିପଦା ନିର୍ବାଚନମଣ୍ଡଳୀରେ ଆଦିବାସୀ ଛାତ୍ର ନେତା ରାକେଶ ସିଂ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସରୁ ଟିକେଟ ନେବାକୁ ଆଶାୟୀ ରହି ସଙ୍ଗଠନ ସଜାଡ଼ିବାରେ ଲାଗିଛନ୍ତି। ବିଜେଡିରେ ବିଶୃଙ୍ଖଳା ଦେଖାଦେଲେ ନୂଆ ମୁହଁଙ୍କୁ ଟିକେଟ ଦିଆଯାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏପରି ସ୍ଥଳେ ଭାଜପାର ସଙ୍ଗଠନ ଦୁର୍ବଳ ରହିଥିବାରୁ ମତଦାତାମାନେ ନୂଆ ମୁହଁ ଖୋଜୁଛନ୍ତି। ଏପରିକି କଂଗ୍ରେସ କର୍ମକର୍ତ୍ତାମାନେ ସାଙ୍ଗଠନିକ ଦୃଷ୍ଟିକୋଣରୁ ଦଳ ପ୍ରତି ଆକୃଷ୍ଟ ନ ହୋଇ ବିଜେଡି ଓ ଭାଜପା ପ୍ରତି ମନ ବଳାଉଛନ୍ତି। ଅନ୍ୟପକ୍ଷରେ ଜେଏମ୍ଏମ୍ର ରାଜ୍ୟ ସଭାପତି ଅଞ୍ଜନୀ ସୋରେନ ଜିଲାରେ ସଙ୍ଗଠନକୁ ମଜଭୁତ କରିବାରେ ଲାଗିଛନ୍ତି। ରାଲି ଓ ବିକ୍ଷୋଭ ସମାବେଶ ମାଧ୍ୟମରେ ଆଦିବାସୀଙ୍କ ଦାବିକୁ ଉପସ୍ଥାପନ କରୁଛନ୍ତି। ମୋଟାମୋଟି ଦେଖିଲେ ସବୁଦଳର କର୍ମୀ ମହଲରେ ନୂଆଙ୍କ ପ୍ରତି ଆକର୍ଷଣ ବଢ଼ୁଛି। ଦଳଗୁଡ଼ିକ ଏ କଥାକୁ ବୁଝି ପ୍ରାର୍ଥୀ ଦେଲେ ମୟୂରଭଞ୍ଜ ରାଜନୀତି ଏକ ନୂଆ ଧାରାରେ ଆଗେଇପାରେ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଲେଣି।

# ମୋଦିଙ୍କ ଗସ୍ତକୁ ଅପେକ୍ଷା



ସମ୍ବଲପୁର,୧୩।୧୨ (ଭବାନୀ ଶଙ୍କର ଭୋଇ)

ଛତିଶଗଡ଼ରେ ବିପୁଳ ବିଜୟ ପରେ ପଶ୍ଚିମ ଓଡ଼ିଶାର ଭାଜପା ନେତା ଓ କର୍ମୀ ଉତ୍ସାହିତ ହୋଇପଡ଼ିଛନ୍ତି। କାରଣ ଏହି ବିଜୟର ପ୍ରଭାବ ଛତିଶଗଡ଼ ସୀମାକୁ ଲାଗିଥିବା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପଡ଼ିବ ବୋଲି ଭାଜପା ନେତାମାନେ ଆଶା ବାନ୍ଧିଛନ୍ତି। ରାଜ୍ୟରେ କଂଗ୍ରେସକୁ ହଟାଇ ମୁଖ୍ୟ ବିରୋଧୀ ଦଳ ଆସନରେ ବସିଥିବା ଭାଜପା ଆଗାମୀ ନିର୍ବାଚନରେ ସରକାର ଗଠନ ପାଇଁ ଜୋରଦାର ଉଦ୍ୟମ କରିବ ବୋଲି ଚର୍ଚ୍ଚା ଚାଲିଛି ।

ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ପାଇଁ ମୂଳଦୁଆ ପକାଇବେ ବୋଲି ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ଚାଲିଛି । ସମ୍ବଲପୁର ଆଇଆଇଏମ୍ର ନବ ନିର୍ମିତ କ୍ୟାମ୍ପସ ଲୋକାର୍ପଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆଇଆଇଏମ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ପ୍ରଧାନମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନର ଅନଲାଇନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନୂଆବର୍ଷ ଆରମ୍ଭରେ ଆଇଆଇଏମ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମ ଓଡ଼ିଶା ଗସ୍ତ ସମୟରେ ସରକାରୀ କାର୍ଯ୍ୟକ୍ରମ ସହ ଦଳୀୟ ସମାବେଶର ଆୟୋଜନ ପାଇଁ ଭାଜପା ନେତାମାନେ ଆଶା ରଖିଛନ୍ତି। ତେବେ ଜାନୁୟାରୀରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ଗସ୍ତ ନେଇ ଚର୍ଚ୍ଚା ଚାଲିଥିଲେ ବି ଅଦ୍ୟାବଧି ତାରିଖ ଧାର୍ଯ୍ୟ ହୋଇନାହିଁ। ତେବେ ଉପର ମହଲରୁ ସଂକେତ ମିଳିଲେ ଏଥିପାଇଁ ସ୍ୱତନ୍ତ୍ର ଜନସମାବେଶର ଆୟୋଜନ କରିବୁ ବୋଲି ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାୟକ କହିଛନ୍ତି। ମୋଦିଙ୍କ ଗସ୍ତକୁ ନେଇ ପଶ୍ଚିମ ଓଡ଼ିଶାରେ ଭାଜପା ନେତା ଓ କର୍ମୀ ଉତ୍ସାହିତ ଥିବାବେଳେ ଏହା ସେମାନଙ୍କ ଭିତରେ ନୂତନ ଆଶା ସଞ୍ଚାର କରିବ ବୋଲି କୁହାଯାଉଛି। ଏଥିସହ ଆଗାମୀ ଦିନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ପ୍ରମୁଖ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିବା ଦଳୀୟ କର୍ମକର୍ତ୍ତା କହୁଛନ୍ତି। ଶାହା କେନ୍ଦୁଝରରେ ଗସ୍ତ କରିପାରନ୍ତି ଏବଂ ବିଭିନ୍ନ ଅଞ୍ଚଳ ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବେ ବୋଲି ଦଳୀୟ ନେତାମାନେ ଆଶା ବାନ୍ଧିଛନ୍ତି ।

ଏବେ ଭାଜପା ପାଇଁ ପ୍ରଧାନମନ୍ତ୍ରୀ ମୋଦି ହିଁ ଭରସା । ସେ ସବୁ କାମର ଗ୍ୟାରେଣ୍ଟି ଦେଉଛନ୍ତି। ତେବେ ଆଗାମୀ ଜାନୁଆରୀରୁ ଆରମ୍ଭ ହେବାକୁ ଥିବା ମୋଦିଙ୍କ ପଶ୍ଚିମ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିକାଶର ଗ୍ୟାରେଣ୍ଟି ଦେବେ ବୋଲି ଦଳୀୟ କର୍ମୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ମୋଦିଙ୍କ ଗସ୍ତ ପରେ କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଲୋକେ ଚର୍ଚ୍ଚା କରୁଥିବା ବେଳେ ଭାଜପା ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ଆଶାବାଦୀ ରହିଛି ।

# ମଦ ଆଡ୍ଡା ଚଢ଼ାଉର ୭ ଦିନ ପରେ ସରକାର ଚୁପ୍: ଭାଜପା

**ଭୁବନେଶ୍ୱର, ୧୩।୧୨(ସୁନିତ୍ ମିଶ୍ର):** ଓଡ଼ିଶାରେ ମଦ ମାଫିଆଙ୍କ ଆଡ୍ଡା ଉପରେ ଆୟକର ବିଭାଗ ଦ୍ୱାରା ଚଢ଼ାଉରେ ବିପୁଳ କଳାଟଙ୍କା ଜବତ ଘଟଣାରେ ରାଜ୍ୟ ସରକାର ୭ ଦିନ ପରେ ମଧ୍ୟ ଚୁପ୍ ଅଛନ୍ତି। ଯେଉଁ କମ୍ପାନୀ ଏହି ମଦଭାଟି ସବୁ ଚଲାଉଥିଲା ସେହି କମ୍ପାନୀ ସହ ସରକାରଙ୍କ କି ସମ୍ପର୍କ ଅଛି ତାହା ଜଣାପଡୁନାହିଁ। ୨୦୧୯ରେ ବୌଦ୍ଧ ଡିଷ୍ଟିଲାରିର ମଦ କାରଖାନା ଉଦ୍‌ଘାଟନ ଉତ୍ସବ ବହୁ ଆଡମ୍ବରରେ କରାଯାଇଥିଲା। କେବଳ ସେତିକି ନୁହେଁ, ସେହି ମଦ ମାଫିଆଙ୍କୁ 'ମେକ୍ ଇନ୍ ଓଡ଼ିଶା' ଭଳି ସରକାରୀ କାର୍ଯ୍ୟକ୍ରମରେ ଅଯାଚିତ ସହାୟତା ଦିଆଯାଇଛି। ସରକାର ସାଧାରଣ ଲୋକଙ୍କୁ ପିଇବା ପାଇଁ ପାଣି ଦେଇପାରୁ ନ ଥିବା ବେଳେ ମଦ କାରଖାନାକୁ ମହାନଦୀରୁ ପାଣି କେଉଁ ସ୍ୱାର୍ଥରେ ଦିଆଯାଉଛି ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ସାଧାରଣ ଲୋକଙ୍କ ମନରେ ଏବେ ଏକ ଧାରଣା ତିଆରି ହୋଇଛି ଯେ, ରାଜ୍ୟ ସରକାର ମଦ ମାଫିଆଙ୍କ ସ୍ୱାର୍ଥରେ କାମ କରୁଥିଲେ। ଏଭଳି ଅନେକ ପ୍ରସଙ୍ଗ ଉପରେ ଏବେ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦିଅନ୍ତୁ। ସମ୍ବିଧାନର ୭ମ ଅନୁଚ୍ଛେଦ ଅନୁସାରେ ମଦ ବିକ୍ରି ସମ୍ବନ୍ଧୀୟ ସମସ୍ତ ବିଷୟ ହେଉଛି ରାଜ୍ୟ ସରକାରଙ୍କ ବ୍ୟାପାର । ହେଲେ ସାରା ଦେଶ ଏବେ ଓଡ଼ିଶାର ମଦଭାଟି ଉପରେ ହୋଇଥିବା ଚଢ଼ାଉକୁ ନେଇ ହଲଚଲ ହେଉଥିବା ବେଳେ ସରକାର ଏକ ଅସମ୍ଭବ ନୀରବତା ଅବଲମ୍ବନ କରୁଛନ୍ତି ବୋଲି ଅନିଲ କହିଛନ୍ତି।

# ବେଆଇନ ଟଙ୍କା, ନିଶା କାରବାର ରୋକିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

### ନିର୍ବାଚନ ଆୟୋଗଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ନିର୍ବାଚନ ସମୟରେ ବେଆଇନ ଟଙ୍କା, ମଦ ଓ ନିଶାଦ୍ରବ୍ୟ ଚାଲାଣ ହେବାର ଆଶଙ୍କା ଅଧିକ ରହିଛି। ଏହାକୁ ରୋକିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପନିର୍ବାଚନ କମିଶନର ଧର୍ମେନ୍ଦ୍ର ଶର୍ମା ଓ ନିତେଶ କୁମାର ବ୍ୟାସ ରାଜ୍ୟର ସମସ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ଙ୍କୁ ମୁତୟନ କରି ବେଆଇନ କାରବାରକୁ ରୋକିବାକୁ ପରାମର୍ଶ ଦେଇଛନ୍ତି। ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ଅବାଧ ଓ ମୁକ୍ତଭାବେ ପରିଚାଳନା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜନୈତିକ ଦଳ ଓ ହିତାଧିକାରୀଙ୍କ ମତାମତକୁ ପ୍ରାଧାନ୍ୟ ଦେବା ଉପରେ ଉଭୟ ଗୁରୁତ୍ୱ ଦେଇଛନ୍ତି।

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଉଛି। କମିଶନଙ୍କ ପକ୍ଷରୁ ୨ ବରିଷ୍ଠ ଉପନିର୍ବାଚନ କମିଶନର ସାଧାରଣ ନିର୍ବାଚନ-୨୦୨୪ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଏବଂ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀଙ୍କ ସହ ଗତ ୨ଦିନ ଧରି ଖାରବେଳ ଭବନ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପନିର୍ବାଚନ କମିଶନରମାନଙ୍କୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଓ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଛନ୍ତି । ଜିଲା ନିର୍ବାଚନ ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ଭୋଟର ତାଲିକାର ସଂଶୋଧନ କାର୍ଯ୍ୟ ଓ ନିର୍ବାଚନ ପ୍ରସ୍ତୁତିର ସ୍ଥିତି ସମ୍ପର୍କରେ ପିପିଟି ମାଧ୍ୟମରେ ଦର୍ଶାଇଥିଲେ । ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପନିର୍ବାଚନ କମିଶନର ଦ୍ୱୟ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ତାଲିକାରେ ଯୋଗଦେବା ନିମନ୍ତେ ଫର୍ମ, ତାଲିକାରୁ ବାଦ୍ ଓ ତାଲିକାରୁ ତ୍ରୁଟି ସଂଶୋଧନ ନିମନ୍ତେ ଥିବା ବାକିଆ ଫର୍ମଗୁଡ଼ିକୁ ଯଥାଶୀଘ୍ର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାବ୍ୟତୀତ ନିର୍ବାଚନ ଆୟୋଗଙ୍କ ପ୍ରତିନିଧି ଦଳ ମହିଳା, ଯୁବ, ବରିଷ୍ଠ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗ ଏବଂ ପ୍ରାଚୀନ ଜନଜାତି ଗୋଷ୍ଠୀ(ପିଭିଟିଜି) ଲୋକମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଭୋଟର ତାଲିକାର ଶୁଦ୍ଧତା ଦୃଷ୍ଟିରୁ ସତର୍କତାର ସହ କଷ୍ଟସାଧ୍ୟ କ୍ଷେତ୍ର ପରିଦର୍ଶନ ସହ ଭୋଟର ତାଲିକା ପରୀକ୍ଷା କରି ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ଓ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବାକୁ ପରାମର୍ଶ ଦେଇଛନ୍ତି।

ଏହି ଦୁଇଦିନିଆ ସମୀକ୍ଷା ବୈଠକରେ ଅତିରିକ୍ତ ଡିଜି ପୋଲିସ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୈଳାସ ପାତ୍ର ବିଜେଡି ସାଧାରଣ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର, ୧୩।୧୨(ସୁନିତ୍ ମିଶ୍ର)

ବିଜୁ ଜନତାଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। କୈଳାସଙ୍କୁ ଯେଉଁ ନିଯୁକ୍ତି ଦିଆଯାଇଛି ଏହି ତାଲିକାରେ କିନ୍ତୁ ଆଉ କାହାରି ନାମ ନାହିଁ। କେବଳ ତାଙ୍କୁ ହିଁ ନିଯୁକ୍ତି ମିଳିଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ବିଜ୍ଞପ୍ତି ଜରିଆରେ ଏହି ଚିଠି ପ୍ରକାଶ କରାଯାଇଛି।


OFFICE OF THE
**DEPUTY DIRECTOR OF TEXTILES, SONEPUR**
At: Thanapatipada, P.O.: Sonepur, Dist.: Subarnapur, PIN - 767017
Tele.: 06654-220232, e-mail address: ddtsnp@gmail.com
Letter No. 3447 Dtd.12.12.2023

**QUOTATION CALL NOTICE FOR TECHNOLOGICAL INTERVENTION UNDER P.O.H.I. FOR THE YEAR 2023-24**

No. PP-74: Sealed quotations are invited from the registered suppliers/manufacturers/dealers/firms having valid PAN and GSTIN registration with uptodate Income Tax & GST Clearance Certificate for supply of different Handloom Items like Frame-looms, Pit-loom and Weaving accessories for the weavers of Sonepur Textiles Zone under Technological Intervention components of Promotion of Handloom Industries for the year 2023-24.
Interested suppliers may quote their lowest rate with detailed specification (material to be used/size/specification/brand etc) in the enclosed proforma along with the copy of Registration Certificate, Income Tax Clearance Certificate, GST Registration and proof of execution of such orders earlier (if any), mentioning "Quotation for Technological Intervention" on the top of the sealed envelope along with all documents and send it to the undersigned by 5.00 P.M. of Dt.08.01.2024 through Registered/Speed Post only. The quotation received either in incomplete form or after the due date & time will not be considered and treated as rejected.
For more details, terms & condition etc for supply of the items, please visit the official website of SADHAC, Bhubaneswar: **www.sadhacodisha.org**. Sonepur district administration **www.subarnapur.nic.in** and may contact the Deputy Director of Textiles (I/c), Sonepur in the above listed address, email & phone number.
The undersigned reserves the right to reject or accept any or all the quotations without assigning any reason thereof.
**sd./- Dy. Director of Textiles (I/c), Sonepur**
OIPR-31016/11/0002/2324

Government of Odisha
**OFFICE OF THE PANCHAYAT SAMITI, DEOGAON**
E-mail ID- ori-deogaon@nic.in
No.i-529:-
**PROCUREMENT NOTICE**
**Detail Tender Call Notice No.07/DGN/2023-24**

| | | | |
|---|---|---|---|
| 1 | The BDO, Deogaon PR& DW Deppt., Balangir on behalf of Govt. of Odisha invites unit rate bids in double cover in offline mode for Procurement of Desk Top Computer for Schools & Colleges under as detail in the DTCN for eligible Bidder, Supplier & Manufacturer. | | |
| 2 | Nos. of Desk Top Computer | : | 73 Nos. |
| 3 | Tender paper cost | : | Rs.6000/- (+GST@18%) |
| 4 | Date, time available in web portal | : | At 10.00 A.M. of Dt.14.12.2023 to 5.30 P.M. of Dt.21.12.2023 |
| 5 | Date of opening of tender | : | Dt.22.12.2023 at 11.30 A.M. |
| 6 | Venue | : | Chamber of Block Development Officer, Deogaon |
| 7 | The bidders have to participate in OFF LINE bidding only. Further details can be seen from the website portal (http://www.balangir.nic.in). | | |
| 8 | Any corrigendum / addendum will be displayed inthe above web portal. | | |

**Sd./- Block Development Officer, Deogaon**
OIPR-19253/11/0009/2324

**SURVEY & MAP PUBLICATION**
At; Badajobra, P.O.: College Square, Cuttack - 753003
Ph.: 0671-2547057, Mail: surveymappublication@gmail.com
**QUOTATION CALL NOTICE No. 1743/MP Dated: 12.12.2023**
No. D-178: The seal quotations are invited from the GST Registered Firm for Supply of Xerox Machine from the Manufacturer/Authorised Dealer/ Supplier of India. The details of quotation call will be made available in Odisha Govt. Website: **www.odisha.gov.in** from 13.12.2023 to 27.12.2023 for download and last date & time of submission quotation 28.12.2023 at 3.00 P.M.
**Sd./- Addl. Director**
OIPR-24043/11/0006/2324 **Survey & Map Publication, Odisha, Cuttack**

OFFICE OF THE DEAN & PRINCIPAL
**GOVERNMENT MEDICAL COLLEGE & HOSPITAL, SUNDARGARH, (ODISHA)**
At/P.O.: Sankara, Dist.: Sundargarh, PIN - 770020, Odisha
e-mail: sundargarhmc@gmail.com, Ph. No.: 06622-272088
Letter No. 2377/GMCH/SNG Dated: 11.12.2023
**TENDER CALL NOTICE FOR CHEMICAL, REAGENT, EQUIPMENT, INSTRUMENT & CONSUMABLE (MEDICAL) FOR MEDICAL COLLEGE & HOSPITAL, SUNDARGARH**
No. E-629: Sealed tenders are invited from the registered firms for "Supply of Chemical, reagent, equipment, instruments & consumable (medical)" in two bid system (Technical and Financial) by Registered Post/Speed Post/Courier only so as to reach the Office of Dean & Principal, Government Medical College & Hospital, Sundargarh on or before 5.00 P.M. of 10.01.2024.
The detailed tender papers, terms & conditions are available in the website **sundargarh.nic.in/gmchsng.odisha.gov.in**.
The technical bid will be opened on 11.01.2024 at 11.30 A.M. at Conference Hall of the Dean & Principal. The date of opening of financial bid of the technically qualified bidders will be intimated later on.
The undersigned reserves the right to cancel of the tender in full or part at any time without assigning any reason thereof.
OIPR-10217/11/0005/2324 **Sd./- Dean & Principal, GMCH, Sundargarh**

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar - 751001
Ref. No. OSCB/DIT/5758/2023-24 Date: 12.12.2023
**REQUEST FOR PROPOSAL**
**Corrigendum:** "Extension of last date of submission of proposal for supply of Point-Of-Sale Devices with Printers and other QR Services for merchant establishment" to 27.12.2023, 3.00 P.M.
No. LL-62: All prospective bidders are hereby informed that the Bank has extended the last date of submission of bids. Time and date of opening of Technical Bid: 28.12.2023, 11 A.M. The details can be downloaded from the official website: **www.odishascb.com.**
OIPR-39012/11/0028/2324 **Sd./- Managing Director**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH
E-mail: eerw_deogarh@yahoo.co.in
**CORRIGENDUM NOTICE**
**1ST Corrigendum to TCN No. SERWDGH-Online- 10 of 2023-24 dtd.18.11.2023**
**No.O-1782:**Due to unavoidable circumstance partial modification is hereby made to the e-Procurement Notice invited vide this TCN No.SERWDGH-Online-18 of 2023-24 as follows.
1. Availability of Tender online for bidding was 30.11.2023 10.00 A.M to 06.12.2023 upto 5.00 P.M **Now Availability of Tender on-line for bidding is re-scheduled 15.12.2023,10.00 A.M to 21.12.2023 Upto 5.00 P.M.**
2. Date & Time of opening of tender was 07.12.2023 at 11.00 A.M **Now is on dtd.22.12.2023 at 10.00 A.M.**
Rest of the terms and conditions remain unchanged.
**Sd./- Superintending Engineer**
OIPR-25087/11/0016/2324 **R.W.Division, Deogarh**

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar-751 012
Ph:2394336, 2395338, 2396072 (Hostel) Fax:2391954
Email:sihfwodisha@nic.in & sihfwodisha@gmail.com
**Notice No-SIHFW-COMIN-MISC-0017-2023/5164 Dt.11.12.23**
**NOTICE INVITING TENDER FOR SELECTING AN AGENCY IN RESPECT OF "TABLEAU FOR REPUBLIC DAY, 2024"**
**No.E-628:**Sealed tenders are invited from experience tableau fabricators/designers for designing and fabrication of Tableau on the occasion of celebration of State Level Republic Day, 2024 at Bhubaneswar. The detailed terms & conditions along with its specification of the item to be design and supply are available in the official website of Directorate of SIH&FW, Odisha https://sihfwodisha.nic.in which can be downloaded. Interested firms may submit their tender super-scribing as "Tender for Designing, Fabrication and Display of Tableau for Republic Day Parade, 2024" to the undersigned on or before 03.30 P.M. of 2nd January, 2024.
**Sd./- Director, State Institute of Health & Family Welfare, Odisha**
OIPR-10003/11/0146/2324

**OFFICE OF THE PANCHAYAT SAMITI, KANIHA**
(E-mail- ori-kanhia@nic.in)
Letter No.3481/ Dt.11.12.23
**TENDER CALL NOTICE**
No.i-527:- It is hereby called for sealed tender for selection of service provider for "Facility Management Service" of 'Kaniha Bus Stand'. Interested bidders may apply to the Block Development Officer, Kaniha.
Terms and condition:
1. The tender paper will be available from 14.12.2023 to 26.12.2023 in the District Web Portal www.angul.nic.in on payment of Rs.1,000/- (non-refundable) (in shape of Demand draft only).
2. The last date for submission of tender paper is 26.12.2023 at 4.00 P.M. through Post only.
3. The tender will be opened on 27.12.2023 at 11 A.M. in presence of bidders or their authorised representative in the office of the undersigned.
4. Security deposit in shape of EMD will be Rs.90,000/- which will be deposited soon after by the successful bidder prior to agreement.
5. The authority reserves the right to cancel the tender / agreement at any time.
**Sd./- Block Development Officer, Kaniha**
OIPR-19318/11/0002/2324

**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
No. B-1433 Email: eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SEDKL (R&B), 41/2023-24
**Invitation for Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in double Cover System in ONLINE MODE only, for Construction of Building Works as detailed below. | | |
| 2. | Nature of Work | : | Building Works (2 Nos.) & Road Work (1 No.) |
| 3. | No. of Work | : | 03 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 A.M. of 18.12.2023 to 5.00 P.M. of 02.01.2024 |
| 7. | Date of Opening of Bid | : | Dt.03.01.2024 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
OIPR-34016/11/0033/2324 **Dhenkanal (R&B) Division, Dhenkanal**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH
E-mail: eerw_deogarh@yahoo.co.in
**CORRIGENDUM NOTICE**
**1ST Corrigendum to TCN No. SERWDGH-Online- 11 of 2023-24 dtd.23.11.2023**
**No.O-1783:**Due to unavoidable circumstance partial modification is hereby made to the e-Procurement Notice invited vide this TCN No.SERWDGH-Online-11 of 2023-24 as follows.
1. Availability of Tender online for bidding was 08.12.2023 10.00 A.M to 14.12.2023 upto 5.00 P.M
**Now Availability of Tender on-line for bidding is re-scheduled 15.12.2023,10.00 A.M to 21.12.2023 Upto 5.00 P.M.**
2. Date & Time of opening of tender was 15.12.2023 at 11.00 A.M **Now is on dtd.22.12.2023 at 10.00 A.M.**
Rest of the terms and conditions remain unchanged.
**Sd./- Superintending Engineer**
OIPR-25087/11/0018/2324 **R.W.Division, Deogarh**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
No. 3136 Dt.08.12.2023
**1st Corrigendum to Bid Identification No. Road Online-AGL-30/2023-24**
No. O-1777: Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice. Bid Identification No. Road Online-AGL-30/2023-24 by the Procurement Officer, Chief Construction Engineer, Rural Works Circle, Angul.

| Availability of Tender Online for Bidding | | Date & Time of Opening Technical Bid |
|---|---|---|
| From | To | |
| 1 | 2 | 3 |
| 01.12.2023 at 10.00 A.M. | 15.01.2024 Upto 5.00 P.M. | 16.01.2024 at 11.00 A.M. |

All other terms and conditions remain unchanged.
**Sd./- Chief Construction Engineer**
**Rural Works Circle, Angul**
OIPR-25180/11/0048/2324

GOVERNMENT OF ODISHA
**TALCHER MUNICIPAL COUNCIL, TALCHER**
**e-Procurement Notice**
**Tender Reference No. TCRM-18/2023-24**
**Bid Identification No. 2023_ORULB_98192**
**No. C-2068:** e-mail ID: e.o.talcher@gmail.com
**Tender Notice No. 5360 / Date: 11.12.2023**
1. Number of Works : 1 (One) Number of Civil Works
2. Approximate estiamted cost : Rs.84.98 lakhs
3. Period of Completion : 05 (Five) Calendar Months
4. Date & time of availability of bid document in the portal : Dt.12.12.2023 at 4.00 P.M.
5. Last date/time for receipt of bid in the portal : Dt.22.12.2023 upto 5.00 P.M.
6. Date of Opening Bid : Dt.26.12.2023 at 11.00 A.M.
7. Name and address of the Office Inviting Bid : Executive Officer, Talcher Municipality
8. The bidders have to participate in ONLINE bidding only.
Further details can be seen from the e-procurement portal **https://tendersodisha.gov.in**.
**Sd./- Executive Officer**
OIPR-13077/11/0048/2324 **Talcher Municipality**




କଟକରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର-୧୦୦ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟରେ ବୁଧବାର ଭାରତ ଓ ହଂକଂ ମଧ୍ୟରେ ଅନୁଷ୍ଠିତ ମହିଳା ଡବଲ୍ସ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

# ବୋଲିଂରେ ସୁଧାର ଲକ୍ଷ୍ୟରେ ଭାରତ

**ଜୋହାନ୍ସବର୍ଗ, ୧୩।୧୨ (ପି.ଟି.)**

ଗୁରୁବାର ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ପ୍ରଥମ ଟି୨୦ ମ୍ୟାଚ୍ ବର୍ଷାରେ ଧୋଇଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଥିଲା। ତୃତୀୟ ମ୍ୟାଚ୍ ପାଇଁ ସିରିଜ ବାଜିରେ ରହିଥିବା ବେଳେ ଭାରତ ଏହାର ବୋଲିଂ ଦୁର୍ବଳତା ସୁଧାରିବାକୁ ପ୍ରୟାସ କରିବ। ଜୋହାନ୍ସବର୍ଗରେ ଅନ୍ତିମ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଅର୍ଶଦୀପ ସିଂ ଓ ମୁକେଶ କୁମାର ନିଜ ଫର୍ମ ସୁଧାରିବାକୁ ଚାହିଁବେ। ମଙ୍ଗଳବାର ଖେଳା ଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଓଭର ପିଛା ୧୦ ହାରରେ ରନ୍ ସଂଗ୍ରହ କରିବାକୁ ଥିବାବେଳେ ଭାରତୀୟ ବୋଲରମାନେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଥିଲେ। ଖାସ କରି ଅର୍ଶଦୀପ ଓ ମୁକେଶ କୁମାରଙ୍କ ଇକୋନୋମି ଚିନ୍ତାଜନକ ରହିଥିଲା। ଅର୍ଶଦୀପ ୧୫.୫୦ ଓ ମୁକେଶ ୧୧.୩୩ର ଇକୋନୋମିରେ ବୋଲିଂ କରିଥିଲେ। ଯଦିଓ ପୋର୍ଟ ଏଲିଜାବେଥ୍‌ରେ ବର୍ଷା ଓ କାକର ରନ୍‌ଚେଜ୍‌କୁ ଅତ୍ୟନ୍ତ ସହଜ କରି ଦେଇଥିଲା ତଥାପି ମୁକେଶ ଓ ଅର୍ଶଦୀପଙ୍କ ଲାଇନ୍ ଓ ଲେଙ୍ଥ ଠିକ୍ ରହି ନ ଥିଲା। ବ୍ୟକ୍ତିଗତ କାରଣରୁ ଦୀପକ ଚହର ବାଦ୍ ପଡିବା ଭାରତୀୟ ଦଳର ସମସ୍ୟାକୁ ଦ୍ୱିଗୁଣିତ କରିଛି। ସମାନ ବୋଲିଂ ଲାଇନ୍‌ଅପ୍ ସହିତ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୪-୧ରେ ବିଜୟୀ ହୋଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଏହା ନିଷ୍ପ୍ରଭ ମନେହୋଇଛି। ବେଙ୍ଗାଲୁରୁରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌କୁ ଛାଡିଲେ ଅର୍ଶଦୀପଙ୍କ ବୋଲିଂ ବେଶ୍

**ଆଜି ତୃତୀୟ ଟି୨୦**
**ମ୍ୟାଚ୍: ଜୋହାନ୍ସବର୍ଗ**
**ସମୟ: ରାତି ୮.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଦୁର୍ବଳ ମନେହେଉଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ମୁକେଶଙ୍କ ଇକୋନୋମି ମଧ୍ୟ ୯.୧୨ ରହିଥିଲା।

ଟି୨୦ ବିଶ୍ୱକପ୍ ପୂର୍ବରୁ ମାତ୍ର ୪ଟି ଟି୨୦ ମ୍ୟାଚ୍ ରହିଥିବା ବେଳେ ଭାରତୀୟ ଖେଳାଳି ଏହାର ଫାଇଦା ଉଠାଇ ଦଳରେ ନିଜ ସ୍ଥାନ ମଜଭୁତ କରିବାକୁ ଚାହିଁବେ। ଦୀର୍ଘ ୧୬ ମାସ ପରେ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ପ୍ରଭାବିତ କରିବାରେ ଅସଫଳ ରହିଛନ୍ତି। ତେବେ ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ଉପଅଧିନାୟକ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚାହିଁବେ। ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିବା ରିଙ୍କୁ ସିଂ ଅନ୍ତିମ ମ୍ୟାଚ୍‌ରେ ଦଳର ବିଜୟରେ ଯୋଗଦାନ କରିବାକୁ ଚାହିଁବେ। ପଦାର୍ପଣ ପରଠାରୁ ହିଁ ରିଙ୍କୁ ଚମତ୍କାର ବ୍ୟାଟିଂ କରିଛନ୍ତି। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜର ଚମତ୍କାର ଫର୍ମ ବଜାୟ ରଖି ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଯଦି ଋତୁରାଜ ଗାଏକ୍ୱାଡ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ କିଏ ବାଦ୍ ପଡିବେ ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଗିଲ୍ ଓ ଜୟସ୍ୱାଲ ଦକ୍ଷିଣ ଆଫ୍ରିକୀୟ ପରିବେଶର ବାଉନ୍ସକୁ ମୁକାବିଲା କରିବାରେ ବିଫଳ ହୋଇଥିଲେ। ତେବେ ପାରମ୍ପରିକ ଭାବରେ ଜୋହାନ୍ସବର୍ଗର ରେକର୍ଡ ଭାରତ ସପକ୍ଷରେ ରହିଛି। ଟି୨୦ରେ ଏହି ଭେନ୍ୟୁରେ ଉଭୟ ଦଳ ୪ ଥର ସାମ୍ନାସାମ୍ନି ହୋଇଥିବାବେଳେ ଭାରତ ୩ ଥର ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଠିକ୍‌ଠାକ୍ ରହିଥିବା ବେଳେ ଏହାର ବୋଲିଂ ବେଶ୍ ଦୁର୍ବଳ ରହିଛି। ଅନ୍ତିମ ମ୍ୟାଚ୍‌ରେ ଏହି ଦୁର୍ବଳତା ସୁଧାରିବାକୁ ଦଳ ପ୍ରୟାସ କରିବ।

# ରାଉଣ୍ଡ ଅଫ୍-୧୬ରେ ଅଶ୍ୱିନୀ-ତନିଶା

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ। ୨୭ ଦେଶରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଏହି ସମ୍ମାନଜନକ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍-୧୬ରେ ପ୍ରକାଶ କରିଛନ୍ତି ଭାରତୀୟ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ। ଏହା ବ୍ୟତୀତ ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା ଓ ପୁରୁଷ ସିଙ୍ଗଲ୍ସରେ କିରଣ ଜର୍ଜ ମଧ୍ୟ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

କ୍ରମାଗତ ଦୁଇଟି ସୁପର-୧୦୦ ସିରିଜ୍ ଟୁର୍ନାମେଣ୍ଟ ବିଜୟୀ ହୋଇ ଆସିଥିବା ତଥା ବିଶ୍ୱ ମାନ୍ୟତାର ୨୪ ନମ୍ବର ସ୍ଥାନରେ ପହଞ୍ଚିଥିବା ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋଙ୍କ ଯୋଡି ୟୁଏଇର ଏଲିନା ଖାତୁନ ଓ ନୟୋନିକା ରାଜେଶଙ୍କୁ ୨୧-୭ ଓ ୨୧-୧୪ ସେଟରେ ପରାସ୍ତ କରିଛନ୍ତି। ପ୍ରଥମ ସେଟରେ ଭାରତୀୟ ଯୋଡି ଆରମ୍ଭରୁ ୧୧-୪ରେ ଅଗ୍ରଣୀ ହାସଲ କରିଥିଲେ। ଅଶ୍ୱିନୀ ଧୈର୍ଯ୍ୟପୂର୍ଣ୍ଣ ଶୈଳୀରେ ଖେଳିଥିବା ବେଳେ ତନିଶା ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ। ପ୍ରଥମ ସେଟ୍‌କୁ ୨୧-୭ରେ ଜିତିବା ପରେ ଦ୍ୱିତୀୟ ସେଟ୍‌ରେ ୟୁଏଇ ଯୋଡି ସାମାନ୍ୟ ସଂଘର୍ଷ କରିଥିଲେ। ଆରମ୍ଭରୁ ମ୍ୟାଚ୍ ୮-୮ ସ୍ଥିତିରେ ରହିଥିଲେ ମଧ୍ୟ ଭାରତୀୟ ଯୋଡି ୧୧-୮ରେ ଆଗୁଆ ରହିଥିଲେ। ନିଜ ଅଭିଜ୍ଞତାର ଉପଯୋଗ କରିବା ସହିତ ୨୧-୧୪ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ। ଅନ୍ୟତମ ମହିଳା ଡବଲ୍ସ ଯୋଡି ପଲକ ଅରୋରା ଓ ଉନ୍ନତି ହୁଡା ୨୧-୭ ଓ ୨୧-୧୩ରେ ନିଜ ଦେଶର ସିମରନ୍ ସିଙ୍ଘି ଓ ରିତିକା ଠାକେରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦିନର ପ୍ରଥମ ମିକ୍ସଡ ଡବଲ୍ସ ମ୍ୟାଚରେ ଅଶ୍ୱିନୀ ପୋନାପ୍ପା ଓ ରୋହନ କପୁର ବିଜୟ ହାସଲ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। ଉଭୟ ଖେଳାଳି ମାଲେସିଆର ଟିଙ୍ଗ ଶି ୱି ଓୟେନ୍ ଓ ଗାନ ଜିଙ୍ଗ ଏର୍‌ଙ୍କୁ ୨୧-୧୯ ଓ ୨୧-୧୫ ସେଟରେ ପରାସ୍ତ କରିଥିଲେ। ମହିଳା ସିଙ୍ଗଲ୍ସରେ ଟୁର୍ନାମେଣ୍ଟର ଟପ୍‌ସିଡ୍ ରହିଥିବା ଚାଇନିଜ ତାଇପେର ୱେନ୍ ଚି ହୁ ୨୧-୧୪, ୨୧-୧୪ରେ ୱିକ୍ଟୋରିଆ ଡାବଜିନସ୍କାଙ୍କୁ ପରାସ୍ତ କରିଥିଲେ।

ମହିଳା ସିଙ୍ଗଲ୍ସରେ ପ୍ରତିଭାବାନ ଉନ୍ନତି ହୁଡା ୨୧-୧୦ ଓ ୨୧-୮ରେ ଉଗାଣ୍ଡାର ହୁସିନା କୋବୁଗାବେଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଚିରାଗ୍ ସେନ୍ ୨୧-୧୨ ଓ ୨୧-୯ ସେଟ୍‌ରେ ସନିଥ୍ ଦୟାନନ୍ଦ ସିମୋଗାଙ୍କୁ ହରାଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ କିରଣ ଜର୍ଜ ୨୧-୧୨, ୧୦-୨୧ ଓ ୨୧-୧୨ ସେଟରେ ସତୀଶ କୁମାରଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ।

**ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍ମିଣ୍ଟନ**




ମ୍ୟାଚ ଅବସରରେ ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ।

## ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟରକୁ ବିନ୍ଦ୍ରାଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଓଡ଼ିଶାର କ୍ରୀଡା ଭିତ୍ତିଭୂମିରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ନିର୍ମାଣ କରାଯାଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିବା ବେଳେ ଏହାକୁ ଭୂରି ଭୂରି ପ୍ରଶଂସା କରିଛନ୍ତି ଭାରତର ସର୍ବପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ବିଜେତା ଶୁଟର ଅଭିନବ ବିନ୍ଦ୍ରା। ଏଠାକାର ବ୍ୟବସ୍ଥାକୁ ଅତ୍ୟନ୍ତ ଚମତ୍କାର ବୋଲି କହିବା ସହ ଏହା ସ୍ଥାନୀୟ କ୍ରୀଡା ପ୍ରତିଭାଙ୍କ ବିକାଶରେ ଉଲ୍ଲେଖନୀୟ ଅବଦାନ ଦେବ ବୋଲି ବିନ୍ଦ୍ରା ମତ ଦେଇଛନ୍ତି। ବିଶ୍ୱର ସମସ୍ତ ବଡ ବଡ ଦେଶଙ୍କ ନିକଟରେ ଏହି ସୁବିଧା ରହିଥିବା ବେଳେ ଓଡ଼ିଶାରେ ଏଭଳି ସୁବିଧା ଆମ ପାଇଁ ବେଶ୍ ଗର୍ବର ବିଷୟ। ମୋ ଖେଳିବା ସମୟରେ ମଧ୍ୟ ଏଭଳି ସୁବିଧା ଥିଲେ ପ୍ରଦର୍ଶନରେ ଆହୁରି ଉନ୍ନତି ଆସିପାରିଥାନ୍ତା ବୋଲି ସେ କହିଛନ୍ତି।

ଏହି ସେଣ୍ଟରରେ ଆଥ୍‌ଲେଟମାନଙ୍କ ରିହାବ ପାଇଁ ବିଭିନ୍ନ ଉନ୍ନତ ବୈଷୟିକ କୌଶଳ ବ୍ୟବସ୍ଥା ରହିଛି। ଏହା ମଧ୍ୟରେ ଅତ୍ୟାଧୁନିକ କ୍ରାୟୋଥେରାପି, ଫ୍ଲୋଟେଶନ୍ ଥେରାପି ଓ ଅଲ୍‌ଟ୍ୟୁଡ ଟ୍ରେନିଂ ଚାମ୍ବର ରହିଛି। ସେହିପରି ପାରା ଆଥ୍‌ଲେଟମାନଙ୍କ ପାଇଁ ରହିଥିବା ସୁବିଧା ମଧ୍ୟ ବିଶ୍ୱସ୍ତରୀୟ। ବ୍ୟକ୍ତିଗତ ଭାବରେ ମୁଁ କୌଣସି ସ୍ଥାନରେ ପାରା ଆଥ୍‌ଲେଟଙ୍କ ପାଇଁ ଏଭଳି ସୁବିଧା ଦେଖିନାହିଁ। ଓଡ଼ିଶା ଯେଉଁଭଳି ଭାବରେ ତୃଣମୂଳ ସ୍ତରରୁ କ୍ରୀଡା ଓ କ୍ରୀଡାବିତ୍‌ଙ୍କ ଉନ୍ନତି ପାଇଁ ପ୍ରୟାସ କରୁଛି ତାହା ପ୍ରଶଂସନୀୟ। ଏଠାରେ ଥିବା ସ୍ପୋର୍ଟିଂ ଇକୋସିଷ୍ଟମ ଅତ୍ୟନ୍ତ ଚମତ୍କାର ହୋଇଥିବା ବେଳେ ଆଗାମୀ ଦିନରେ ଏହା ରାଜ୍ୟ ତଥା ଦେଶରୁ ଅନେକ ଚାମ୍ପିୟନ ଆଥ୍‌ଲେଟ ସୃଷ୍ଟି କରିବାରେ ସମର୍ଥ ହେବ ବୋଲି କହିଛନ୍ତି ବିନ୍ଦ୍ରା।

# ସ୍ପିନ୍ ଉପରେ ଭାରତର ଭରସା

**ନଭି ମୁମ୍ବାଇ, ୧୩।୧୨ (ପି.ଟି.)**

ଟି୨୦ ସିରିଜରେ ଆଖିଦୃଶିଆ ପ୍ରଦର୍ଶନ ଦେବାରେ ବିଫଳ ହେବା ପରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ଖେଳିବା ପାଇଁ ପ୍ରସ୍ତୁତ ହେଉଛି ଭାରତୀୟ ମହିଳା କ୍ରିକେଟ ଦଳ। ଭାରତ ନିକଟରେ ଏକ ଚମତ୍କାର ସ୍ପିନ୍ ଆକ୍ରମଣ ରହିଥିବା ବେଳେ ଦଳ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଗୁରୁବାରଠାରୁ ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଏକମାତ୍ର ୪ ଦିନିଆ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ଯଦି ଉଭୟ ଦଳ ମଧ୍ୟରେ ଓଭରଅଲ ରେକର୍ଡ ଉପରେ ନଜର ପକାଇବା ତେବେ ଏହା ଭାରତ ସପକ୍ଷରେ ରହିଛି। ଉଭୟ ଦଳ ମହିଳା ଟେଷ୍ଟ ଇତିହାସରେ ୧୪ ଥର ପରସ୍ପର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଭାରତ

**ମହିଳା ଟେଷ୍ଟ**
**ମ୍ୟାଚ୍ ସ୍ଥାନ : ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମ**
**ସମୟ: ସକାଳ ୯.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

୨ ଥର ବିଜୟୀ ହୋଇଥିବା ବେଳେ ଇଂଲଣ୍ଡ ମାତ୍ର ଥରୁଟିଏ ବିଜୟୀ ହୋଇଛି। ତେବେ ଇତିମଧ୍ୟରେ ଇଂଲଣ୍ଡ ନିୟମିତ ଭାବରେ ଟେଷ୍ଟ ସିରିଜ୍ ଖେଳୁଥିବା ବେଳେ ଭାରତ ଶେଷ ଥର ପାଇଁ ୨୦୨୧ରେ ଏକ ଟେଷ୍ଟ ସିରିଜ୍ ଖେଳିଥିଲା। ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ଡ୍ର'ରେ ଶେଷ ହୋଇଥିଲା। ଏହି ମ୍ୟାଚ୍ ଶେଷ ହେବାର ୧୦ ଦିନ ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଏକ ଟେଷ୍ଟ ମ୍ୟାଚ୍ ଖେଳିବ ଭାରତ। ଭାରତ ଏହାର ଶେଷ ଦୁଇଟି ଟେଷ୍ଟ ଡ୍ର ରଖିଥିବା ବେଳେ ନିକଟରେ ଇଂଲଣ୍ଡ ପରାଜିତ ହୋଇଥିଲା। ଏହା ଭାରତୀୟ ଦଳକୁ ସାମାନ୍ୟ ଆତ୍ମବିଶ୍ୱାସ ପ୍ରଦାନ କରିବ।

ଭାରତ ପକ୍ଷରୁ ଦଳରେ ବେଙ୍ଗଲ ସ୍ପିନର ସାଇକା ଇଶାକ୍‌ଙ୍କୁ ସାମିଲ କରାଯାଇଛି। ଓମେନ୍ସ ପ୍ରିମିୟର ଲିଗ୍‌ରେ ୧୫ ଉଇକେଟ ନେବା ପରେ ନିକଟରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିଲା। କର୍ଣ୍ଣାଟକର ଟପ୍ ଅର୍ଡର ବ୍ୟାଟର ଶୁଭା ସତୀଶ ମଧ୍ୟ ପ୍ରଥମ ଥର ପାଇଁ ଟେଷ୍ଟ ଟିମ୍‌କୁ ଡାକରା ପାଇଛନ୍ତି। ଜେମିମା ରୋଡ୍ରିଗୁଏଜ୍ ଓ ହରଲିନ୍ ଦେଓଲ ଟେଷ୍ଟ ମ୍ୟାଚ୍ ଖେଳି ନ ଥିବା ବେଳେ ରିଚା ଘୋଷଙ୍କ ସ୍ଥାନରେ ୟାସ୍ତିକା ଭାଟିଆଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ। ରେଣୁକା ସିଂ ଠାକୁରଙ୍କ ଉପରେ ପେସ୍ ବୋଲିଂର ଭାର ରହିଥିବା ବେଳେ ଅଭିଜ୍ଞ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ସହିତ ସାଇକା ଇଶାକ୍‌ଙ୍କ କାନ୍ଧରେ ସ୍ପିନ ବୋଲିଂର ଭାର ରହିବ। ଇଂଲଣ୍ଡ ଦଳର ଏମା ଲାମ୍ବ ଆହତ ହୋଇଥିବା ବେଳେ ତାଙ୍କ ସ୍ଥାନରେ ମାୟା ବୌଚିୟର ଓ କ୍ରିଷ୍ଟି ଗର୍ଡନଙ୍କୁ ସାମିଲ କରାଯାଇଛି। ତେବେ ଅଭିଜ୍ଞ ଖେଳାଳି ନାଟାଲି ସିଭର ବ୍ରଣ୍ଟ, ହିଥର ନାଇଟ୍, ଡାନିଏଲ ୱାୟାଟ, କେଟ୍ କ୍ରସ୍ ଓ ସୋଫି ଏକେଲଷ୍ଟୋନଙ୍କ ନିକଟରୁ ଭଲ ପ୍ରଦର୍ଶନର ଆଶା କରିବ ଇଂଲଣ୍ଡ। ମହିଳା କ୍ରିକେଟରେ ଏହା ଇଂଲଣ୍ଡର ଶତକୀୟ ଟେଷ୍ଟ ହୋଇଥିବାରୁ ଦଳ ବିଜୟୀ ହେବାକୁ ପ୍ରୟାସ କରିବ।




ଟେଷ୍ଟ ଜର୍ସି ପରିହିତ (ଡାହାଣରୁ) ସ୍ନେହ ରାଣା, ମେଘନା ସିଂ ଓ ୟାସ୍ତିକା ଭାଟିଆ।

# ପୂର୍ବୀ କ୍ଷେତ୍ର ଆଇସିଏଆର୍ କ୍ରୀଡ଼ା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୧୨**
**(ତପନ ସ୍ୱାଇଁ)**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଖେଳ ପଡ଼ିଆରେ ପୂର୍ବୀ କ୍ଷେତ୍ର ଆଇସିଏଆର କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ଚଳିତ ମାସ ୧୬ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶ ଓ ଉତ୍ତର-ପୂର୍ବର ସମସ୍ତ ରାଜ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ ଥିବା ୨୬ ଅନୁଷ୍ଠାନରୁ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଉଦ୍ଭିଦ ବିବିଧତା ଏବଂ କୃଷକ ଅଧିକାର ପ୍ରାଧିକରଣର ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ତୀକ୍ଷ୍ଣ, ସନ୍ତୁଳିତ ଭାବପ୍ରବଣ ଏବଂ ସାମାଜିକ ଭାବରେ ସୁପରିଚାଳିତ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶରେ ପରିଣତ ହୁଏ ବୋଲି ଏହି ଅବସରରେ ସେ ପ୍ରକାଶ କରିଥିଲେ। ଏନ୍‌ଆର୍‌ଆର୍‌ଆଇ କଟକର ନିର୍ଦ୍ଦେଶକ ଅମରେଶ କୁମାର ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାରେ ହାଇଜମ୍ପ, ଲଙ୍ଗଜମ୍ପ, ଆଥ୍‌ଲେଟିକ୍ସ, ଶଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ବାସ୍କେଟବଲ, ଫୁଟ୍‌ବଲ, ଭଲିବଲ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କ୍ରିକେଟ, କବାଡ଼ି ଆଦି ଇଭେଣ୍ଟ ଅନୁଷ୍ଠିତ ହେବ। ଆୟୋଜକ କମିଟି ଅଧ୍ୟକ୍ଷ ଏମ୍.ଜେ. ବେଗ୍ ଅଂଶଗ୍ରହଣକାରୀ ଅନୁଷ୍ଠାନ ଏବଂ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମ୍ପାଦକ ପ୍ରତାପ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଚିତ୍ତାକର୍ଷକ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।






ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟ ଅବସରରେ ଅତିଥିମାନେ ଅଭିବାଦନ ଗ୍ରହଣ କରୁଛନ୍ତି।


ଅନୁଷ୍କା

# ପାଞ୍ଚ ବର୍ଷ ପରେ..

ଅନୁଷ୍କା ଶର୍ମାଙ୍କ ଖୁସି କହିଲେ ନ ସରେ। କାରଣ ସେ ଅଭିନୟ କରିଥିବା ବାୟୋପିକ୍ 'ଚକଡା ଏକ୍ସପ୍ରେସ୍' ଆସନ୍ତାବର୍ଷ ଜାନୁୟାରୀ ୧୦ରେ ରିଲିଜ ହେବାକୁ ଯାଉଛି। ଆଉ ସେ ବେଶ୍ ଉତ୍ସୁକତାର ସହ ଏହି ଦିନକୁ ଅପେକ୍ଷା କରି ରହିଛନ୍ତି। ଖାସ୍ କଥା ହେଲା ଦୀର୍ଘ ପାଞ୍ଚ ବର୍ଷର ଗ୍ୟାପ୍ ପରେ ସେ ବଡ଼ ପରଦାରେ ମୁହଁ ଦେଖାଇବେ। ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ଏହି ହିନ୍ଦୀ ସିନେମା। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି କର୍ଣ୍ଣେସ୍ ଶର୍ମା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପ୍ରୋସିତ୍ ରାୟ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା। ତେବେ ଏଭଳି ଭୂମିକାରେ ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଅତୀତରୁ

- ପଞ୍ଚସଖା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାଣିକଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତକାର ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି), ଡା. ସୁଖଲତା ଦାସ, ଯତୀନ ଦାସ, ଅକ୍ଷୟ ମହାନ୍ତି (କାଶ୍ୟପ) ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ସୌମେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଏବଂ ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସୂର୍ଯ୍ୟମୁଖୀ'ର ଗୀତଗୁଡିକୁ ସ୍ୱର ଦେଇଥିଲେ ଶାନ୍ତନୁ ମହାପାତ୍ର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୌମେନ୍ଦ୍ର, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର।
- ଓଡ଼ିଆ ଚିତ୍ର 'ଜୀବନସାଥୀ'ର ପ୍ରଯୋଜନା କରିଥିଲେ ଶ୍ରୀନିବାସ ପାଇକରାୟ। ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶରତ ପୂଜାରୀ, ସାମୁଏଲ ସାହୁ (ବାବି), ଗୀତା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

# କଥା ସମ୍ପର୍କର

ସମ୍ପର୍କ ଯେତେବେଳେ ମଧୁର ଥାଏ ସେତେବେଳେ ସେ ତାହାର ସ୍ନେହର ଡୋରିରେ ଅନେକଙ୍କୁ ବାନ୍ଧି ରଖିଥାଏ। ହେଲେ ଯେତେବେଳେ ଏଥିରେ ତିକ୍ତତା ଦେଖିବାକୁ ମିଳେ ସେତେବେଳେ ପରିସ୍ଥିତି ଅଲଗା ପ୍ରକାର ହୋଇଯାଏ। ସେଭଳି ଏକ ଭିନ୍ନଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ'। ରୂପେଶ କୁମାର ଏହି ଫିଲ୍ମରୁ ନିଜର ବଡ଼ ପରଦାରେ ପ୍ରଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ)। ତା'ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଜେଜେଏନ୍‌ଜେ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଖାସ୍ କଥା ହେଲା, ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଆକାଶ ଦାସନାୟକ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ଏଲିନା ସାମନ୍ତରାୟ, ଲିପ୍ସା ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଣ୍ଟୁ, ସନ୍ତୁ, ମିଲନ ଏବଂ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି ଏବଂ ଆସନ୍ତା ଜାନୁୟାରୀରେ ଏହା ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


ଏଲିନା

# ବିକିନି ପାଇଁ ଟେନ୍‌ସନ୍

ନୋରା ଫତେହି ଏବେ ପ୍ୟାରିସ ଯାଇଛନ୍ତି। ସେଠାରେ ସେ ପାଖାପାଖି ଦୁଇ ସପ୍ତାହ ରହିବେ। ହେଲେ ଅସଲ କଥା ହେଲା ବିକିନିକୁ ନେଇ ସେ ଟେନ୍‌ସନରେ ଅଛନ୍ତି। ନିକଟରେ ସେ ତାଙ୍କର କେତୋଟି ବୋଲ୍ଡ ଅବତାରବିଶିଷ୍ଟ ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତା' ଭିତରେ କେତୋଟି ବିକିନିପିନ୍ଧା ଫଟୋ ରହିଛି। ବର୍ତ୍ତମାନ ସେହି ଫଟୋଗୁଡିକ ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ନୋରା କହନ୍ତି, 'ମୋର ବୋଲ୍ଡ ତଥା ବିକିନିପିନ୍ଧା ଫଟୋକୁ ନେଇ କାହିଁକି ଏତେ ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି ବୋଲି କେହି କେହି କହୁଛନ୍ତି। ହେଲେ ଅସଲ କଥା ହେଲା, ଏକ ବିଜ୍ଞାପନର ଶୁଟିଂ ସମୟରେ ମୋତେ ଏପରି ଗେଟ୍‌ଅପ୍ ନେବାକୁ ପଡିଥିଲା। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି। ଅନ୍ୟପକ୍ଷରେ ନୋରାଙ୍କ ହାତରେ ଏବେ ତିନୋଟି ସିନେମା-ମଡଗାଓଁ ଏକ୍ସପ୍ରେସ', 'କ୍ରାକ୍' ଏବଂ 'ମଟକା' ରହିଛି। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ରୋର୍ : ଟାଇଗର୍ସ ଅଫ୍ ସୁନ୍ଦରବନ୍‌ସ'ରୁ। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ହେଉଛି 'ଆକ୍ସନ ହିରୋ' ଯେଉଁଥିରେ ସେ ଏକ ଗୀତରେ ନାଚୁଥିବାର ଦେଖିବାକୁ ମିଳିଥିଲା।

# ଜୁନିୟର ଏନ୍‌ଟିଆର୍‌ଙ୍କ ପ୍ରଶଂସାରେ ଜାହ୍ନବୀ


ଜାହ୍ନବୀ

ଜାହ୍ନବୀ କପୁରଙ୍କ ମୁହଁରେ ଏବେ କେବଳ ଅନ୍ୟତମ ଲୋକପ୍ରିୟ ଅଭିନେତା ଜୁନିୟର ଏନ୍‌ଟିଆର୍‌ଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏହାର କାରଣ କ'ଣ ଜାଣନ୍ତି ? ଏହି ଯୋଡି ନିର୍ମାଣାଧୀନ ତେଲୁଗୁ ସିନେମା 'ଦେବାରା-୧'ରେ ଅଭିନୟ କରୁଛନ୍ତି। ଜୁନିୟର ଏନ୍‌ଟିଆର୍ ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏ ନେଇ ଜାହ୍ନବୀ କହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ମୁଁ କିଛି ଚିନ୍ତା ନ କରି ରାଜି ହୋଇଯାଇଥିଲି। କାରଣ ଏହାର କାହାଣୀ ମୋତେ ଏତେ ଇମ୍ପ୍ରେଶ କରିଥିଲା ଯେ, ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଏହା ବ୍ୟତୀତ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କୋରାଟାଲା ଶିବା। ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଜୁନିୟର ଏନ୍‌ଟିଆର୍ ଏବଂ ଜାହ୍ନବୀଙ୍କ ବ୍ୟତୀତ ଏଥିରେ ସୈଫ ଅଲ୍ଲୀ ଖାଁ, ପ୍ରକାଶ ରାଜ, ଶ୍ରୀକାନ୍ତ, ମୁରଲୀ ଶର୍ମାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୫ରେ ପରଦା ଉପରକୁ ଆସିବ।

# ନୂଆ ଯୋଜନା

ଦିଶା ପଟାନିଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ସେ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଦିଶା କହନ୍ତି, 'କୋଭିଡ୍ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିଥିଲି। ବିଶେଷଭାବରେ ହଲିଉଡ୍‌ର ଆକ୍ସନଭିତ୍ତିକ ସିନେମା ମୋତେ ବେଶ୍ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ଅକ୍ଷୟ କୁମାରଙ୍କ ଆକ୍ସନଭିତ୍ତିକ ସିନେମା ମୋତେ ମଧ ବେଶ୍ ପ୍ରେରଣା ଯୋଗାଇଛି। ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ମଧ ଦୁର୍ବଳତା ଥିଲା। ଆଉ ଏବେ ଯଦି ସେପରି ଭୂମିକା ମିଳେ ତେବେ ମୋର ଦୀର୍ଘ ଦିନର ଆଶା ପୂରଣ ହେବ। ତେବେ ଦିଶାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ବାକି ରହିଲା। ଦିଶାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର'ରୁ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଏମ.ଏସ.ଧୋନି: ଦ ଅନଟୋଲ୍ଡ ଷ୍ଟୋରି'।


ନୋରା


ଦିଶା

# ଖୋଜିବା ଚିଜ ମିଳିଗଲା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନିଜ ବଡ଼ ପରଦା କ୍ୟାରିୟରରେ ସେ ଯେଉଁଭଳି ଭୂମିକାଟିଏ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ହଁ, ସେ ହେଲେ ସମ୍ବିତ ଆଉ ସିନେମାଟି ହେଲା 'ହେ ରାମ: କର୍ମ ହିଁ ଭଗବାନ୍'। ଏହାର ପ୍ରଯୋଜନା


ସମ୍ବିତ

କରିଛନ୍ତି ବିଜୟ କାଣ୍ଡୋଇ। ବିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମଟିକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି ସେ। ଏଥିରେ ଦର୍ଶକ ତାଙ୍କୁ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଧର୍ମାନ୍ତରୀକରଣକୁ ନେଇ ଏହାର କାହାଣୀ ଗତିଶୀଳ।' ଏଥିରେ ଆଲୀନ ଅଙ୍କିତା, ପପି ସନ୍ତୁକା, ଗୁଡ୍ଡୁ, ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।

ନୂଆ ସିନେମା

# ବାଉଁଶ ରାଣୀ

ଦିନ ଥିଲା ବାଉଁଶରାଣୀ ଖେଳ ଗାଁ ଗହଳିରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ଏହାକୁ ପେସା କରି କେତେଜଣ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସେହିଭଳି ଏକ ଶୀର୍ଷକ 'ବାଉଁଶ ରାଣୀ'କୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା। ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବିଗତ ଦିନର ଅଭିନେତା ମନୁ ଦ୍ୱିବେଦୀ। ପୂର୍ବରୁ ସେ ଓଡ଼ିଆ ଚିତ୍ର 'ଦାଦାଗିରି'ରେ ନାୟକ ଭୂମିକାରେ ଅଭିନୟ


ମନୁ

କରିଥିଲେ। ମନୁ ଦ୍ୱିବେଦୀ ଫିଲ୍ମ ବ୍ୟାନରରେ ଏହାର ନିର୍ମାଣ କରାଯାଇଛି। ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି ଅନୁପ ଦ୍ୱିବେଦୀ। ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି ମନୁ, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଶାନ୍ତନୁ ନାୟକ। ସରୋଜ କାନ୍ତଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ବିଶ୍ୱରୂପ, ବୁଲବୁଲି, ବିଦୁସ୍ମିତା, ରାନୁ ପାଢ଼ୀ, କାଳୀଚରଣ ଏବଂ ଶିଶୁ କଳାକାର ବିଶ୍ୱନବି। ଖାସ୍ କଥା ହେଲା, ଏଥିରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖାଦେବେ ମନୁ। ଫିଲ୍ମଟିର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ Bhubaneswar, Thursday, December 14/ 2023

# ଜଗରନଟ୍ସ-ୱାରିୟର୍ସ ଉଦ୍‌ଘାଟନୀ ମୁକାବିଲା



ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)
କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଯାଉଥିବା ଅଲ୍‌ଟିମେଟ୍ ଖୋ ଖୋ (ୟୁକେକେ) ସିଜନ-୨ର କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ତଦନୁସାରେ ଚଳିତ ମାସ ୨୪ ତାରିଖରେ ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୨୦୨୪ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ପ୍ରଥମ ଦିବସର ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ

**ଅଲ୍‌ଟିମେଟ ଖୋ ଖୋ**

ଖିଲାଡିଜ୍‌କୁ ଭେଟିବ ଗତ ସଂସ୍କରଣର ରନରଅପ୍ ତେଲୁଗୁ ଯୋଦ୍ଧାସ। ଜାନୁୟାରୀ ୯ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଏହା ମଧ୍ୟରେ ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ।

ସ୍ୱଦେଶୀ କ୍ରୀଡା ଖୋ ଖୋକୁ ପୁନର୍ଜୀବିତ ଓ ପ୍ରୋତ୍ସାହିତ କରିବା ପାଇଁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନଙ୍କ ଦ୍ୱାରା ପ୍ରୋତ୍ସାହିତ ୟୁକେକେ ଅଧିକ ଯୋଜନାବଦ୍ଧଭାବେ ଆୟୋଜନ ହେବାକୁ ଯାଉଛି। ବିଶେଷ କରି ପ୍ରଥମ ସଂସ୍କରଣର ସଫଳତା ଆୟୋଜକଙ୍କୁ ଅଧିକ ଉତ୍ସାହିତ କରିଛି। ୟୁକେ ଭିତ୍ତିକ ବିଏନ୍‌ବି ଗ୍ରୁପ୍ ସ୍ୱଦେଶୀ ବିକାଶର କାହାଣୀକୁ ସୁଦୃଢ଼ କରିବା ପାଇଁ ଅଲ୍ଟିମେଟ ଖୋ ଖୋରେ ନିବେଶ କରିଛି। ଅଲ୍ଟିମେଟ ଖୋ ଖୋ ସିଜନ-୨ରେ ଭାରତର ଶୀର୍ଷ ୧୪୫ ଖେଳାଳି ସାମିଲ ହୋଇଛନ୍ତି। ୬ଟି ଫ୍ରାଞ୍ଚାଇଜ୍ ଦଳ ଡିଫେଣ୍ଡିଂ ଚାମ୍ପିଅନ ଓଡିଶା ଜଗରନଟ୍ସ (ଓଡ଼ିଶା ସରକାରଙ୍କ ମାଲିକାନା), ଚେନ୍ନାଇ କୁଇକ୍ ଗନ୍‌ସ (କେଏଲ୍‌ଓ ସ୍ପୋର୍ଟ୍ସ), ଗୁଜରାଟ ଜାଏଣ୍ଟ୍ସ (ଅଦାନି ସ୍ପୋର୍ଟ୍ସଲାଇନ୍), ମୁମ୍ବାଇ ଖିଲାଡିଜ୍ (ଜାହ୍ନବୀ ଧରିୱାଲ ବାଲାନ, ପୁନିତ ବାଲାନ ଓ ବାଦଶାହ), ରାଜସ୍ଥାନ ୱାରିୟର୍ସ (କାପ୍ରି ଗ୍ଲୋବାଲ ଗ୍ରୁପ୍) ଓ ତେଲୁଗୁ ଯୋଦ୍ଧାସ (ଜିଏମ୍‌ଆର୍ ସ୍ପୋର୍ଟ୍ସ) ୨ୟ ସିଜନରେ ଟାଇଟଲ ପାଇଁ ଲଢେଇ କରିବେ। ଲିଗ୍‌ର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହା ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବ। ମେଗା ଫାଇନାଲ ଜାନୁୟାରୀ ୧୩ରେ ଅନୁଷ୍ଠିତ ହେବ। "ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ଆରମ୍ଭକୁ ନେଇ ଆମେ ଉତ୍କଣ୍ଠାରେ ଅଛୁ। ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ, ନୂଆ ପ୍ରତିଭାଙ୍କ ସମାଗମ ଏବଂ ଦର୍ଶକଙ୍କ ଉପସ୍ଥିତିରେ ଆମେ ଏଥର ପ୍ରତିଯୋଗିତାକୁ ଅଧିକ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛୁ। ଏଥିରେ ଖେଳାଳିମାନେ ନିଜର ଦକ୍ଷତା ଏବଂ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଭାରତରେ ସ୍ପୋର୍ଟ୍ସ ଇକୋସିଷ୍ଟମ ବିକାଶରେ ଏହା ନିଶ୍ଚିତ ସହାୟକ ହେବ" ବୋଲି ଅଲ୍‌ଟିମେଟ ଖୋ ଖୋର ନିର୍ଦ୍ଦେଶକ ତଥା ସିଓଓ ବିଶାଲ ଶର୍ମା ପ୍ରକାଶ କରିଛନ୍ତି। ମ୍ୟାଚ ଗୁଡ଼ିକ ସୋନି ସ୍ପୋର୍ଟ୍ସ ନେଟୱର୍କ ଚ୍ୟାନେଲରେ ସନ୍ଧ୍ୟା ୭ଟାରୁ ପ୍ରସାରିତ ହେବ। ପ୍ରକାଶ ଯୋଗ୍ୟ ଯେ, ଗତବର୍ଷ ଏହାର ପ୍ରଥମ ସଂସ୍କରଣ ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

# ନୀତା ଏଫ୍ଏ, ଓଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା):** କଟକର ବିଡାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ୟୁଥ୍ ଲିଗ୍‌ରେ ବିଜୟୀ ହୋଇଛନ୍ତି ନୀତା ଏଫ୍ଏ ଓ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୧୩ ବର୍ଷରୁ କମ୍ ବୟସ ବର୍ଗ ମ୍ୟାଚ୍‌ରେ ନୀତା ଏଫ୍ଏ ୬-୦ ଗୋଲରେ ଚାନ୍ଦ କ୍ଲବକୁ ପରାସ୍ତ କରିଥିବା ବେଳେ ୧୫ ବର୍ଷରୁ କମ୍ ବୟସ ବର୍ଗ ମ୍ୟାଚ୍‌ରେ ଓଏଫ୍‌ସି ୪-୦ ଗୋଲରେ କିଶୋର କ୍ଲବକୁ ହରାଇଛି। ପ୍ରଥମ ମ୍ୟାଚ୍‌ରେ ନୀତା ଏଫ୍ଏ ପକ୍ଷରୁ ଅମନ ଟପ୍ପୋ(୧୪, ୨୪) ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ସୋଲେ(୨୦), ମୃତ୍ୟୁଞ୍ଜୟ ସିଂ ଗୁରୁଙ୍ଗ(୧୦), ସଞ୍ଜୀପ ନାଏକ(୪୯) ଓ ଦୀପକ କୁମାର ସିଂ ୪୫ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଏଫ୍‌ସି ଗଣେଶ ମାଝିଙ୍କ ହ୍ୟାଟ୍ରିକ୍ ବଳରେ ୪-୦ରେ ବିଜୟୀ ହୋଇଥିଲା। ଗଣେଶ ମ୍ୟାଚର ୩୯, ୪୮ ଓ ୫୯ ମିନିଟରେ ୩ଟି ଓ ଅଂଶୁ କୁମାର ବାରିକ ୨୩ ମିନିଟରେ ଗୋଲ ଦେଇଥିଲେ।




ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସର ଶକ୍ତି ଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ଓଡ଼ିଶାର ଗଦାଧର ସାହୁ। ସେ ୫୯ କେଜି ବର୍ଗରେ ୧୪୦ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଗେମ୍ସରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ପାଇଛି।

# ହଲ୍ ଅଫ୍ ଫେମ୍‌ରେ ପେସ୍, ଅମ୍ରିତରାଜ

ନୂଆଦିଲ୍ଲୀ, ୧୩।୧୨ (ପି.ଟି.)
ଦୁଇ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଓ ବିଜୟ ଅମ୍ରିତରାଜଙ୍କୁ ଇଣ୍ଟରନ୍ୟାଶନାଲ ଟେନିସ୍‌ର ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଉଭୟ ପ୍ରଥମ ଏସୀୟ ପୁରୁଷ ଖେଳାଳି ଭାବେ ଏହି ତାଲିକାରେ ସାମିଲ ହୋଇଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ବରିଷ୍ଠ ସାମ୍ବାଦିକ ରିଚାର୍ଡ ଏଭାନ୍ସଙ୍କୁ ମଧ୍ୟ ଟେନିସ୍‌ର ଅଲ୍ଟିମେଟ୍ ପ୍ରତିନିଧିତ୍ୱ କରିବା ପରେ ଏହି ସମ୍ମାନ ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ଏହା କେବଳ ମୋ ପାଇଁ ନୁହେଁ ବରଂ କୋଟି କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ ବୋଲି ପେସ୍ କହିଛନ୍ତି। ଜୀବନବ୍ୟାପୀ ସଂଘର୍ଷ ପାଇଁ ଏହା ପୁରସ୍କାର ବୋଲି ପେସ୍ କହିଛନ୍ତି। ଏହା ଏସିଆ ମହାଦେଶର ଅନ୍ୟ ଯୁବ ଖେଳାଳିମାନଙ୍କୁ ଟେନିସ୍‌ରେ କ୍ୟାରିୟର କରିବା ପାଇଁ ଟାଇଟଲର ରେକର୍ଡ ପାଇଁ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ବେଳେ ଓପନ ଏରାରେ କେବଳ ସେ ଓ ମାର୍ଟିନା ହିଙ୍ଗିସ୍ କ୍ୟାରିୟର ସ୍ଲାମ୍ ପୂରଣ କରିଛନ୍ତି। ପେସ୍ ଦୀର୍ଘ ୪୬୨ ସପ୍ତାହ ଟପ୍ ଟେନ୍ ମଧ୍ୟରେ ରହିଥିବା ବେଳେ ୩୭ ସପ୍ତାହ ଧରି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ସେ ୫୫ଟି ଡବଲ୍ସ ଟାଇଟଲ ମଧ୍ୟ ହାସଲ



ଲିଆଣ୍ଡର ପେସ୍




ବିଜୟ ଅମ୍ରିତରାଜ

ଅନର ପାଇଁ ମନୋନୀତ କରାଯାଇଛି। ଡବଲ୍ସରେ ପୂର୍ବତନ ବିଶ୍ୱର ଏକ ନମ୍ବର ତଥା ୧୮ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପେସ୍‌ଙ୍କୁ ଖେଳାଳି ଭାବରେ ସାମିଲ କରାଯାଇଥିବା ବେଳେ ଅମ୍ରିତରାଜଙ୍କୁ କ୍ରୀଡା ପ୍ରତି ଥିବା ଅବଦାନ ପାଇଁ ମନୋନୀତ କରାଯାଇଛି। ୨୭ ରାଷ୍ଟ୍ରର ୨୬୪ ଖେଳାଳି ଏହି ଏଲିଟ୍ ତାଲିକାରେ ସାମିଲ ଥିବାବେଳେ ୨୮ତମ ରାଷ୍ଟ୍ର ଭାବେ ଭାରତ ଏହି ତାଲିକାରେ ସାମିଲ ହୋଇଛି।

ଦୀର୍ଘ ୩୦ ବର୍ଷ ଧରି ଦେଶ ପାଇଁ ଆଗ୍ରହୀ କରିବ ବୋଲି ସେ କହିଛନ୍ତି। ୩୦ ବର୍ଷର ଲମ୍ବା କ୍ୟାରିୟରରେ ବିଶ୍ୱ ର‍୍ୟାଙ୍କିଙ୍ଗରେ ସେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ସମୁଦାୟ ୧୮ ଗ୍ରାଣ୍ଡ ସ୍ଲାମ ହାସଲ କରିଥିଲେ। ଏହା ମଧ୍ୟରେ ଡବଲ୍ସରେ ୮ ଓ ସିଙ୍ଗଲ୍ସରେ ୧୦ ଟାଇଟଲ୍ ସାମିଲ ରହିଛି। ବିଶ୍ୱର ମାତ୍ର ୩ ଜଣ ଖେଳାଳି କ୍ୟାରିୟର ଗ୍ରାଣ୍ଡ ସ୍ଲମ ହାସଲ କରିଥିବା ବେଳେ ପେସ୍ ଏହା ମଧ୍ୟରେ ଅନ୍ୟତମ। ମାର୍ଟିନା ନାଭ୍ରାତିଲୋଭାଙ୍କ ସହିତ ସର୍ବାଧିକ ମିକ୍ସଡ ଡବଲ୍ସ କରିଛନ୍ତି। ଡେଭିସ୍ କପ୍‌ରେ ୪୫ଟି ଡବଲ୍ସ ମ୍ୟାଚ୍ ବିଜୟର ରେକର୍ଡ ନିଜ ନାମରେ ରଖିଥିବା ବେଳେ କ୍ରମାଗତ ୭ଟି ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ଏପରିକି ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସର ସିଙ୍ଗଲ୍ସ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଆଇଟିଏଚ୍ଏଫ୍‌ର ସଭାପତି କିମ୍ କ୍ଲାଇଷ୍ଟର୍ସ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ଲିଆଣ୍ଡର ପେସ୍, ବିଜୟ ଅମ୍ରିତରାଜ ଓ ରିଚାର୍ଡ ଏଭାନ୍ସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅର୍ଜୁନ ପୁରସ୍କାର ଦୌଡ଼ରେ ଶାମି

ନୂଆଦିଲ୍ଲୀ, ୧୩।୧୨ (ପି.ଟି.)
ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମ ଚଳିତ ବର୍ଷର ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଶାମିଙ୍କ ନାମ ସୁପାରିସ କରିଛି।



୩୩ ବର୍ଷୀୟ ଶାମି ଚଳିତ ବର୍ଷର ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ମେଗା ଇଭେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲା। ଦେଶର ଏହି ଦ୍ୱିତୀୟ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ପାଇଁ ମୂଳ ତାଲିକାରେ ଶାମିଙ୍କ ନାମ ନ ଥିଲା। ପରେ ବିସିସିଆଇ ପକ୍ଷରୁ କ୍ରୀଡ଼ା ମନ୍ତ୍ରଣାଳୟକୁ ସ୍ୱତନ୍ତ୍ରଭାବେ ଅନୁରୋଧ କରାଯାଇଥିଲା। ଗତ ବିଶ୍ୱକପ୍‌ରେ ଶାମି ୭ ମ୍ୟାଚ ଖେଳି ୨୪ଟି ଉଇକେଟ ନେଇଥିଲେ। ଫଳରେ ଅଗ୍ରଣୀ ଉଇକେଟ ହାସଲକାରୀଙ୍କ ମଧ୍ୟରେ ସେ ସ୍ଥାନ ପାଇଥିଲେ। ଭାରତର ପ୍ରଥମ ୪ ଗେମ୍‌ରେ ସେ ଚୂଡ଼ାନ୍ତ ଦଳରେ ସ୍ଥାନ ପାଇ ନ ଥିବାବେଳେ ପରେ ସୁଯୋଗର ଭରପୂର ସଦୁପଯୋଗ କରିଥିଲେ। ମେଜର ଧ୍ୟାନ ଚାନ୍ଦ, ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଏକ ୧୨ ସଦସ୍ୟ ବିଶିଷ୍ଟ ଚୟନ କମିଟି ଗଠନ କରାଯାଇଛି। ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ଏ.ଏମ୍. ଖାନ୍‌ୱିଲକର ଏହି କମିଟିର ମୁଖ୍ୟ ଅଛନ୍ତି। ତାଙ୍କ ବ୍ୟତୀତ ୬ ଜଣ ପୂର୍ବତନ ଅନ୍ତର୍ଜାତୀୟ ଆଥ୍‌ଲେଟ ହକି କିମ୍ବଦନ୍ତୀ ଧନରାଜ ପିଲେ, ଟେବୁଲ ଟେନିସ ଖେଳାଳି କମଲେଶ ମେହଟା, ବକ୍ସର ଅଖିଳ କୁମାର, ମହିଳା ଶୁଟର ତଥା ବର୍ତ୍ତମାନ ଜାତୀୟ କୋଚ୍ ଶୁମା ଶିରୁର, ପୂର୍ବତନ ମହିଳା କ୍ରିକେଟର ଅଞ୍ଜୁମ ଚୋପ୍ରା, ବ୍ୟାଡ୍‌ମିଣ୍ଟନ ଖେଳାଳି ତୃପ୍ତି ମୁରଗୁଣ୍ଡେ ଏବଂ ଶକ୍ତିଉତ୍ତୋଳକ ଫରମାନ ପାଶା ଏହି କମିଟିରେ ରହିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ମାସ ୨୬ରୁ ସେଞ୍ଚୁରିଅନଠାରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ପରେ ଜାନୁୟାରୀ ୩ରୁ କେପ୍ ଟାଉନ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ଏଥିରେ ଶାମି ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି।

## ଅଲ୍‌ଟିମେଟ ଖୋ ଖୋ କାର୍ଯ୍ୟସୂଚୀ

### ଅଂଶଗ୍ରହଣକାରୀ ଦଳ

**ଓଡ଼ିଶା ଜଗରନଟ୍ସ, ଚେନ୍ନାଇ କୁଇକ୍ ଗନ୍‌ସ, ଗୁଜରାଟ ଜାଏଣ୍ଟ୍ସ, ମୁମ୍ବାଇ ଖିଲାଡିଜ୍, ରାଜସ୍ଥାନ ୱାରିୟର୍ସ, ତେଲୁଗୁ ଯୋଦ୍ଧାସ**

| ତାରିଖ | ମ୍ୟାଚ |
|---|---|
| ଡିସେମ୍ବର ୨୪ | ଓଡ଼ିଶା ଜଗରନଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| | ତେଲୁଗୁ ଯୋଦ୍ଧାସ ବନାମ ମୁମ୍ବାଇ ଖିଲାଡିଜ୍ |
| ଡିସେମ୍ବର ୨୫ | ରାଜସ୍ଥାନ ୱାରିୟର୍ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ତେଲୁଗୁ ଯୋଦ୍ଧାସ |
| ଡିସେମ୍ବର ୨୬ | ଗୁଜରାଟ ଜାଏଣ୍ଟ୍ସ ବନାମ ମୁମ୍ବାଇ ଖିଲାଡିଜ |
| | ଓଡ଼ିଶା ଜଗରନଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| ଡିସେମ୍ବର ୨୭ | ତେଲୁଗୁ ଯୋଦ୍ଧାସ ବନାମ ରାଜସ୍ଥାନ ୱାରିୟର୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଓଡ଼ିଶା ଜଗରନଟ୍ସ |
| ଡିସେମ୍ବର ୨୯ | ରାଜସ୍ଥାନ ୱାରିୟର୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ଗୁଜରାଟ ଜାଏଣ୍ଟ୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଡିସେମ୍ବର ୩୦ | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ମୁମ୍ବାଇ ଖିଲାଡିଜ |
| | ଓଡ଼ିଶା ଜଗରନଟ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଡିସେମ୍ବର ୩୧ | ତେଲୁଗୁ ଯୋଦ୍ଧାସ ବନାମ ଓଡ଼ିଶା ଜଗରନଟ୍ସ |
| | ରାଜସ୍ଥାନ ୱାରିୟର୍ସ ବନାମ ମୁମ୍ବାଇ ଖିଲାଡିଜ |
| ଜାନୁୟାରୀ ୧ | ଗୁଜରାଟ ଜାଏଣ୍ଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ରାଜସ୍ଥାନ ୱାରିୟର୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଜାନୁୟାରୀ ୨ | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ଓଡ଼ିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଜାନୁୟାରୀ ୩ | ମୁମ୍ବାଇ ଖିଲାଡିଜ୍ ବନାମ ତେଲୁଗୁ ଯୋଦ୍ଧାସ |
| | ରାଜସ୍ଥାନ ୱାରିୟର୍ସ ବନାମ ଓଡ଼ିଶା ଜଗରନଟ୍ସ |
| ଜାନୁୟାରୀ ୫ | ତେଲୁଗୁ ଯୋଦ୍ଧାସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ଗୁଜରାଟ ଜାଏଣ୍ଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| ଜାନୁୟାରୀ ୬ | ଗୁଜରାଟ ଜାଏଣ୍ଟ୍ସ ବନାମ ଓଡ଼ିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| ଜାନୁୟାରୀ ୭ | ମୁମ୍ବାଇ ଖିଲାଡିଜ୍ ବନାମ ରାଜସ୍ଥାନ ୱାରିୟର୍ସ |
| | ଓଡ଼ିଶା ଜଗରନଟ୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଜାନୁୟାରୀ ୮ | ତେଲୁଗୁ ଯୋଦ୍ଧାସ ବନାମ ଗୁଜରାଟ ଜାଏଣ୍ଟ୍ସ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ରାଜସ୍ଥାନ ୱାରିୟର୍ସ |
| ଜାନୁୟାରୀ ୯ | ଓଡ଼ିଶା ଜଗରନଟ୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଜାନୁୟାରୀ ୧୧ | ପ୍ରଥମ ସେମିଫାଇନାଲ |
| | ଦ୍ୱିତୀୟ ସେମିଫାଇନାଲ |
| ଜାନୁୟାରୀ ୧୩ | ତୃତୀୟ ସ୍ଥାନପାଇଁ ମ୍ୟାଚ |

### ଫାଇନାଲ

**(ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, କଟକ। ପ୍ରତି ଦିବସର ପ୍ରଥମ ମ୍ୟାଚ ସନ୍ଧ୍ୟା ୭ଟାରୁ ଆରମ୍ଭ। ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ)।**




ନେପାଳର ବିନିତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ତୃତୀୟ ଟି୨୦ରେ ଭାରତ ପରାସ୍ତ

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ):** ମୁମ୍ବାଇରେ ଚାଲିଥିବା ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ସିରିଜର ବୁଧବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭାରତ ୧୦ ଉଇକେଟରେ ନେପାଳଠାରୁ ହାରିଯାଇଛି। ଫଳରେ ଏହି ଦ୍ୱିପାକ୍ଷିକ ସିରିଜରେ ଭାରତ ଏବେ

**ଦୃଷ୍ଟିବାଧିତ ମହିଳା କ୍ରିକେଟ**


୨-୧ରେ ଅଗ୍ରଣୀ ରହିଛି। ପୋଲିସ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୧୭୪ ରନ କରିଥିଲା। ଦଳ ପକ୍ଷରୁ ସିମୁ ଦାସ ୮୪ ରନକରି ଅପରାଜିତ ରହିଥିଲେ। ଓଡ଼ିଶାର ଫୁଲ ସୋରେନଙ୍କ ସମେତ ଭାରତର ୪ ଜଣ ଯାକ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ଜବାବରେ ନେପାଳ କୌଣସି ଉଇକେଟ ନ ହରାଇ ୧୯.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିନିତା ୭୮ ଓ ମୀନାକ୍ଷୀ ୭୫ ରନକରି ଅପରାଜିତ ରହିଥିଲେ। ଏ ଦୁଇଜଣଙ୍କ ଉପରେ ଭାରତୀୟ ବୋଲର କୌଣସି ପ୍ରଭାବ ପକାଇପାରି ନ ଥିଲେ। ବିନିତା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


## ଜନ୍ମଦିନ ବିଶେଷାଙ୍କ
## ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ